- Vol.- 45, Issue No. 309
- Monday, 09 February 2026
- ସୋମବାର, ୦୯ ଫେବୃଆରୀ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ମାର୍ଚ୍ଚ ସୁଦ୍ଧା ନକ୍ସଲବାଦର ହେବ ଅନ୍ତ




- ଆତ୍ମସମର୍ପଣ ନୀତି ସକାରାତ୍ମକ ଫଳାଫଳ ଦେଇଛି
- ଛତିଶଗଡ଼ର ଯୁବପିଢ଼ି ପ୍ରଗତିକୁ ତ୍ୱରାନ୍ୱିତ କରୁଛନ୍ତି
- ଉଚ୍ଚସ୍ତରୀୟ ସୁରକ୍ଷା ସମୀକ୍ଷା ବୈଠକରେ ଅମିତ ଶାହ

ରାୟପୁର,୮।୨: କେନ୍ଦ୍ର ସରକାରଙ୍କ ଦ୍ୱାରା ମାର୍ଚ୍ଚ ୩୧, ୨୦୨୬ ପର୍ଯ୍ୟନ୍ତ ସଶସ୍ତ୍ର ବାମପନ୍ଥୀ ଉଗ୍ରବାଦ ସମାପ୍ତ କରିବାର ସମୟସୀମା ପାଇଁ ମାତ୍ର ୫୧ ଦିନ ବାକି ଥିବା ବେଳେ,କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଏଠାରେ ରବିବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ସୁରକ୍ଷା ସମୀକ୍ଷା ଶୃଙ୍ଖଳାର ସହ ଶେଷ ହୋଇଛି। ବସ୍ତର ପାଇଁ ବିକାଶ ଏବଂ ଜୀବିକା ପୁନଃନିର୍ମାଣକୁ ତ୍ୱରାନ୍ୱିତ କରିବା ସହିତ ଅବଶିଷ୍ଟ ନକ୍ସଲ ନେଟୱାର୍କଗୁଡ଼ିକୁ ଭାଙ୍ଗିବା ପାଇଁ ଏକ ଅନ୍ତିମ ରଣନୈତିକ ପ୍ରୟାସ ଚାଲିଥିବା ଉପସ୍ଥିତ ଅଧିକାରୀମାନେ ସୂଚାଇଥିଲେ। ସମୀକ୍ଷାର ଅଧକ୍ଷତା କରି ଶାହ କହିଛନ୍ତି ଯେ ସୁରକ୍ଷା-କେନ୍ଦ୍ରିକ ରଣନୀତି, ଭିତ୍ତିଭୂମିର ପ୍ରସାର, ନକ୍ସଲ ଆର୍ଥିକ ନେଟୱାର୍କ ବିରୁଦ୍ଧରେ ଲକ୍ଷ୍ୟଆଧାରି କାର୍ଯ୍ୟାନୁଷ୍ଠାନ ଏବଂ ଏକ ପ୍ରଭାବଶାଳୀ ଆତ୍ମସମର୍ପଣ ନୀତି ସ୍ପଷ୍ଟ ଫଳାଫଳ ପ୍ରଦାନ କରିଛି। ସେ ଆସ୍ଥା ପ୍ରକାଶ କରିଛନ୍ତି ଯେ ମାର୍ଚ୍ଚ ୩୧, ୨୦୨୬ ପୂର୍ବରୁ ନକ୍ସଲବାଦ ସମ୍ପୂର୍ଣ୍ଣ ବିଲୋପ ହେବାକୁ ଯାଉଛି। ଅବଶିଷ୍ଟ କ୍ୟାଡରମାନେ ସୀମା ପାର ନ ହେବା ପାଇଁ କଡ଼ା ଆନ୍ତଃରାଜ୍ୟ ସମନ୍ୱୟର ଆବଶ୍ୟକତା ଉପରେ ଶ୍ରୀ ଶାହ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଉଦ୍‌ବୋଧନ ଦେଇ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହ କହିଛନ୍ତି ଯେ କେନ୍ଦ୍ର ଏବଂ ଛତିଶଗଡ଼ ସରକାରଙ୍କ ସୁରକ୍ଷା-କେନ୍ଦ୍ରିକ ରଣନୀତି, ଭିତ୍ତିଭୂମି ସହିତ, ନକ୍ସଲ ଆର୍ଥିକ ନେଟୱାର୍କ ଉପରେ ଆକ୍ରମଣ ଏବଂ ଆତ୍ମସମର୍ପଣ ନୀତି ସକାରାତ୍ମକ ଫଳାଫଳ ଦେଇଛି। ସେ କହିଛନ୍ତି ଯେ ଛତିଶଗଡ଼ ପୂର୍ବରୁ ନକ୍ସଲ ହିଂସାର ଗଡ଼ ଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଚାଲିଥିବା ଡବଲ ଇଞ୍ଜିନ ସରକାରରେ ଏହା ଏବେ ବିକାଶର ପ୍ରତୀକ ପାଲଟିଛି। ସେ କହିଛନ୍ତି ଯେ ଛତିଶଗଡ଼ର ଯୁବପିଢ଼ି କ୍ରୀଡ଼ା, ଫୋରେନସିକ୍ ବିଜ୍ଞାନ ଏବଂ ବୈଷୟିକ ଶିକ୍ଷାରେ ପ୍ରଗତିକୁ ତ୍ୱରାନ୍ୱିତ କରୁଛନ୍ତି ଏବଂ ସେମାନଙ୍କ ସଂସ୍କୃତି ଏବଂ ପରମ୍ପରାକୁ ମଧ୍ୟ ସଂରକ୍ଷଣ କରୁଛନ୍ତି।

# କର୍କଟ ଚିକିତ୍ସା ପାଇଁ ଶିମିଳିପାଳ ଉଭିଦ !

## ବିଶ୍ୱକୁ ନୂଆଦିଗ ଦେଖାଇବା ନେଇ ଆଶା

ବାରିପଦା,୮।୨: ଶିମିଳିପାଳରୁ କ୍ୟାନସର ରୋଗ ଚିକିତ୍ସା ପାଇଁ ଔଷଧୀୟ ଗୁଣ ଥିବା ଉଭିଦ ଚିହ୍ନଟ ହୋଇଥିବା ଏଠାରେ ଚର୍ଚ୍ଚାକୁ ଆସିଛି । ଓଡ଼ିଶାରେ ପ୍ରଥମ ଥର ପାଇଁ ୧୪୮ ପ୍ରଜାତିର ଶୈବାଳ ଓ କବକର ମିଶ୍ରିତ ଉଭିଦ 'ଲାଇକେନ୍' ଚିହ୍ନଟ ହୋଇଛି । ବିଶ୍ୱକୁ ଏହା କ୍ୟାନସର ରୋଗ ଚିକିତ୍ସା ପାଇ ନୂଆ ଦିଗ ଦେଖାଇବ ବୋଲି କୁହାଯାଇଛି। ମୟୂରଭଞ୍ଜ ଜିଲ୍ଲା ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ବଡ଼ ସଫଳତା ହାସଲ କରିଛନ୍ତି । ଶିମିଳିପାଳ ଜାତୀୟ ଉଦ୍ୟାନରୁ ସେମାନେ ୧୪୮ ପ୍ରଜାତିର ଶୈବାଳ ଓ କବକର ମିଶ୍ରିତ ଉଭିଦ ବା ଲାଇକେନ୍ ଚିହ୍ନଟ କରିଛନ୍ତି । ଏହି ଲାଇକେନ୍ ଗୁଡ଼ିକ ମଧ୍ୟରେ ଥର୍ମୋକ୍ୟୁଇନୋନ୍, ଜେଓରିନ୍ ଏବଂ ଆଜେଲେଇକ୍ ଏସିଡ୍ ଭଳି ଉପାଦାନ ରହିଛି । ଯାହା କ୍ୟାନସର ବିରୋଧରେ ଲଢ଼ିବା ସହ ନୂତନ ଔଷଧ ତିଆରିରେ ସହାୟକ ହେବ ।



ବିଶ୍ୱବିଦ୍ୟାଳୟର ବାୟୋଟେକ୍ନୋଲୋଜି ବିଭାଗର ପ୍ରଫେସର ବିଶ୍ୱଜିତ ରଥ କହିଛନ୍ତି ଓଡ଼ିଶା ସରକାରଙ୍କ ଏକ ପ୍ରୋଜେକ୍ଟ ଅଧୀନରେ ଶିମିଳିପାଳରେ ସର୍ଭେ କରାଯାଇଥିଲା। ଏଥିରୁ ୧୪୮ଟି ପ୍ରଜାତି ଚିହ୍ନଟ ହୋଇଛି । ଯେଉଁଥିରେ 'କ୍ଲାଡୋନିଆ ଫ୍ରୁଟିକୁଲୋସା' ଓଡ଼ିଶା ପାଇଁ ଏବଂ 'ଫାଇସିଏଲା ମେଲାନ୍ କ୍ରା' ଭାରତ ପାଇଁ ସମ୍ପୂର୍ଣ୍ଣ ନୂଆ । ଏହି ଲାଇକେନ୍ ଗୁଡ଼ିକରେ ବହୁମୂଲ୍ୟ ଜୈବିକ ଗୁଣ ରହିଛି । ଯାହା ଶରୀରରେ ରୋଗ ସୃଷ୍ଟିକାରୀ ଜୀବାଣୁଙ୍କୁ ମାରିବା ସହ କ୍ୟାନସର ଚିକିତ୍ସାରେ ବ୍ୟବହାର କରାଯାଇପାରିବ।

# ମାଲକାନଗିରିରେ ରହିବେ ଛତିଶଗଡ଼ ବିଧାୟକ



ମାଲକାନଗିରି,୮।୨: ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ରାଜ୍ୟ କୋଣ୍ଟା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ତଥା ପୂର୍ବତନ ଅବକାରୀ ବିଭାଗ ମନ୍ତ୍ରୀ ଲଛମା କବାସୀ ମାଲକାନଗିରିରେ ଆଶ୍ରୟ ନେଇଛନ୍ତି। ଛତିଶଗଡର ମଦ ଘୋଟାଲା ମାମଲାରେ ଗିରଫ ହୋଇ ରାୟପୁର କେନ୍ଦ୍ରୀୟ ଜେଲରେ ଦୀର୍ଘଦିନ ଧରି ବିଚାରାଧୀନ ବନ୍ଦୀ ଭାବେ ରହିଥିବା ଲଛମା କାବାସୀଙ୍କୁ ସୁପ୍ରିମ କୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଛି। ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଧାୟକ ଲଛମା ସାକ୍ଷୀଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ତାଙ୍କର ମାମଲା ବର୍ତ୍ତମାନ ମଧ୍ୟ ହାଇକୋର୍ଟରେ ବିଚାରାଧୀନ ରହିଛି। ଏହି କାରଣରୁ ସେ ଛତିଶଗଡ ରାଜ୍ୟରେ ରହିପାରିବେ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି। ଅଦାଲତ ନିର୍ଦ୍ଦେଶରେ ପୂର୍ବତନ ମନ୍ତ୍ରୀ ଲଛମା ଓଡିଶାର ମାଲକାନଗିରି ଜିଲାକୁ ଆସି ଆଶ୍ରୟ ନେଇଛନ୍ତି। ପଡୋଶୀ ତେଲେଙ୍ଗାନାରେ ମଧ୍ୟ କଂଗ୍ରେସ ଶାସନାଧୀନ ରହିଛି ଏବଂ ସେଠାରେ ମଧ୍ୟ ସେ ରହିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିଲା। କିନ୍ତୁ ମାଲକାନଗିରି ଜିଲା ସହିତ ତାଙ୍କରର ନିର୍ବାଚନମଣ୍ଡଳୀର ଦୂରତା ମାତ୍ର ୨୦ କିଲୋମିଟର ଏବଂ ପ୍ରତି ନିର୍ବାଚନରେ ମାଲକାନଗିରି ଜିଲାରେ ସେ ପ୍ରତ୍ୟକ୍ଷ ଭାବେ ପ୍ରଚାର କରିଛନ୍ତି। ଏଠାରେ ତାଙ୍କର ଆଦିବାସୀ ବନ୍ଧୁମାନେ ରହିଥିବାରୁ ମାଲକାନଗିରିରେ ଆଶ୍ରୟ ନେବାକୁ ଉଚିତ ମଣିଲି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ୫୦ ଲକ୍ଷ ଅନଲାଇନ୍ ନିବେଶ ଠକେଇ

# ପଶ୍ଚିମବଙ୍ଗରୁ ଧରାପଡ଼ିଲା ଅଭିଯୁକ୍ତ

ଭୁବନେଶ୍ୱର,୮।୨: ଭୁବନେଶ୍ୱର ପୋଲିସ ପଶ୍ଚିମବଙ୍ଗର ଜଣେ ୪୬ ବର୍ଷୀୟ ଠକକୁ ଗିରଫ କରିଛି । ଓଡ଼ିଶାର ଜଣେ ବାସିନ୍ଦାଙ୍କୁ ୫୦ ଲକ୍ଷ ଟଙ୍କାରୁ ଅଧିକ ସାଇବର ଠକେଇ ରେ ସଂପୃକ୍ତ ନେଇ ଅଭିଯୋଗ ଆସିଛି। ଏହି ମାମଲା ହ୍ୱାଟ୍ସଆପ୍ ଗ୍ରୁପ୍ ଏବଂ ନକଲି ଟ୍ରେଡିଂ ଆକାଉଣ୍ଟ ବ୍ୟବହାର ଆଧାରିତ ଠକେଇ। ବୃଦ୍ଧି ପାଉଥିବା ଅନଲାଇନ୍ ନିବେଶ ଠକେଇର ବିପଦକୁ ଏହା ସଚେତନ କରିଛି। ଭୁବନେଶ୍ୱର ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ପୋଲିସ ଥାନା ମୁତାବକ ଏହି ଘଟଣାଟି ସାମ୍ନାକୁ ଆସିଥିଲା। ଯେତେବେଳେ ଅଭିଯୋଗକାରୀ ଭାଗୀରଥି ମହାନ୍ତ, ଭୁବନେଶ୍ୱରର ଭଗବାନପୁରର



ବୃନ୍ଦାବନ ଗାର୍ଡେନ୍ ଆପାର୍ଟମେଣ୍ଟର ବାସିନ୍ଦା, ଏକ ଠକେଇ ଯୋଜନାରେ ନିବେଶ କରିବାକୁ ଠକାଯାଇଥିବା ନେଇ ରିପୋର୍ଟ କରିଥିଲେ। ମହାନ୍ତ ଏକ ନିମନ୍ତ୍ରଣ ପାଇବା ପରେ ଅକ୍ଟୋବର ୮, ୨୦୨୪ ରେ ନିର୍ଦ୍ଦିଷ୍ଟ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଗ ଦେଇଥିଲେ। ତାଙ୍କୁ ଏକ କ୍ୟାପିଟାଲ କଷ୍ଟମର କେୟାର ୟୁନିଟ୍‘ ସହିତ ଏକ ଟ୍ରେଡିଂ ଆକାଉଣ୍ଟ ଖୋଲିବା ପାଇଁ ଜଣେ କଥିତ ସହାୟକ ଏବଂ ଗୋଷ୍ଠୀ ସଂଯୋଜକଙ୍କ ଦ୍ୱାରା ମାର୍ଗଦର୍ଶନ କରାଯାଇଥିଲା। ନିର୍ଦ୍ଦେଶ ପରେ, ମହାନ୍ତ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଠକମାନଙ୍କ ଦ୍ୱାରା ନିୟନ୍ତ୍ରିତ ବିଭିନ୍ନ ଆକାଉଣ୍ଟକୁ ମୋଟ ୫୦,୧୬,୦୦୦ ଟଙ୍କା ସ୍ଥାନାନ୍ତର କରିଥିଲେ। ପ୍ରତିଶ୍ରୁତି ଅନୁଯାୟୀ ଫେରସ୍ତ କେବେ ପୂରଣ ନ ହେବାରୁ ଠକେଇ ଅନୁଭବ କରି, ମହାନ୍ତ ଏକ ଅଭିଯୋଗ ଦାଖଲ କରିଥିଲେ। ଏଥିରେ ମୁଖ୍ୟ ଅଭିଯୁକ୍ତ, ଶଙ୍କର ପାଉଲଙ୍କ ପୁଅ ଅରବିନ୍ଦ ପାଉଲ, ହୋଲ୍ଡିଂ ନଂ ୦୮, ମନସା ତାଲା, ବୈକୁଣ୍ଠପୁର, ତ୍ରିବେଣୀ, ପିଏସ୍-ମୋଙ୍ଗରା, ଜିଲ୍ଲା ହୁଗୁଳି, ପଶ୍ଚିମବଙ୍ଗରୁ, ତାଙ୍କୁ ହୁଗୁଳିର ତାଙ୍କ ସ୍ଥାନୀୟ ପୋଲିସ ଥାନା ଦ୍ୱାରା ଗିରଫ କରାଯାଇଥିଲା। ଗିରଫ ସମୟରେ ତଦନ୍ତକାରୀମାନେ ତା ଠାରୁ ଏକ କି-ପ୍ୟାଡ୍ ମୋବାଇଲ୍ ଫୋନ୍ ହ୍ୟାଣ୍ଡସେଟ୍ ଜବତ କରିଛନ୍ତି।

## 'ଦ ଗ୍ରେଟ୍ କମାଣ୍ଡର' ପୁସ୍ତକ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ

# ବକ୍ସିଙ୍କ ବୀରତ୍ୱ ଗାଥା ଦେଶବାସୀଙ୍କ ନିକଟରେ ପହଞ୍ଚିବ



ଭୁବନେଶ୍ୱର,୮।୨: ଆଜି ଆମ ସମସ୍ତଙ୍କ ପାଇଁ ଏକ ଗୌରବମୟ ତଥା ସ୍ମରଣୀୟ ଅବସର । ଭାରତୀୟ ରାଜନୀତିର ଏକ ବିଶିଷ୍ଟ ନାମ, ଓଡ଼ିଶାର ଗର୍ବ, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ, ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ରଚିତ ଓଡ଼ିଆ ପୁସ୍ତକ 'ଏ ମାଟି କଥା କହେ' ଏବଂ ଇଂରାଜୀ ପୁସ୍ତକ 'ବକ୍ସି ଜଗବନ୍ଧୁ: ଦ ଗ୍ରେଟ୍ କମାଣ୍ଡର'ର ଶୁଭ ଉନ୍ମୋଚନ ଅବସରରେ ଉପସ୍ଥିତ ହୋଇ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି । ଆଜି ଉନ୍ମୋଚିତ ହେଉଥିବା ଏହି ଦୁଇଟି ପୁସ୍ତକ ଆମ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ, ତା'ଠୁ ଅଧିକ ମହତ୍ୱପୂର୍ଣ୍ଣ ହେଉଛନ୍ତି ଏହାର ରଚୟିତା । ତାଙ୍କର ନୀତି, ଆଦର୍ଶ, ରାଜନୈତିକ ପରିଚୟ ଏବଂ ରାଜ୍ୟ ଓ ଦେଶ ପାଇଁ ଦୀର୍ଘବର୍ଷ ଧରି ରହିଥିବା ଅମୂଲ୍ୟ ସେବା ତାଙ୍କୁ ଓଡ଼ିଶା ତଥା ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି। ଉନ୍ମୋଚନ ଅବସରରେ ଏପରି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ରାଜ୍ୟପାଳ ଭାବେ ଦାୟିତ୍ୱ ପାଳନ କରୁଥିବା ସମୟରେ ସେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ଯେଉଁ ଲୋକାଭିମୁଖୀ ମାର୍ଗଦର୍ଶନ ସୃଷ୍ଟି କରିଥିଲେ, ତାହା ଆଜି ମଧ୍ୟ ସାଧାରଣ ଲୋକଙ୍କ ମନରେ ସ୍ମରଣୀୟ ହୋଇ ରହିଛି। ତାଙ୍କ ଦ୍ୱାରା ରଚିତ ପୁସ୍ତକ 'ବକ୍ସି ଜଗବନ୍ଧୁ: ଦି ଗ୍ରେଟ୍ କମାଣ୍ଡର' ଓଡ଼ିଶାର ପାଇକ ବୀର ବକ୍ସି ଜଗବନ୍ଧୁଙ୍କ ବୀରତ୍ୱ ଓ ସଂଘର୍ଷର ଗାଥାକୁ ସାରା ଦେଶବାସୀଙ୍କ ନିକଟରେ ପହଞ୍ଚାଇବ। ଏହି ପୁସ୍ତକ ଇତିହାସର ଅନାଲୋଚିତ ପ୍ରସଙ୍ଗଗୁଡ଼ିକୁ ଲୋକଲୋଚନକୁ ଆଣି ନୂତନ ଗବେଷଣାର ଦ୍ୱାର ଖୋଲିବ । ତାଙ୍କର ଦୀର୍ଘ ଅଭିଜ୍ଞତାପୂର୍ଣ୍ଣ ଜୀବନ ହିଁ ଆମ ପାଇଁ ପଥପ୍ରଦର୍ଶକ। ବକ୍ସିଙ୍କ ପରି ସେ କେବେ ସାଲିସ୍ କରିନାହାନ୍ତି ଏବଂ ଗୋପବନ୍ଧୁଙ୍କ ପରି ଜନସେବାରେ ନିୟୋଜିତ ଥାଇ ମଧ୍ୟ ସାରସ୍ୱତ ସାଧନାକୁ ମଧ୍ୟ ଛାଡ଼ିନାହାନ୍ତି । ଏହା ଆମ ସମସ୍ତଙ୍କ ପାଇଁ ନିଶ୍ଚିତ ଭାବେ ପ୍ରେରଣା।

# କୋଟାରେ କୋଠା ଭୁଶୁଡ଼ିଲା, ୨ ମୃତ

କୋଟା,୮।୨ରାଜସ୍ଥାନର କୋଟାରେ ଏକ ନିର୍ମାଣ ସ୍ଥାନରେ ରବିବାର ଏକ କୋଠା ଭୁଶୁଡ଼ି ପଡ଼ିବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୨ରୁ ଅଧିକ ଆହତ ହୋଇଛନ୍ତି। କୋଟା ମେଡିକାଲ କଲେଜର ଅଧକ୍ଷା ସଙ୍ଗୀତା ସକ୍ସେନାଙ୍କ ସୂଚନାନୁଯାୟୀ ଗୁରୁତର ୧୦ ଜଣଙ୍କୁ ହସ୍ପିଟାଲକୁ ଅଣାଯିବା ପରେ ଦୁଇଜଣଙ୍କୁ ମୃତ ଘୋଷଣା କରାଯାଇଥିଲା। । ଜଣେ ଅଧିକାରୀ କହିଛନ୍ତି ଯେ ଏହି ଘଟଣାରେ ଅତି କମ୍‌ରେ ୧୩ ଜଣ ଆହତ ହୋଇଛନ୍ତି। କୋଟା ଡିଭିଜନାଲ କମିଶନର ଅନିଲ କୁମାର ଅଗ୍ରୱାଲ କହିଛନ୍ତି ଯେ ନିର୍ମାଣ ଉପରୁ ତଳ ପର୍ଯ୍ୟନ୍ତ ଭୁଶୁଡ଼ି ପଡ଼ିଛି ଏବଂ ନିର୍ମାଣ ଗୁଣବତ୍ତା ପ୍ରତି ଅବହେଳାକୁ ଏକ ସମ୍ଭାବ୍ୟ କାରଣ ଏହା ପଛରେ ଥିବା ସନ୍ଦେହ କରାଯାଇଛି। ସେ କହିଛନ୍ତି ଯେ ଡ୍ରିଲିଂ କାର୍ଯ୍ୟକଳାପ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ରହିଛି ଓ ଏହାର ସଠିକ୍ କାରଣ ନିର୍ଣ୍ଣୟ କରିବା ପାଇଁ ବୈଷୟିକ ତଦନ୍ତ ଚାଲିଛି।ଲୋକସଭା ବାଚସ୍ପତି ଏବଂ କୋଟା ସାଂସଦ ଓମ୍ ବିର୍ଲା ଦୁର୍ଘଟଣା ନେଇ ଦୁଃଖ ପ୍ରକାଶ କରିଛନ୍ତି । ସେ ଆଶ୍ୱାସନା ଦେଇଛନ୍ତି ଯେ ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହିତ ନିଜେ ନିରନ୍ତର ଯୋଗାଯୋଗରେ ଅଛନ୍ତି। ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଶିମିଳିପାଳରେ ପାରଦ ୧ ଡିଗ୍ରୀ

ବାରିପଦା,୮।୨: ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି । ଅଥଚ ଶିମିଳିପାଳରେ ହଠାତ୍ ତାପମାତ୍ରା ହ୍ରାସ ପାଇଛି। ଉପର ବାରକାମୁଡା ଅଞ୍ଚଳରେ ପାରଦ ୧ ଡିଗ୍ରୀ ସେଲସିୟସକୁ ଖସି ଆସିଛି। ଶିମିଳିପାଳର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ସର୍ବନିମ୍ନ ତାପମାତ୍ରାରେ ଯଥେଷ୍ଟ ହ୍ରାସ ଘଟିଛି। ନବାନାରେ ୯ ଡିଗ୍ରୀ ସେଲସିୟସ, ଚହଲାରେ ୫ ଡିଗ୍ରୀ ସେଲସିୟସ, ବରେହିପାଣି ୯ ଡିଗ୍ରୀ , ଗୁଡୁଗୁଡ଼ିଆରେ ୮ ଡିଗ୍ରୀ , ରାମତୀର୍ଥରେ ୧୩ ଡିଗ୍ରୀ , କିଆଁଝରିରେ ୧୪ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ଯୁଦ୍ଧ ଧମକ ଦ୍ୱାରା ଭୟଭୀତ ନୋହୁଁ: ଇରାନ

ନୂଆଦିଲ୍ଲୀ,୮।୨: ଇରାନର ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଘଚି ରବିବାର ୱାଶିଂଟନ ସହିତ ଆଲୋଚନାରେ ତେହେରାନ କେବେ ୟୁରାନିୟମ ସମୃଦ୍ଧି ଛାଡିବ ନାହିଁ ବୋଲି ଅସ୍ୱୀକାର କରିଛି। ହେସ କହିଛନ୍ତି ଯେ ଆମେରିକା ସହିତ ଯୁଦ୍ଧର ଧମକ ଦ୍ୱାରା ଏହା ଭୟଭୀତ ହେବ ନାହିଁ।ଏଏଫପି ଦ୍ୱାରା ଉପସ୍ଥିତ ତେହେରାନରେ ଏକ ଫୋରମରେ ଆରାଘଚି କହିଥିଲେ ଯେ ଇରାନର ୱାଶିଂଟନ ଉପରେ ବହୁତ କମ୍ ଭରସା ଅଛି ଏବଂ ଆମେରିକା ପକ୍ଷରୁ ନବୀକରଣ ଆଲୋଚନାକୁ ଗମ୍ଭୀରତାର ସହ ନେଉଛି ବୋଲି ସେ ସନ୍ଦେହ କରିଛନ୍ତି ।ପରେ ସେ କହିଥିଲେ ଯେ ଇରାନ ଏହାର 'ରଣନୈତିକ ଅଂଶୀଦାର' ଚୀନ୍ ଏବଂ ରୁଷ ସହିତ ଆଲୋଚନା ବିଷୟରେ ପରାମର୍ଶ କରୁଛି ।'ଆମେ ସମୃଦ୍ଧି ଉପରେ ଏତେ ଜିଦ୍ ଧରିବା ଏବଂ ଏହାକୁ ଛାଡିବାକୁ କାହିଁକି ମନା କରୁ, ଯଦିଓ ଆମ ଉପରେ ଯୁଦ୍ଧ ଲାଗୁ କରାଯାଏ ? କାରଣ ଆମର ଆଚରଣକୁ ନିର୍ଦ୍ଦେଶ ଦେବାର ଅଧିକାର କାହାରି ନାହିଁ,' ଆରାଘଚି ଫୋରମରେ ଏପରି କହିଥିଲେ।

# 'ଅଶୁଭ' ରବିବାର: ସଡ଼କ ଦୁର୍ଘଟଣା ନେଲା ୯ ଜୀବନ

## ଅଜଣା ଗାଡ଼ି ଧକ୍କାରେ ଗୋଟିଏ ପରିବାରର ୪ ମୃତ

ବଲାଙ୍ଗୀର/ଭୁବନେଶ୍ୱର,୮।୨ : ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ ଜଣଙ୍କ ଜୀବନ ଯାଇଛି । ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ପଣ୍ଡରେନ୍ ଗାଁ ନିକଟରେ ଘଟିଥିବା ଗମ୍ଭୀର ସଡ଼କ ଦୁର୍ଘଟଣାରେ ବଙ୍ଗୋମୁଣ୍ଡା ଥାନା ତୁରେକେଲା ଗାଁର ଗୋଟିଏ ପରିବାରର ୪ ଜଣଙ୍କ ମୃତ୍ୟୁ ଘଟିଛି। କୁହାଯାଇଛି ଯେ ବାଇକରେ କୌଣସି କାମରେ ଯାଇ ନିଜ ଘରକୁ ଫେରୁଥିବା ବେଳେ ସେମାନଙ୍କୁ ଅଜଣା ଗାଡ଼ି ଧକ୍କା ଦେଇଥିଲା । ଏଥିରେ ଅଜା ଓ ୨ ନାତି ସହ ଦୁଇ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଛି । ଘଟଣାସ୍ଥଳରେ ୫୫ ବର୍ଷର ଅଜା କ୍ଷୀର ପୁଟେଲ, ୬ବର୍ଷର ନାତି ଦେବାଶିଷ ଓ ଦୁଇ ସଂପର୍କୀୟଙ୍କ ମୃତ୍ୟୁ ହୋଇଛି । ସଙ୍କଟାପନ୍ନ ଅବସ୍ଥାରେ ୪ ବର୍ଷର ନାତିକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ମୃତ ଘୋଷଣା କରିଥିଲେ ଡାକ୍ତର । ତୁରେରେଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଚିକିଟି ବ୍ଲକରେ ଦୁର୍ଘଟଣା, ୨ ମୃତ

- ଶୋକ ପ୍ରକଟ କଲେ ମୁଖ୍ୟମନ୍ତ୍ରୀ
- ୪ ଲକ୍ଷ ଲେଖାଏଁ ଅନୁକମ୍ପା ସହାୟତା ଘୋଷଣା

ଚିକିଟି,୮।୨: ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଅନ୍ତର୍ଗତ ସୁନପୁର ଗାଁରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ଗୁରୁତର ଆହତ ହୋଇଛନ୍ତି। ଜଣେ ରୋଗୀଙ୍କୁ ଚିକିତ୍ସା ନିମନ୍ତେ ବିଶାଖାପାଟଣା ନେଉଥିବା ସମୟରେ ଏକ ଭୟାବହ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ରବିବାର ଭୋର ସମୟରେ ଆନ୍ଧ୍ର ପ୍ରଦେଶର ନନ୍ଦିଗାମ ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି। ସୁନପୁରମରୁ ୭ ଜଣ ବ୍ୟକ୍ତି ଏକ କାର୍‌ରେ ଶ୍ରୀକାକୁଳମକୁ ଯାଉଥିବାବେଳେ ରାଜପଥ ଉପରେ ଅଟକିଥିବା ଏକ ଆଇଚର ଭ୍ୟାନରେ କାରଟି ଧକ୍କା ହୋଇଥିଲା। ଫଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକ ଭାସିପିଲ୍ଲି ଡାଲୟା (୪୬) ଓ ଭାସିପିଲ୍ଲି ମୋହିନୀ (୫୦) ବୋଲି ଜଣାପଡିଛି। ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଥିବାବେଳେ ସେମାନଙ୍କୁ ତୁରନ୍ତ ଟେକାଲି ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ଘଟଣା ସ୍ଥଳରେ ପୁଲିସ୍ ପହଞ୍ଚି ତଦନ୍ତ ଜାରି ରଖିଛି। ଦୁର୍ଘଟଣାରେ ଦୁଇ ଜଣଙ୍କ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ପ୍ରତି ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏଁ ଅନୁକମ୍ପାମୂଳକସହାୟତା ଘୋଷଣା କରିଛନ୍ତି।

## ପୋଲ ତଳୁ ୨ ମୃତଦେହ ଉଦ୍ଧାର, ଦୁର୍ଘଟଣା ସନ୍ଦେହ

ନନ୍ଦପୁର,୮।୨: କୋରାପୁଟ ଜିଲା ନନ୍ଦପୁର ଥାନାରେ କାର୍ଯ୍ୟରତ ଜଣେ ହୋମଗାର୍ଡ ଏବଂ ଅନ୍ୟ ଜଣେ ଯୁବକଙ୍କ ମୃତଦେହ ପୋଲିସ ରବିବାର ସନ୍ଧ୍ୟାରେ ନନ୍ଦପୁର-ହାଣ୍ଡିପୁଟ ସଞ୍ଜୋଗୀ ଏମ୍‌ଡିଆର ୫୫ ରାସ୍ତା ଖିଲୁଆ ପେଟିଆବାଡ ପୋଲତଳୁ ଉଦ୍ଧାର କରିଛି। ମୃତକ ହେଲେ ହୋମଗାର୍ଡ ଭଗବାନ ଖରା ଏବଂ ହିକିମପୁଟ ଗ୍ରାମର ଉଗ୍ରସେନ ପାଙ୍ଗି (୩୩)। ପୋଲ ଦାଢ଼ରେ ବାଇକ୍‌ର ଭଙ୍ଗା ହେଡଲାଇଟ ମିଳିଥିବାରୁ ବାଇକ୍ ଦୁର୍ଘଟଣା ଗ୍ରସ୍ତ ହେବାରୁ ଦୁଇଜଣ ପୋଲ ତଳକୁ ଖସିପଡି ମୃତ୍ୟୁବରଣ କରିଥିବା ପୋଲିସ ସନ୍ଦେହ କରୁଛି।

## ସରକାରୀ ବସ୍ ଧକ୍କା: ଜଣେ ମୃତ

ଦିଗପହଣ୍ଡି,୮।୨: ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବଜାପଲ୍ଲୀ ଗାଁ ଛକ ନିକଟରେ ରବିବାର ଏକ ମୁଖ୍ୟମନ୍ତ୍ରୀ ସରକାରୀ ବସ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିଗପହଣ୍ଡି ବ୍ଲକ ଝରିପଦର ଗ୍ରାମର କେ. ଶାଶୁଲୁ ରେଡ୍ଡୀ(୭୫)। ବୃଦ୍ଧା ଜଣକ ପୁଅ ଘରକୁ ବୁଲିବାକୁ ଆସିଥିଲେ। ରବିବାର ସେ ଗାଁକୁ ଯିବାପାଇଁ ବସ୍‌କୁ ଅପେକ୍ଷା କରିଥିଲା ବେଳେ ଦୁର୍ଘଟଣା ଘଟିଥିଲା।

## ସତ୍ୟାଶ୍ରୟୀର ଶକ୍ତି



ସନ୍ମାର୍ଗରେ ଚାଲୁଥିବା ବ୍ୟକ୍ତି କେବେ ବି ଦିଗଭ୍ରଷ୍ଟ ହେବାର ସମ୍ଭାବନା ନଥାଏ । ଅନୁରୂପ ଭାବରେ ଅନ୍ୟାୟ, ଅନୀତି, ଭ୍ରମାତ୍ମକ ମାର୍ଗରେ ଯାଇ କେବେ ବି ସର୍ବୋଚ୍ଚ ଶିଖରରେ ପହଞ୍ଚି ହୁଏନି, କି ଶ୍ରେଷ୍ଠତମ ଲକ୍ଷ୍ୟ ହାସଲ କରାଯାଇ ନପାରେ । ଏଭଳି ଅନୁଚିତ ମାର୍ଗ, ପ୍ରକ୍ରିୟାରେ ଯାହା କିଛି (ସୁବିଧା-ସାଧନ)ହାସଲ କରାଯାଇଥାଏ କେବେ ବି ତାହା ସ୍ଥାୟୀ ହେଇ ନଥାଏ । ତାହାର ଅନ୍ତ ଅତୀବ ଭୟାବହ ହୋଇଥାଏ । ଅନ୍ୟକୁ ପୀଡ଼ାଦେଇ କିମ୍ବା ଅନ୍ୟକୁ ତା'ର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରି ଯେତେ ଯାହା ହାସଲ କରାଯାଇଥାଏ ତା'ର ଉପସଂହାର ଅତୀବ ମର୍ମାନ୍ତିକ ହୋଇଥାଏ । ଅକଳନୀୟ ବୈଭବ, ଐଶ୍ୱର୍ଯ୍ୟରେ ଅଧିକାରୀ- ବୁନ୍ଦେ ପାଣି ପିଇବା ପାଇଁ ମଧ ଆକୁଳ ଚିତ୍କାର କରିଥାଏ । ଅନୀତି, ଅନ୍ୟାୟରେ ପ୍ରାପ୍ତ ସଫଳତା କେବେ ବି ଆତ୍ମିକ ସୁଖ, ଆନନ୍ଦ ଦେଇ ନଥାଏ, ବରଂ ଏହା ଜୀବନକୁ ଦୁର୍ବିସହ, ଯନ୍ତ୍ରଣା ଜର୍ଜରିତ କରିଦେଇଥାଏ । କୌରବମାନଙ୍କ ସମୃଦ୍ଧି ଓ ଐଶ୍ୱର୍ଯ୍ୟ କାହାଣୀ ପାଣ୍ଡବମାନଙ୍କର ନୈସର୍ଗିକ ଅଧିକାରକୁ ତଞ୍ଚକତାପୂର୍ଣ୍ଣ ଭାବରେ ଛିନ୍ନ କରି ଲେଖାଯାଇଥିଲା । ଏହାର ଅନ୍ତ କାହିଁ କେତେଗୁଣ ଭୟାବହ ହୋଇଥିଲା ତାହା ସମସ୍ତେ ଜାଣନ୍ତି । ପୁତ୍ର ମୋହରେ ଅନ୍ଧ ଧୃତରାଷ୍ଟ୍ରଙ୍କ ଶହେ ପୁତ୍ର ମଧ୍ୟରୁ କେହି ଜଣେ ବି ଜୀବିତ ରହିଲେ ନାହିଁ । ବୈଭବର ମୋହରେ ଉନ୍ମାଦ କୌରବମାନେ ଆହୁତି ହୋଇଗଲେ ପାପନାଶନ ଯଜ୍ଞରେ । ବିନା ଯୁଦ୍ଧରେ ସୂଚ୍ୟଗ୍ର ପରିମିତ ମେଦିନୀ ଦେବିନାହିଁ ବୋଲି ଦୃଢ଼ତାର ସହ କହୁଥିବା କୁରୁପତି ଦୁର୍ଯ୍ୟୋଧନ ଥିଲେ ଅନ୍ୟାୟ, ଅନୀତି, ଅତ୍ୟାଚାରର ପ୍ରତୀକ । ପାପ-ପୁଣ୍ୟର ମହାଯୁଦ୍ଧରେ ବଳି ପଡ଼ିଗଲେ ଭ୍ରାତାମାନଙ୍କ ସହ । ଭଗବାନ ବାମନ ଉଦାରହୃଦୟ ବଳିଙ୍କଠାରୁ ତିନିପାଦ ଭୂମି ସତ୍ୟ ଆଳରେ ନେବା ଆଳରେ ଥିଲା ଏକ ଗୂଢ଼ ରହସ୍ୟ । କାଳେ ଦେବରାଜ ଇନ୍ଦ୍ରଙ୍କ ସିଂହାସନ ଦଖଲ କରିନେବେ । ତାଙ୍କ ସିଂହାସନ ନିଷ୍କଣ୍ଟକ ପାଇଁ ଛଳ କରି ଛଦ୍ମବେଶରେ ଆସିଥିଲେ । ବାମନ ଅର୍ଥ ଗେଡ଼ା, ଖର୍ବକାୟ । ନୀତି ନୈତିକତାରୁ ପତିତ, ମୂଲ୍ୟବୋଧରୁ ବିଚ୍ୟୁତ ହେବା ତଥା ଛଳର ଆଶ୍ରୟ ନେବା କାରଣରୁ ତାଙ୍କୁ ମଧ ବଳିଙ୍କ ଦ୍ୱାର ଦେଶରେ ଭିକ୍ଷାର୍ଥୀ ବାମନ ଭାବରେ ଭିକ୍ଷା ମାଗିବାକୁ ପଡ଼ିଥିଲା । ଭକ୍ତ ପ୍ରହ୍ଲାଦ, ଅସୁର କୁଳରେ ଜାତ ହେଲେ ମଧ ନୀତି ନୈତିକତା କେବେ ବିସର୍ଜନ କରିନଥିଲେ କି ସତ୍ୟପଥ ତ୍ୟାଗ କରିନଥିଲେ । ବାଳକ ଧ୍ରୁବ ମୃତ୍ୟୁକୁ ଆପଣାଇ ନେଇ ସତ୍ୟପଥରୁ ବିଚ୍ୟୁତ ନହୋଇ ଆଜି ବି ଆକାଶରେ ଧ୍ରୁବତାରା ଭାବରେ ରହି ସମସ୍ତଙ୍କୁ ସତ୍ୟର ମହତ୍ତ୍ୱ ଦର୍ଶାଉଛନ୍ତି । ଯେ କୌଣସି ପରିସ୍ଥିତିରେ ସାମୟିକ ଲାଭ ପାଇଁ ସତ୍ୟରୁ ବିଚ୍ୟୁତ ହେବା ସାମୟିକ ଲାଭ ପାଇଁ ଆଦୌ ସ୍ପୃହଣୀୟ ନୁହେଁ । କାରଣ ଅସତ୍ୟ, ଅନୀତିର ବିଲୋପ ନିଶ୍ଚୟ ହେବ ବିଳମ୍ବରେ ହେଲେ ମଧ ।

## ପଞ୍ଚରଥ ଶୈଳୀ:

ଓଡ଼ିଶାର ଭୁବନେଶ୍ୱରରେ ଥିବା ଲିଙ୍ଗରାଜ ମନ୍ଦିର ପୁରାତନ ଶିବ ମନ୍ଦିର । ଏହା ୧୧ଶ ଶତାବ୍ଦୀରେ ରାଜା ଯଯାତି କେଶରୀଙ୍କ ଦ୍ୱାରା ନିର୍ମିତ । ଏହା ଷଷ୍ଠ ଶତାବ୍ଦୀରେ ତିଆରି ହୋଇଥିବାର ଅନେକ ପୁରାଣରେ ପ୍ରମାଣ ମିଳୁଥିଲେ ମଧ ୧୧ଶ ଶତାବ୍ଦୀରେ ପୁନର୍ନିର୍ମିତ ହୋଇଥିଲା । ମନ୍ଦିର କଳିଙ୍ଗ ପଞ୍ଚରଥ ଶୈଳୀରେ ତିଆରି ଭୁବନେଶ୍ୱରର ସବୁଠାରୁ ବଡ଼ ମନ୍ଦିର । ଏହା ଆୟତନ ୫୨୦ ଫୁଟରେ ୪୬୫ ଫୁଟ । ଏହି ମନ୍ଦିରର କାନ୍ଥ ୭ ଫୁଟ ୬ ଇଞ୍ଚ । ବାହାରର ଆଘାତରୁ ବଞ୍ଚାଇବା ପାଇଁ ଏହାର ଭିତର ପାଖ କାନ୍ଥରେ ଏକ ଛାତ ଅଛି । ଲିଙ୍ଗରାଜ ଶବ୍ଦର ଅର୍ଥ ହେଉଛି 'ଲିଙ୍ଗମାନଙ୍କର ରାଜା' । 'ଲିଙ୍ଗ ପୂଜା' ଶିବ ପୂଜାର ପ୍ରତୀକ ହୋଇଥିବାରୁ ଏହା ଏକ ଶୈବ କ୍ଷେତ୍ର ଭାବରେ ଜଣାଶୁଣା । ଶିବ ଏଠାରେ ତ୍ରିଭୁବନେଶ୍ୱର (ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳର ଦେବ) ଭାବରେ ପୂଜା ପାଇଥାନ୍ତି । ଏଠାରେ ଦେବୀ ପାର୍ବତୀ ଅନ୍ନପୂର୍ଣ୍ଣା ହୋଇ ପତ୍ନୀ ରୂପରେ ଲିଙ୍ଗରାଜଙ୍କ ସହିତ ପୂଜା ପାଇଥାନ୍ତି । ରୁକୁଣା ରଥଯାତ୍ରା ଲିଙ୍ଗରାଜଙ୍କର ଏକ ପ୍ରମୁଖ ବାର୍ଷିକ ଉତ୍ସବ । ଯାହା ପୁରୀର ରଥଯାତ୍ରାଠାରୁ ମଧ ଅଧିକ ପୁରୁଣା ଯାତ୍ରା । ଲିଙ୍ଗରାଜ ମହାପ୍ରଭୁଙ୍କ ଚଳନ୍ତିପ୍ରତିମା ଚନ୍ଦ୍ରଶେଖରଙ୍କୁ ଚୈତ୍ର ଶୁକ୍ଳ ଅଷ୍ଟମୀ (ଅଶୋକାଷ୍ଟମୀ) ଦିନ ଗୋଟିଏ ରଥରେ ରାମେଶ୍ୱର ମନ୍ଦିରକୁ ନିଆଯାଇ ୫ ଦିନ ସେଠାରେ ଅବସ୍ଥାପିତ କରି ପୁଣି ବଡ଼ଦେଉଳକୁ ବାହୁଡ଼ାଇ ଅଣାଯାଏ । ଦୋଳଗୋବିନ୍ଦ ଓ ରୁକୁଣାଙ୍କୁ ଧରି ଲିଙ୍ଗରାଜ ମହାପ୍ରଭୁ ରାମେଶ୍ୱର (ମାଉସୀ ମା' ମନ୍ଦିର) ମନ୍ଦିରକୁ ଯାତ୍ରା କରିଥାନ୍ତି । ଏହି ରଥର ଉଚ୍ଚତା ୫୦ ଫୁଟ ଓ ୪ଚକ, ୨ଓରା, ୧୬ନାହାକା, ୫ଦଣ୍ଡା ବିଶିଷ୍ଟ । ରଥର ନାମ ରୁକ୍ମଣୀ ବା ରୁକୁଣା ରଥ । ଏହି ରଥଟିର ବିଶେଷତ୍ୱ ହେଉଛି ରଥଟି ଅଣଲେଉଟା ।



।ଏହାପରେ ମହାଦୀପ ହାତରେ ନେଇ ସମର୍ଥା ସେବାୟତ ମନ୍ଦିର ଚୂଡ଼ାକୁ ଚଢ଼ନ୍ତି । ନିର୍ଦ୍ଧାରିତ ସମୟରେ ମନ୍ଦିର ଚୂଡ଼ାରେ ମହାଦୀପ ପ୍ରଜ୍ୱଳନ କରାଯାଏ । ମହାଦୀପ ଦର୍ଶନ କରି ଭକ୍ତଗଣ ନିଜର ଉପବାସ ବ୍ରତ ସମାପନ କରନ୍ତି । ଏହାପରେ ମହାପ୍ରଭୁଙ୍କ ଚାରିପ୍ରହର ପୂଜା ବିଧିମତେ ସମ୍ପାଦନ କରାଯାଏ । ଚତୁର୍ଥ ପ୍ରହରରେ ସ୍ୱତନ୍ତ୍ର ନୀତି ହରିହର ଭେଟ ସମ୍ପନ୍ନ ହୋଇ ପରମ୍ପରା ରକ୍ଷା କରାଯାଏ । ଚଳିତ ବର୍ଷ ରାତି ୧୦ଟା ମହାଦୀପ ଦର୍ଶନ ନୀତି ସମ୍ପନ୍ନ ହେବ ବୋଲି ଧାର୍ଯ୍ୟ କରାଯାଇଛି ।

## ନାଗସାପଙ୍କ ବାସସ୍ଥାନ:

ମହାପ୍ରଭୁ ଯେଉଁଠି ବିଦ୍ୟମାନ ସେଠାରୁ ତାଙ୍କ ଆଦରର ବାହନ କିପରି ଦୂରେଇ ରହିବ । ଏଥିପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ସହିତ ବେଢ଼ାତମାମ ନାଗସାପଙ୍କ ଅହରହ ଆତଯାତ । ରୋଷଘର କୁଡ଼ୁଆ ଭିତରେ ହେଉ କି ଭୋଗମଣ୍ଡପ ସବୁଠି ନାଗସାପ ପୋଷା ଜନ୍ତୁ ପରି ଏପାଖ ସେପାଖ ହେଉଥାନ୍ତି । ବେଢ଼ା ଭିତରେ ଥିବା ଅନେକ ପାଶ୍ୱର୍ଦେବଙ୍କ ପୀଠରେ ମଧ ନାଗସାପ ନିଜର ବସା ବନାଇଥାନ୍ତି । ଏହି ନାଗସାପଙ୍କୁ ଦେଖିଲେ ଭକ୍ତଗଣ ମୁଣ୍ଡିଆ ମାରନ୍ତି ସିନା, କେହି କ୍ଷତି ପହଞ୍ଚାଇବାକୁ ସାହସ କରନ୍ତି ନାହିଁ ।

## ଆତ୍ମ-ଜ୍ଞାନରୁ ବଞ୍ଚିତ ବ୍ୟକ୍ତିର ଦୃଷ୍ଟିକୋଣ ଭିନ୍ନ



ଆସୁରିକ ପ୍ରବୃତ୍ତିଯୁକ୍ତ ବ୍ୟକ୍ତି ମାନେ କୌଣସି ପ୍ରକାରର ପ୍ରାଧିକରଣ ଏବଂ ନିୟମନକୁ ସ୍ୱୀକାର କରନ୍ତି ନାହିଁ, ଯାହା ଭଗବତ୍ ବିଶ୍ୱାସର ଏକ ଆବଶ୍ୟକ ଅନୁଶାସନ । ସେମାନଙ୍କ ମତରେ ଭଗବାନ ବୋଲି କେହି ନାହାନ୍ତି ଏବଂ ସଂସାରର କୌଣସି ଧାର୍ମିକ ଆଧାର ନାହିଁ । ସେମାନେ 'ମହା ବିସ୍ଫୋଟ ସିଦ୍ଧାନ୍ତ' ପରି ପରିକଳ୍ପନାର ପ୍ରଚାର କରନ୍ତି, ଯାହା ଅନୁଯାୟୀ ସୃଷ୍ଟିର ଶୂନ୍ୟ ସମୟରେ ଘଟିଥିବା ଏକ ଆକସ୍ମିକ ବିସ୍ଫୋରଣରୁ ସଂସାରର ସୃଷ୍ଟି ହୋଇଛି, ତେଣୁ ଏହି ସଂସାରକୁ ବ୍ୟବସ୍ଥିତ ରଖିବାକୁ କୌଣସି ଭଗବାନ ନାହାନ୍ତି । ଏହିପରି ସିଦ୍ଧାନ୍ତ ସେମାନଙ୍କୁ ନିଃସଂକୋଚରେ କିମ୍ବା କୌଣସି ପରିଣାମର ଭୟ ନ ଥାଇ ଇନ୍ଦ୍ରିୟ ସୁଖ ଉପଭୋଗ କରିବାରେ ନିୟୋଜିତ କରିଥାଏ । ଭୌତିକ ଜଗତ ଆଧାତ୍ମିକ ଜଗତର ଏକ ବିକୃତ ପ୍ରତିରୂପ ଅଟେ । ଆସୁରିକ ସ୍ୱଭାବର ବ୍ୟକ୍ତିମାନେ, ସଠିକ୍ ଆତ୍ମ-ଜ୍ଞାନରୁ ବଞ୍ଚିତ ହୋଇ, ତାଙ୍କର ଅଶୁଦ୍ଧ ବୁଦ୍ଧିଦ୍ୱାରା, ସତ୍ୟର ସିଦ୍ଧାନ୍ତକୁ ବିକୃତ କରିଦିଅନ୍ତି । ଏହାର ଏକ ଉଦାହରଣ ହେଉଛି ଚାର୍ବାକଙ୍କର ସିଦ୍ଧାନ୍ତ ଯିଏ କି ଥିଲେ ଭାରତ ଇତିହାସର ଜଣେ ପ୍ରସିଦ୍ଧ ଭୌତିକବାଦୀ ଦାର୍ଶନିକ । ଏକଦା ସେ କହିଥିଲେ,'ଯାବଜ୍ଜୀବେତ ସୁଖଂ ଜୀବେତ୍, ଋଣମ୍ କୃତ୍ୱା ଘୃତଂ ପିବେତ,ଭସ୍ମୀ ଭୂତସ୍ୟ ଦେହସ୍ୟ ପୁନରାଗମନଂ କୃତଃ' । ଯେତେଦିନ ପର୍ଯ୍ୟନ୍ତ ଜୀବିତ ରହିଛ, ନିଜକୁ ଉପଭୋଗ କର । ଯଦି ଘୃତ ପାନ କରିବାକୁ ଇଚ୍ଛା କରୁଥାଅ, ଆବଶ୍ୟକ ସ୍ଥଳେ ଋଣ କରି ମଧ, ତାହା କର । ଶରୀରର ଦାହସଂସ୍କାର କରାଯିବା ପରେ, ତୁମର ଅସ୍ତିତ୍ୱ ରହିବ ନାହିଁ ଏବଂ ତୁମେ ସଂସାରକୁ ପୁଣି ଫେରିବ ନାହିଁ । ତେଣୁ ତୁମ କର୍ମର ପରିଣାମକୁ ନେଇ ଚିନ୍ତିତ ହୁଅ ନାହିଁ । ଏହିପରି ଭାବରେ, ଆସୁରିକ ସ୍ୱଭାବଯୁକ୍ତ ବ୍ୟକ୍ତି ଆତ୍ମାର ନିତ୍ୟତା ଏବଂ କର୍ମ ପ୍ରତିକ୍ରିୟାର ସମ୍ଭାବନାକୁ ପ୍ରତ୍ୟାଖାନ କରି ଥାଆନ୍ତି । ସେଥିପାଇଁ ସେମାନେ ନିର୍ଦ୍ୱନ୍ଦ୍ୱରେ ସ୍ୱାର୍ଥପର ଏବଂ ନିଷ୍ଠୁର କର୍ମରେ ଲିପ୍ତ ରହନ୍ତି । ଯଦି ସେମାନେ ଅନ୍ୟମାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ହୋଇଥାଆନ୍ତି, ତେବେ ସେମାନେ ନିଜର ବିଭ୍ରାନ୍ତିକର ଭୌତିକବାଦୀ ମତକୁ ଅନ୍ୟମାନଙ୍କ ଉପରେ ନ୍ୟସ୍ତ କରିଥାନ୍ତି । ସେମାନଙ୍କର ଆତ୍ମ-କୈନ୍ଦ୍ରିକ ଲକ୍ଷ୍ୟ, ଅନ୍ୟମାନଙ୍କ ପାଇଁ ଦୁଃଖର କାରଣ ହେଉ କିମ୍ବା ସଂସାରର ବିନାଶର କାରଣ ହେଉ ପଛେ, ତାହାକୁ ହାସଲ କରିବା ପାଇଁ ସେମାନେ ଦ୍ୱିଧାହୀନ ଭାବରେ ଅବିଶ୍ରାନ୍ତ ଉଦ୍ୟମ କରିଥାନ୍ତି । ମାନବ ଇତିହାସ ବାରମ୍ବାର ଏହିପରି ଆତ୍ମବଡ଼ିମାପୂର୍ଣ୍ଣ ସମ୍ରାଟ, ଯଥା: ହିଟ୍‌ଲର, ମୁସୋଲିନ୍, ଷ୍ଟାଲିନ୍ ଇତ୍ୟାଦିଙ୍କୁ ଦେଖିଛି, ଯେଉଁମାନେ ତାଙ୍କର ବିକୃତ ଦୃଷ୍ଟିକୋଣ ଦ୍ୱାରା ଅନୁପ୍ରାଣିତ ହୋଇ ସଂସାରରେ ଅକଥନୀୟ ଯନ୍ତ୍ରଣା ଏବଂ ବିନାଶ ଆଣି ଦେଇଥିଲେ ଏମାନେ ସବୁ ଆସୁରିକ ସ୍ୱଭାବଯୁକ୍ତ ଥିଲେ । -ଡକ୍ଟର ଅମୂଲ୍ୟ କୁମାର ପଣ୍ଡା ମୋ: ୮୨୪୯୫୦୨୭୭୬

### ମଧୁମେହ ଓ ହୃଦ୍‌ଘାତ ଆଶଙ୍କା କମାଏ

## ନିରାମିଷ ଖାଦ୍ୟ

ନିକଟ ଅତୀତରେ ହୋଇଥିବା ଏକ ସର୍ଭେ ଅନୁସାରେ ନିରାମିଷ ଖାଦ୍ୟ ଖାଉଥିବା ଲୋକଙ୍କଠାରେ ମଧୁମେହ ଓ ହୃଦ୍‌ଘାତ ହେବାର ଆଶଙ୍କା କମ୍ ରହିଥାଏ । ସୁସ୍ଥ ରହିବା ପାଇଁ ଡାଏଟ୍‌ରେ ଭଲ ଏବଂ ସ୍ୱାସ୍ଥ୍ୟକର ଖାଦ୍ୟ ସାମିଲ୍ କରିବା ଆବଶ୍ୟକ । ଆବଶ୍ୟକ ଡାଏଟ୍ ନେବା ଦ୍ୱାରା ଦୀର୍ଘ ସମୟ ଯାଏ ସୁସ୍ଥ ରହିବାର ସମ୍ଭାବନା ଅଧିକ ରହିଥାଏ । କିଛି ଲୋକ ନିରାମିଷ ଡାଏଟ୍‌କୁ ପସନ୍ଦ କରୁଥିବା ବେଳେ ଆଉ କିଛି ଆମିଷ ଖାଇଥାନ୍ତି । କିଛି ଲୋକଙ୍କର ଧାରଣା ରହିଥାଏ ଯେ ନିରାମିଷ ଖାଦ୍ୟ କମ୍ ପ୍ରଭାବଶାଳୀ ହୋଇଥାଏ, ଯାହା ଆଦୌ ଠିକ୍ ନୁହେଁ । ବରଂ ନିରାମିଷ ଖାଦ୍ୟ ଆମିଷ ଅପେକ୍ଷା ଅଧିକ ପ୍ରଭାବଶାଳୀ ହୋଇଥାଏ । ସର୍ଭେ ଅନୁସାରେ ନିରାମିଷ ଖାଦ୍ୟ ମଧୁମେହ ଓ ହୃଦ୍‌ଘାତ ପରି ରୋଗର ଆଶଙ୍କାକୁ କମ୍ କରିଥାଏ । ଗବେଷକଙ୍କ ଅନୁସାରେ ଡାଏଟ୍‌ରେ ନିରାମିଷ ଓ ଭେଗାନ୍ ସାମିଲ୍ କରିବା ଦ୍ୱାରା ଟାଇପ୍-୨ ମଧୁମେହ ସହିତ ହୃଦ୍‌ଘାତ ପରି ରୋଗ ହେବାର ଆଶଙ୍କା କମ୍ ରହିଥାଏ । ୨୦୨୦-୨୦୨୫ର ଡାଏଟ୍ରି ଗାଇଡ୍‌ଲାଇନ୍ ଫର ଆମେରିକାନ୍ ଟ୍ରଷ୍ଟେଡ୍ ସୋର୍ସ ଅନୁସାରେ ନିରାମିଷ ଖାଦ୍ୟ ଖାଇବା ଦ୍ୱାରା ବ୍ୟକ୍ତିର କାର୍ଡିଓଭାସ୍କୁଲାର ସ୍ୱାସ୍ଥ୍ୟ ଭଲ ରହିଥାଏ । ଏହି ସର୍ଭେ ଆଡ୍‌ଭାନନସଡ୍ ଇନ୍ ନ୍ୟୁଟ୍ରିସନ୍ ଏବଂ ଦି ଆମେରିକାନ୍ ଜର୍ଣ୍ଣାଲ୍ ଅଫ୍ ପ୍ରିଭେଣ୍ଟିଭ୍ କାର୍ଡିଓଲୋଜିରେ ପ୍ରକାଶିତ ହୋଇଥିଲା । ଏହି ସର୍ଭେରେ ୪୪ରୁ ୬୧ ବର୍ଷ ବୟସର ଲୋକମାନଙ୍କୁ ସାମିଲ୍ କରାଯାଇଥିଲା । ସେମାନଙ୍କୁ କେବଳ ନିରାମିଷ ଖାଦ୍ୟ ଦିଆଯାଇଥିଲା । ୨୬ ସପ୍ତାହ ଯାଏଁ ଏମାନଙ୍କ ଉପରେ ନଜର ରଖାଯାଇଥିଲା ।



## ବିଷ୍ଣୁଭକ୍ତିର ଅଲୌକିକ ସୁଖ

ରାଜା ମନୁ ଏବଂ ଶତରୁପାଙ୍କର ଦୁଇ ଜଣ ପୁତ୍ର ଥିଲେ । ଜଣେ ପ୍ରିୟବ୍ରତ ଏବଂ ଅନ୍ୟଜଣେ ଉତ୍ତାନପାଦ । ଉତ୍ତାନପାଦଙ୍କର ସୁନୀତି ଏବଂ ସୁରୁଚି ନାମ୍ନୀ ଦୁଇ ଜଣ ରାଣୀ ଥିଲେ । ସୁନୀତିଙ୍କ ପୁତ୍ର ଥିଲେ ଧ୍ରୁବ ଏବଂ ସୁରୁଚିଙ୍କ ପୁତ୍ର ଥିଲେ ଉତ୍ତମ । ସୁନୀତି ବଡ଼ ରାଣୀ ଥିଲେ । କିନ୍ତୁ ରାଜା ଉତ୍ତାନପାଦ ସାନ ରାଣୀଙ୍କୁ ବେଶୀ ଭଲ ପାଉଥିଲେ । ଦିନେ ରାଜା ଉତ୍ତାନପାଦ ସୁନୀତିଙ୍କ ପୁତ୍ର ଧ୍ରୁବଙ୍କୁ କୋଳରେ ବସାଇଥିବା ଦେଖିଲେ ସୁରୁଚି । ସେ ଧ୍ରୁବଙ୍କୁ ତଳକୁ ଓହ୍ଲାଇ ଦେଇ କହିଲେ, ଧ୍ରୁବ! ତୁମେ ରାଜାଙ୍କ କୋଳରେ ବସିପାରିବ ନାହିଁ । କେବଳ ମୋ ଗର୍ଭରୁ ଜନ୍ମ ନେଇଥିବା ପୁତ୍ର ରାଜାଙ୍କ କୋଳରେ ବସିପାରିବ । ଭବିଷ୍ୟତରେ ସେ ହିଁ ରାଜା ହେବ । ସାବତ ମା'ର ଏହି କଥା ଧ୍ରୁବଙ୍କୁ ବାଧିଲା । ସେ ଆସି ମା'ଙ୍କୁ ସବୁକଥା କହିଲେ । ସେ ମଧ ସ୍ନେହ ଏବଂ ସମ୍ମାନର ଅଧିକାରୀ ହେବାକୁ ଚାହାନ୍ତି ବୋଲି ଧ୍ରୁବ କହିଲେ । ସୁନୀତି ନିଜ ପୁତ୍ରକୁ ବୁଝାଇବାକୁ ଯାଇ କହିଲେ, ତୁମେ ଶାନ୍ତ ହୁଅ । ସମ୍ମାନ ଓ ସ୍ନେହ ପାଇବାକୁ ତୁମେ ଭଗବାନ ନାରାୟଣଙ୍କୁ ସ୍ମରଣ କର । ତାଙ୍କରି କୃପାରୁ ତୁମେ ସମ୍ମାନ ଲାଭ କରିପାରିବ । ମା'ଙ୍କ ପରାମର୍ଶକ୍ରମେ ଧ୍ରୁବ ଅଲୌକିକ ସୁଖ ପ୍ରାପ୍ତ କରିବା ନିମନ୍ତେ ଭଗବାନ ବିଷ୍ଣୁଙ୍କୁ ତପସ୍ୟା କରିବା ଲାଗି ଜଙ୍ଗଲ ଅଭିମୁଖେ ଚାଲିଲେ । ବାଟରେ ସେ ଦେବର୍ଷି ନାରଦଙ୍କୁ ଭେଟିଲେ । ଦେବର୍ଷି ତାଙ୍କୁ 'ଓଁ ନମୋ ଭଗବତେ ବାସୁଦେବାୟ ନମଃ' ମନ୍ତ୍ର ଦୀକ୍ଷା ଦେଲେ । ଏହାପରେ ନାରଦ ରାଜା ଉତ୍ତାନ ପାଦଙ୍କ ନିକଟକୁ ଫେରିଆସିଲେ । ସେ ରାଜାଙ୍କୁ ସବୁକଥା ଶୁଣାଇଲେ । ରାଜା ଦୁଃଖ ପ୍ରକାଶ କଲେ । ତାଙ୍କ ଯୋଗୁ ତାଙ୍କର ପୁତ୍ର ଏକାକୀ ଜଙ୍ଗଲକୁ ଚାଲିଯାଇଛି । ରାଜା ଚିନ୍ତିତ ହୋଇପଡ଼ିଲେ । ତେବେ ଦେବର୍ଷି ନାରଦ ତାଙ୍କୁ ବୁଝାଇ କହିଲେ ଯେ ଦିନେ ଆପଣଙ୍କ ପୁତ୍ର ଯୋଗୁ ଆପଣଙ୍କ ନାମ ସ୍ମରଣୀୟ ହୋଇଯିବ । ଭବିଷ୍ୟରେ ସେ ଅନେକ ଯଶ ଲାଭ କରିବ । ରାଜା ଉତ୍ତାନପାଦ ଏହା ଶୁଣି ସାନ୍ତ୍ୱନା ଲାଭ କଲେ । ଅନ୍ୟପକ୍ଷରେ ଜଙ୍ଗଲରେ ଧ୍ରୁବ କଠୋର ତପସ୍ୟା କଲେ । ବନ୍ୟଜନ୍ତୁ, ଭୂତପ୍ରେତଙ୍କୁ ଭୟ ନକରି ସେ ସ୍ଥିର ମନରେ ଭଗବାନ ବିଷ୍ଣୁଙ୍କୁ ସ୍ମରଣ କରିଚାଲିଲେ । ଧ୍ରୁବଙ୍କ କଠୋର ତପସ୍ୟା କାରଣରୁ ସ୍ୱର୍ଗରେ ଦେବରାଜ ଇନ୍ଦ୍ରଙ୍କ ସିଂହାସନ ଟଳମଳ ହେଲା । ଏତେ ଅବୋଧ ବାଳକ ଏପରି କଠୋର ତପସ୍ୟା କରିପାରେ? ଆଶ୍ଚର୍ଯ୍ୟ ହେଲେ ଦେବରାଜ । ବାଳକଟି ଭଗବାନ ବିଷ୍ଣୁଙ୍କୁ ଡାକୁଥିଲା । ତେଣୁ ଦେବଗଣ ଯାଇ ନାରାୟଣଙ୍କ ସମ୍ମୁଖରେ ଉଭା ହେଲେ । ଧ୍ରୁବଙ୍କୁ ଦର୍ଶନ ଦେଇ ତା'ର ମନୋସ୍କାମନା ପୂରଣ କରିବା ଲାଗି ଅନୁରୋଧ କଲେ । ନାରାୟଣ ପୂର୍ବରୁ ଧ୍ରୁବଙ୍କ ବିଷୟରେ ଜାଣିଥିଲେ, ତଥାପି ସେ ତାଙ୍କ ଧୈର୍ଯ୍ୟର ପରୀକ୍ଷା ନେଉଥିଲେ । ଶେଷରେ ସମସ୍ତ ଦେବଗଣ ଏବଂ ମାତା ଲକ୍ଷ୍ମୀଙ୍କ ବିନତିକ୍ରମେ ଶ୍ରୀବିଷ୍ଣୁ ଧ୍ରୁବଙ୍କୁ ଦର୍ଶନ ଦେଲେ । ଧ୍ରୁବଙ୍କ ଇଚ୍ଛା ଜାଣିବାକୁ ଚାହିଁଲେ । ଆରାଧ୍ୟ ଶ୍ରୀବିଷ୍ଣୁଙ୍କୁ ଦେଖି ଧ୍ରୁବଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ନିଜ ଇଷ୍ଟଦେବଙ୍କୁ କହିଲେ ଯେ ସେ କେବଳ ସ୍ନେହ ଏବଂ ସମ୍ମାନ ଲାଭ କରିବାକୁ ଚାହାଁନ୍ତି । ଶ୍ରୀବିଷ୍ଣୁ ତାଙ୍କୁ ନେଇ ନିଜ କୋଳରେ ବସାଇଲେ । ଧ୍ରୁବଙ୍କୁ ପ୍ରଭୁ ବରଦାନ ଦେଲେ ଯେ ଉତ୍ତର ଆକାଶରେ ସପ୍ତର୍ଷି ମଣ୍ଡଳରେ ଧ୍ରୁବ ସବୁଦିନ ପାଇଁ ଶୋଭା ପାଇବେ ।



ମା'ଙ୍କ ପରାମର୍ଶକ୍ରମେ ଧ୍ରୁବ ଅଲୌକିକ ସୁଖ ପ୍ରାପ୍ତ କରିବା ନିମନ୍ତେ ଭଗବାନ ବିଷ୍ଣୁଙ୍କୁ ତପସ୍ୟା କରିବା ଲାଗି ଜଙ୍ଗଲ ଅଭିମୁଖେ ଚାଲିଲେ । ବାଟରେ ସେ ଦେବର୍ଷି ନାରଦଙ୍କୁ ଭେଟିଲେ । ଦେବର୍ଷି ତାଙ୍କୁ 'ଓଁ ନମୋ ଭଗବତେ ବାସୁଦେବାୟ ନମଃ'

## ଯୋଗାସନ

ଯୁବକ ହୁଅନ୍ତୁ ଅଥବା ଯୁବତୀ, ପ୍ରତ୍ୟେକଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ନିତାନ୍ତ ଆବଶ୍ୟକ । ଅଧିକାଂଶ ଲୋକେ ମୋଟାପଣ ଓ ଶରୀରର ମେଦବହୁଳତା କମ୍ କରିବା ପାଇଁ ଡାଏଟିଙ୍ଗ୍, ଯୋଗ ଓ ବ୍ୟାୟାମ, ବିଭିନ୍ନ ଯୋଗାସନ କରିବା ପାଇଁ ପରାମର୍ଶ ଦିଆଯାଇଥାଏ । ମାତ୍ର ଅନେକ ସମୟରେ ଡାଏଟିଙ୍ଗ୍,ବ୍ୟାୟାମ କରିବା ପରେ ମଧ ଅଧିକ ଲାଭ ମିଳିନଥାଏ । ଏହାସହ ଶରୀରର ଅନେକ ସ୍ଥାନରେ ଫ୍ୟାଟ୍ ଜମାଟ ବାନ୍ଧି ରହିଥାଏ । ହାତ, ଗୋଡ ଓ ପେଟ ତୁଳନାରେ ପିଠି ଅଂଶରେ ଥିବା ଫ୍ୟାଟ୍ କମ କରିବାରେ ଖୁବ ସମସ୍ୟା ହୋଇଥାଏ । ହାତ ଓ ଗୋଡରେ ଥିବା ଫ୍ୟାଟ୍ ସହଜରେ ହ୍ରାସ କରାଯାଇପାରେ । ମାତ୍ର ପିଠିରେ ଥିବା ଫ୍ୟାଟ୍‌କୁ ହ୍ରାସ କରିବା ପାଇଁ ଅଧିକ ସମୟ ଲାଗିଥାଏ । ମାତ୍ର ନିୟମିତ କିଛି ଯୋଗାସନ କରିବା ଦ୍ୱାରା ଫ୍ୟାଟ୍‌କୁ କମ କରି ହେବ । ଫ୍ୟାଟ୍ ରୁ ମୁକ୍ତି ପାଇବା ପାଇଁ ନିୟମିତ ୩ଟି ଯୋଗାସନ କରିବା ଦ୍ୱାରା ଖୁବ ଲାଭ ମିଳିଥାଏ । ଜାଣନ୍ତୁ.. ଧନୁରାସନ – ଏହି ଆସନ କରିବା ଦ୍ୱାରା ପିଠିରେ ଥିବା ଫ୍ୟାଟ୍ ହ୍ରାସ ହୋଇ ରକ୍ତ ସଞ୍ଚାଳନ ସଠିକ ଭାବେ ହେବାରେ ସହାୟକ ହୋଇଥାଏ ।




## ସକାଳୁ ଉଠି କ'ଣ କରିବା ଉଚିତ ?



ଶାସ୍ତ୍ରରେ ସୁଖ ଦୁଃଖକୁ ନକାରାତ୍ମକ ଓ ସକାରାତ୍ମକ ଉର୍ଜା ଜରିଆରେ ପରିଭାଷିତ କରାଯାଇଛି । ଯାହା ଅନୁସାରେ ଘରେ ଯଦି ସକାରାତ୍ମକ ଉର୍ଜା ଆସିବ ତେବେ ଘରେ ସୁଖ ଓ ସମୃଦ୍ଧିର ବାସ ହୋଇଥାଏ । ଏହାର ବିପରୀତ ନକାରାତ୍ମକ ଉର୍ଜା ଜୀବନରେ ଦୁଃଖ ନେଇ ଆସେ । ବର୍ତ୍ତମାନ ସମସ୍ତଙ୍କ ମନରେ ଏହି ପ୍ରଶ୍ନ ଆସିବ କି କେଉଁ ଭଳି କାମ ଦ୍ୱାରା ଆମେ ନିଜ ମଧ୍ୟରେ ସକାରାତ୍ମକ ଉର୍ଜା ଆଣି ପାରିବା । ଏମିତିରେ ଶାସ୍ତ୍ର ଅନୁସାରେ ଯଦି ଆପଣ ସକାଳୁ ଉଠିବା ପରେ ଏମିତି କିଛି କାର୍ଯ୍ୟ ଅଛି ଯାହାକୁ କରିବା ଦ୍ୱାରା ଆପଣଙ୍କ ମଧ୍ୟରେ ସକାରାତ୍ମକ ଉର୍ଜାର ବାସ ହେବ । ସେହି ସମସ୍ତ କାର୍ଯ୍ୟ ବିଷୟରେ କହିବାକୁ ଯାଉଛୁ । ସର୍ବ ପ୍ରଥମେ ସକାଳୁ ଉଠିବା ପରେ ନିଜର ଇଷ୍ଟ ଦେବତା କିମ୍ବା କୌଣସି ବି ଦେବାଦେବୀଙ୍କୁ ସ୍ମରଣ କରି ନମସ୍କାର କରନ୍ତୁ । ଏହା ପରେ ନିଜର ପାପୁଲି ଅର୍ଥାତ୍ ଆପଣ ନିଜର ହାତକୁ ଦେଖନ୍ତୁ । ଏହା ଦ୍ୱାରା ଆପଣଙ୍କ ମଧ୍ୟରେ ଆତ୍ମବଳ ବଢ଼ିବ ଓ ସକାରାତ୍ମକ ଉର୍ଜାର ସଂଚାର ହେବ । କହିବାକୁ ଗଲେ ଶାସ୍ତ୍ର ଅନୁସାରେ ଧନର ଦେବୀ ଲକ୍ଷ୍ମୀ, ବିଦ୍ୟାର ଦେବୀ ସରସ୍ୱତୀ ଓ ଶ୍ରୀହରିଙ୍କ ବାସ ଆମ ହାତରେ ହୋଇଥାଏ ।

## ନିଷ୍କ୍ରମଣ ସଂସ୍କାର



ଜନ୍ମିତ ଶିଶୁର ଚାରି ମାସ ପରେ ଏହି ନିଷ୍କ୍ରମଣ ସଂସ୍କାର କରାଯାଇଥାଏ । ସ୍ୱଗୃହରୁ ନବଜାତ ଶିଶୁ ବାହାରକୁ ବାହାର କରିବା ଏହି ସଂସ୍କାରର ମୂଳ ଉଦ୍ଦେଶ୍ୟ । ମନୁଷ୍ୟ ଶରୀର ପଞ୍ଚଭୂତ ଦ୍ୱାରା ନିର୍ମିତ; ଯଥା- ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ । ପଞ୍ଚଦେବତାଙ୍କ ଠାରୁ ଶିଶୁକୁ ଆଶୀର୍ବାଦ ପ୍ରାପ୍ତ କରାଇବା ସହ ସନ୍ତାନର ସୁସ୍ଥ, ଦୀର୍ଘାୟୁ ସକାଶେ ଶିଶୁକୁ ସୂର୍ଯ୍ୟଙ୍କ ତେଜ, ଚନ୍ଦ୍ରଙ୍କ ଶୀତଳତା ସ୍ପର୍ଶ କରାଇବା ସହ ଶିଶୁକୁ ତେଜସ୍ୱ, ବିନମ୍ର କରାଇଥାଏ ।

# ୭ ପଞ୍ଚାୟତର ୮୪ ଜଣ ପାଇନାହାନ୍ତି ହରିଶ୍ଚନ୍ଦ୍ର ରାଶି

ରାୟଗଡା,(ନିପ୍ର): ରାଜ୍ୟର ଗରିବ ପରିବାରର ଯଦି କାହାର ମୃତ୍ୟୁ ହୁଏ ତେବେ ଅନ୍ତିମ ସଂସ୍କାର ନିମନ୍ତେ ରାଜ୍ୟ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବା ପାଇଁ ପ୍ରାବଧାନ ରହିଛି। କିନ୍ତୁ ବଡ ଦୁଃଖର ବିଷୟ ରାୟଗଡା ଜିଲ୍ଲା ଗୁଡ଼ାରୀ ବ୍ଲକର ୭ ଗୋଟି ପଞ୍ଚାୟତର ୮୪ ପରିବାର ଏହି ହରିଶ୍ଚନ୍ଦ୍ର ଯୋଜନାରେ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସହାୟତା ରାଶି ପାଇବାରୁ ବଞ୍ଚିତ ରହିଛନ୍ତି। ଉକ୍ତ ଗୁଡ଼ାରୀ ବ୍ଲକର ମଧୁବନ ପଞ୍ଚାୟତର ୬, କରଲାଘାଟିର ଅସତାରେ ରହିଛନ୍ତି ମୋଟ ୩୧ ପରିବାର। ଏହା ବ୍ୟତୀତ ଏମ. ରାଇ ପଞ୍ଚାୟତର ୧୩, କଦମାର ୫, ପେଣ୍ଡିଲି ପଞ୍ଚାୟତର ୧୯ ଏବଂ ସିରିଗୁଡ଼ାର ୬ଏହି ଅର୍ଥ ରାଶି ପାଇନଥିବା ଜଣା ପଡିଛି। ଏ ବିଷୟରେ ଗୁଡାରି ବ୍ଲକର ବିଡ଼ିଓ ଶୁଚିସ୍ମିତା ବେହେରାଙ୍କୁ ପଚାରି ବୁଝିଲାରୁ ସେ କହିଛନ୍ତି ଯେ, ସେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଏହି ସହାୟତା ରାଶି ବକେୟା ପଡିଛି। ଉକ୍ତ ବିଷୟରେ ବିଭାଗୀୟ ଅଧିକାରୀ ଓ ରାଜ୍ୟ କାର୍ଯ୍ୟାଳୟକୁ ଏହି ଅର୍ଥ ରାଶିକୁ ପ୍ରଦାନ କରିବା ପାଇଁ ଅନେକ ଥର ଚିଠି ମାଧ୍ୟମରେ ଅବଗତ କରାଯାଇଥିଲେ ମଧ୍ୟ, ଏହି ବକେୟା ରାଶି ପ୍ରଦାନ ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଇଥିବା ଗୁଡ଼ାରୀ ଗୋଷ୍ଠି ଉନ୍ନୟନ ଅଧିକାରୀ ଶୁଚିସ୍ମିତା ବେହେରା ସୂଚିତ କରିଛନ୍ତି।

# ପ୍ରାକୃତିକ ଚିକିତ୍ସା ଉପରେ ଗୁରୁତ୍ୱ

ଭାପୁର,(ନିପ୍ର): ଭାପୁର ବ୍ଲକ ଫତେଗଡ଼ ଗ୍ରାମରେ ଅବସ୍ଥିତ ଶ୍ରୀରାମଙ୍କ ବିଜେସ୍ଥଳୀ ଦ୍ୱିତୀୟ ଅଯୋଧ୍ୟାରେ ଭାପୁର ବ୍ଲକ ବରିଷ୍ଠ ନାଗରିକ ମାନଙ୍କର ଏକ ସମ୍ମିଳନୀ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ କନକଲତା ସାହୁ ସେବା ସଂସ୍ଥାନ ତରଫରୁ ଆୟୋଜିତ ହୋଇଥିବାବେଳେ ଉପସ୍ଥିତ ଅତିଥିମାନେ ବରିଷ୍ଠ ନାଗରିକମାନଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ଉପଦେଶ ଦେଇଥିଲେ। ବୃଦ୍ଧ ସମୟରେ ସ୍ୱାସ୍ଥ୍ୟ ଅସନ୍ତୁଳିତ ଅବସ୍ଥାକୁ ଚାଲି ଆସିଥିବାରୁ ଖାଦ୍ୟ,ପାନୀୟ, ବ୍ୟାୟାମ ଉପରେ ଗୁରୁତ୍ୱ ଦେଇ ନିଜର ଅଭିଭାଷଣ ରଖିଥିଲେ।ବାର୍ଦ୍ଧକ୍ୟ ସମୟରେ ଦୁଃରୋଗ ମଧୁମେହ, ଉଚ୍ଚରକ୍ତଚାପ, ବରିଷ୍ଠ ମାନଙ୍କର ଶାରୀରିକ,ମାନସିକ,ଆଧ୍ୟାତ୍ମିକ,ଯୋଗ କ୍ଷେତ୍ରରେ ସୁଦୃଢ଼ ହୋଇ ବିଭିନ୍ନ ରୋଗରୁ ବ୍ୟାୟାମ ଦ୍ୱାରା ରୋଗକୁ କିପରି ନିଜ ଅକ୍ତିଆରରେ ରଖିହେବ ସେ ସମ୍ପର୍କରେ ପ୍ରାକୃତିକ ଚିକିତ୍ସକ ଡଃ ସଂଗୀତା ଅଗ୍ରୱାଲ ସମ୍ୟକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ,ଅନ୍ୟମାନଙ୍କ ମଧ୍ୟରେ ରୋଟାରୀଆନ ଡଃ ପି.ଶ୍ରୀନିବାସ,ଭେଷଜ ବିଶେଷଜ୍ଞ ଡଃ ରମେଶ କୁମାର ଗୋୟେଙ୍କା,ସଭାପତି ସ୍ନେହୀସମାଜ ଡଃ ଅନନ୍ତ ଚରଣ ସାହୁ,ରାଜ୍ୟ ବରିଷ୍ଠ ନାଗରିକ ମହାସଙ୍ଘର ସମ୍ପାଦକ ଯୁଗଳ କିଶୋର ସାହୁ, ଭାପୁର ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରଭାକର ସାହୁ ଓ ଆବାହକ ରମେଶ ଚନ୍ଦ୍ର ବରାଡ଼,ସମାଜସେବୀ ଚକ୍ରଧର ପ୍ରଧାନ, ପ୍ରଜାପତି ବ୍ରହ୍ମକୁମାରୀ ଉପକେନ୍ଦ୍ର, ଭାପୁର ଅଂଚଳର ୩୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

# ନୂତନ ପାଠ୍ୟ ପୁସ୍ତକ ସଞ୍ଚାଳନ ଶିବିର

ଡାବୁଗାଁ,(ନିପ୍ର): ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଓଡିଶା ପାଠକ୍ରମର ରୂପରେଖ– ୨୦୨୫ ଓ ନୂତନ ପାଠ୍ୟପୁସ୍ତକର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଡାବୁଗାଁ ବିଇଓ ରଶ୍ମିତା ନେତମ ଏବିଇଓ ଭଗବାନ ମାଝୀ ପ୍ରମୁଖ ଉଦଘାଟନ କରିଥିଲେ। ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ପ୍ରଶିକ୍ଷଣ ଶିବିର ପ୍ରଥମ ପର୍ଯ୍ୟାୟରେ ୫ଦିନ ଚାଲିଥିଲା । ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ବ୍ଲକର ମୋଟ ୧୦୦ଜଣ ଶିକ୍ଷକଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବ୍ଲକର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରଶିକ୍ଷଣ ନେବେ ବୋଲି ଏବିଇଓ ଭଗବାନ ମାଝୀ ସୂଚନା ଦେଇଛନ୍ତି ।

# ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି

ବୋଲଗଡ଼,(ନିପ୍ର): ରାଜସୁନାଖଳାସ୍ଥିତ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫ୍ରେଣ୍ଡସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଆବାହକତ୍ୱରେ ଶନିବାର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ, ଫ୍ରେଣ୍ଡସ କ୍ଲବ ସମ୍ପାଦକ ମିର୍ଜା ଫକୀରଦ୍ଦିନ ବେଗ, ଫ୍ରେଣ୍ଡସ କ୍ଲବର ବରିଷ୍ଠ ସଦସ୍ୟ ସଦାଶିବ ସାହୁ ବିଷିକେଶନ ସାହୁ, ଉହୀଦ୍ଧ ଖାନ, ପ୍ରଦୀପ୍ତ ବେହେରା, ମାନସ ମହାପାତ୍ର,ରଶ୍ମୀକାନ୍ତ ଷଡ଼ଙ୍ଗୀ, ଧନେଶ୍ୱର ସାହୁ, ପ୍ରଦୀପ୍ତ ବେହେରା, ସୁଶାନ୍ତ କୁମାର ପ୍ରଧାନ, କୈଳାସ ଚନ୍ଦ୍ର ସାହୁ, ସୌମ୍ୟରଞ୍ଜନ ଚୌଧୁରୀଙ୍କ ସମେତ ବହୁ ସଦସ୍ୟମାନେ ଯୋଗଦେଇଥିଲେ। ଏହି ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ସୂଚନା ପ୍ରଦାନ କରିଥିଲେ। ଏହି ରାଜ୍ୟସ୍ତରୀୟ ଫୁଟୁବଲ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିବେ।

# ବାଳମୁକୁନ୍ଦ ଜିଉ ପାଲା ପରିଷଦର କାର୍ଯ୍ୟକ୍ରମ

ତିଗିରିଆ,(ନିପ୍ର): ପାଞ୍ଚଗାଁ ସ୍ଥିତ ବହୁମୁଖୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପରିସରରେ ବାଳମୁକୁନ୍ଦ ଜିଉ ପାଲା ପରିଷଦର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଭୈବ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଏ ବି ଡି ଓ ଯାଙ୍ଗସିନୀ ଗୋଛାୟତ ମୁଖ୍ୟଅତିଥି, ବି ଇ ଓ ଅମର କୁମାର ମହାରଣା, କବି ତଥା ଶିକ୍ଷାବିତ ଇନ୍ଦ୍ରମଣି ନାୟକ ସନମାନୀତ ଅତିଥି, କେନ୍ଦ୍ରର ସଭାପତି ଜଗବନ୍ଧୁ ତୁଙ୍ଗ ସାମନ୍ତ, ଉପସଭାପତି ତଥା ପରିଷଦର ଉପଦେଷ୍ଟା ସରୋଜ କୁମାର ଦାଶ, ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ପିଇବା ପାଣି ପାଇଁ ହଟହଟା ଖେଜୁର୍ପାଲି ଗ୍ରାମବାସୀ

## ପ୍ରହସନ ସାଜିଛି ସରକାରୀ ଯୋଜନା

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ଟାମ୍ପରଗଡ଼ ପଞ୍ଚାୟତ ଖେଜୁର୍ପାଲି ଗ୍ରାମରେ ଦେଖିବାକୁ ମିଳିଛି ପିଇବା ପାଣିର ଉତ୍କଟ ସମସ୍ୟା ।ଗ୍ରାମବାସି ପାଣି ପାଇଁ ହେଉଛନ୍ତି ଅନେକ ହଟହଟା । ପ୍ରହସନ ସାଜିଛି ସରକାରୀ ଯୋଜନା । ସାଧାରଣତଃ ଗ୍ରାମର ମହିଳାମାନେ ୧କିଲୋମିଟର ଦୂରତା ଥିବା ମାଳତୀ ନଦୀରୁ ଅଶୁଦ୍ଧ ପାଣି ଆଣି ବ୍ୟବହାର କରୁଛନ୍ତି । ମାଳତୀ ନଦୀରୁ ଅନେକ ବାଟରୁ ଏକୁଟିଆ ଝିଅ ବୋହୂମାନେ ପାଣି ଆଣିବା ସୁରକ୍ଷିତ ମଣୁନାହାନ୍ତି । କାରଣ ଏ ଅଞ୍ଚଳରେ ହାତୀ ଓ ଅନ୍ୟ ବନ୍ୟଜନ୍ତୁ ମଧ୍ୟ ବିଚରଣ କରିଥାନ୍ତି । କିନ୍ତୁ ବର୍ତ୍ତମାନ ସରକାର ଅନେକ ଗାଁ ଓ ସହର ଗୁଡିକର ନାମ ପରିବର୍ତ୍ତନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । କେବଳ ନାମ ପରିବର୍ତ୍ତନ କରିଦେଲେ ଯେ ଅଞ୍ଚଳର ସମସ୍ୟା ବଦଳିଯିବ ତା ନୁହେଁ । ଗାଁ ର ଚିତ୍ର,ଚରିତ୍ର ଓ ସମସ୍ୟାକୁ ପରିବର୍ତ୍ତନ ନ କଲେ ଆଗାମୀ ଦିନରେ ଆଗାମୀ ନିର୍ବାଚନରେ ଜବାବ ଦେବେ ବୋଲି ଗାଁ ଲୋକ କହିଲେଣି । କାରଣ ଅନେକ ଦିନ ହେଲାଣି ପିଇବା ପାଣି ପାଇଁ କଷ୍ଟ ଭୋଗୁଛନ୍ତି ଖେଜୁର୍ପାଲି ଜନସାଧାରଣ ।ଗ୍ରାମର ବରିଷ୍ଠ ମହିଳା ପାନୀୟ ଜଳ



ସମସ୍ୟାକୁ ନେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ସ୍ଥାନୀୟ ପ୍ରଶାସନ ଖୁବ୍ ଶୀଘ୍ର ଏହାର ସମାଧାନ ନ କଲେ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଛନ୍ତି । ଗ୍ରାମର ଜଣେ ମେଧାବୀ କଲେଜ ଛାତ୍ରୀ ପ୍ରତିକ୍ରିୟାରେ କହିଛନ୍ତି ପିଇବା ପାଣିର ଅଭାବକୁ ନେଇ ଆମେ ବହୁତ ଚିନ୍ତିତ,ଅଶୁଦ୍ଧ ପାଣି ପିଉଛୁ ଅନେକ ରୋଗ ସୃଷ୍ଟି ହେଉଛି ।ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଟାମ୍ପର୍ଗଡ କ୍ଷୀରୋଦ ରାଉଳ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ମୁଁ ବିଡି ଓଙ୍କୁ ପାଣି ସମସ୍ୟା ବିଷୟରେ ଜଣାଇଛି,ଖୁବ୍‌ଶୀଘ୍ର ଏହାର ସମାଧାନ ପାଇଁ ଶ୍ରୀ ରାଉଳ ପ୍ରତିଶ୍ରୁତି ଦେଇଛନ୍ତି ।

ଏଣୁ ସରକାର ଶୀଘ୍ର ଏହାର ସମାଧାନ କରନ୍ତୁ । ଉକ୍ତ ସମସ୍ୟାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିବା ସାଧାରଣରେ କୁହାଯାଇଛି।

# ଉତ୍କଳ ଆଲୁମିନା ପକ୍ଷରୁ 'ସାରଥୀ ଉତ୍ସବ'

ରାୟଗଡ଼ା,(ନିପ୍ର): ରାୟଗଡ଼ା ଜିଲ୍ଲା ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ସାରଥୀ ଉତ୍ସବ ଆୟୋଜିତ ହୋଇଯାଇଛି। ଭାରୀଯାନ ଚଳକଙ୍କୁ ସମ୍ବର୍ଦ୍ଧିତ ତଥା ସେମାନଙ୍କୁ ସଡ଼କ ପରିବହନ ନିୟମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏହି ଅବସରରେ ରାୟଗଡ଼ା ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ବିନୟ କୁମାର ପଲ୍ ଯୋଗଦେଇଥିବା ବେଳେ ଦୋରାଗୁଡ଼ା ଏସ୍‌ଆଇ ସ୍ୱରୂପ ପ୍ରଧାନଙ୍କ ସମେତ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବିନାରାୟଣ ମିଶ୍ର ଓ ଏଫ୍‌ଏଚ୍ ଲଜିଷ୍ଟିକ୍ ସମୀର ପାଢ଼ୀ ପ୍ରମୁଖ ମଞ୍ଚସ୍ଥ ଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ପଲ୍ କହିଥିଲେ ଯେ, ଦେଶର ଅର୍ଥନୈତିକ ମେରୁଦଣ୍ଡ ହେଉଛନ୍ତି ସାରଥୀ ରୂପକ ଭାରୀଯାନ ଚାଳକ। ସେମାନଙ୍କ ପାଇଁ ଦେଶର ଅର୍ଥନୀତି ଗତିଶୀଳ। ତେଣୁ ସେମାନଙ୍କ ସୁରକ୍ଷା ଓ ସାମାଜିକ କଲ୍ୟାଣ ସମସ୍ତଙ୍କ ଗୁରୁଦାୟିତ୍ୱ। କ୍ରମାଗତ ଭାବେ ସଡ଼କ




ଦୁର୍ଘଟଣା ବୃଦ୍ଧି ଯୋଗୁଁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ସମସ୍ତ ଚାଳକ ସଡ଼କ ନିୟମ କଡ଼ାକଡ଼ି ଭାବେ ପାଳନ ନିମନ୍ତେ ସେ ଅନୁରୋଧ କରିଥିଲେ। ଏଥିସହିତ ଉତ୍କଳ ଆଲୁମିନା ପକ୍ଷରୁ ଚାଳକଙ୍କୁ ସଚେତନତା ଓ ସମ୍ବର୍ଦ୍ଧନା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଥିବାରୁ ଶ୍ରୀ ପଲ୍ ଭୂୟସୀ ପ୍ରଶଂସା କରିଥିଲେ। ସେହିପରି ଏସ୍‌ଆଇ ଶ୍ରୀ ପ୍ରଧାନ ନିଜ ଅଭିଭାଷଣରେ କହିଥିଲେ ଯେ, ଦୋରାଗୁଡ଼ା ଥାନା ଅଧୀନରେ ଗତ ବର୍ଷ ୧୮ ଗୋଟି ଦୁର୍ଘଟଣା ଘଟିଥିବା ବେଳେ ଅନେକ ବ୍ୟକ୍ତିଙ୍କ ପ୍ରାଣହାନୀ ହୋଇଛି। ଏହାର ପ୍ରମୁଖ କାରଣ ମଦ୍ୟପ ଚାଳକ ଯୋଗୁଁ ଦୁର୍ଘଟଣା ବୃଦ୍ଧି ହୋଇଥିବା ସେ ଦର୍ଶାଇ ଥିଲେ। ଅନୁରୂପ ଭାବେ ସଭାରେ ଉଦବୋଧନ ଦେଇ ୟୁନିଟ୍ ମୁଖ୍ୟ ଶ୍ରୀ ମିଶ୍ର କହିଥିଲେ ଯେ, ମହାଭାରତରେ ସାରଥୀ ଶ୍ରୀ କୃଷ୍ଣ ଭଗବାନଙ୍କ ଭୂମିକାକୁ ସ୍ମରଣ କରିବା ସହ ଚାଳକମାନେ ମଧ୍ୟ ଅନୁରୂପ କାରଖାନାର ମେରୁଦଣ୍ଡ ବୋଲି ସେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଚାଳକମାନେ କଞ୍ଚାମାଲ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବହନ କରିବା ଫଳରେ ଅର୍ଥନୀତି ଗତିଶୀଳ ହେବା ସହିତ ଦେଶ ସମୃଦ୍ଧ କରିବାରେ ସେମାନଙ୍କ ଭୂମିକା ଅତୁଳନୀୟ। ତେଣୁ ଚାଳକଙ୍କ ସୁରକ୍ଷା ସର୍ବୋପରି। ସଡ଼କ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ଶ୍ରୀ ମିଶ୍ର ନିଜ ଅଭିଭାଷଣରେ ଗୁରୁତ୍ୱାରୋପ କରିଥିଲେ। ଏଫ୍‌ଏଚ୍ ଲଜିଷ୍ଟିକ ଶ୍ରୀ ପାଢ଼ୀ ଦ୍ରୁତ ବେଗରେ ଗାଡ଼ି ଚାଳନା, ମଦ୍ୟପାନ ନକରି ଗାଡିଚଳନା, ସିଟବେଲ୍ଟ ପିନ୍ଧି ଗାଡ଼ି ଚାଳନା ଇତ୍ୟାଦି ସମ୍ପର୍କିତ ନିୟମ ପ୍ରତି ଗୁରୁତ୍ୱ ଦେଇ ଗାଡ଼ି ଚାଳନା ପାଇଁ ସେ ଚଳକଙ୍କୁ ଅନୁରୋଧ କରିଥିଲେ।

# 'ଗଡ଼ଜାତ ଆନ୍ଦୋଳନରେ ପବିତ୍ର ମୋହନଙ୍କ ଅବଦାନ ଅତୁଳନୀୟ'

ଅନୁଗୋଳ,(ନିପ୍ର): ଅନୁଗୋଳ ଜିଲ୍ଲା ପବିତ୍ର ନଗର ମିନି ଷ୍ଟାଡିୟମରେ ରାଜ୍ୟସ୍ତରୀୟ ପବିତ୍ର ମୋହନ ପ୍ରଧାନଙ୍କ ୧୧୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି।ରାଜ୍ୟପାଳ ଓ କେନ୍ଦ୍ରମନ୍ତ୍ରୀ ହେଲିକାପ୍ଟରରେ ଆସି ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିଥିଲେ। ସେଠାରେ ଅନୁଗୋଳ



ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସେଠାରୁ ଯାଇ ନବ ନିର୍ମିତ ପବିତ୍ର ମୋହନ ପ୍ରଧାନ ସ୍ମୃତି ପୀଠକୁ ଉଦ୍‌ଘାଟନ କରିଥିଲେ। ପରେ ଆଦି ଜୟନ୍ତୀ ସମାରୋହରେ ସାମିଲ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ରାଜ୍ୟପାଳ ଡଃ ହରିବାବୁ କମ୍ଭମପଟି, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ ଏମ ଅଖତର ଯୋଗଦେଇଥିଲେ। ସମସ୍ତ ଅତିଥି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ସ୍ମୃତି ଚାରଣ କରିବା ସହ ଗଡ଼ଜାତ ଆନ୍ଦୋଳନରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରାଜ୍ୟପାଳ ୧୭୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପର ଶୁଭ ଉଦଘାଟନ ଓ ଶିଳାନ୍ୟାସ କରିଥିଲେ। ଏହାପରେ ହେଲିକାପ୍ଟର ଯୋଗେ କଣିହାଁ ଅଭିମୁଖେ ଯାଇ କଣିହାଁ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ସମାରୋହରେ ଯୋଗଦେଇଥିଲେ।

# ପ୍ରାଚୀ ପରିକ୍ରମା ଆରମ୍ଭ, ୧୩ରେ ପୂର୍ଣ୍ଣାହୂତି

ପୁରୀ,(ନିପ୍ର): ପ୍ରାଚୀ ନଦୀର ସ୍ୱଚ୍ଛତା, ପବିତ୍ରତା ଓ ସୁରକ୍ଷା ପାଇଁ ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟ ଗଠିତ ହୋଇ କାର୍ଯ୍ୟ କରୁଛି ।ଶ୍ରୀଗୁରୁଜୀ ପରମହଂସ ପ୍ରଜ୍ଞାନନ୍ଦଜୀ ମହାରାଜଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହା ପ୍ରତି ବର୍ଷ ଆୟୋଜିତ ହୋଇଆସୁଛି। ଚଳିତ ମାସ ୭ ତାରିଖ ଅର୍ଥାତ ଆଜି ଠାରୁ ୧୨ ତାରିଖ ପର୍ଯ୍ୟନ୍ତ ଏକାଧିକ ଜିଲ୍ଲାର ବିଭିନ୍ନ ସ୍ଥାନ ପରିକ୍ରମା ଓ ସଚେତନତା ସୃଷ୍ଟି କରି ୧୩ ତାରିଖରେ ପୂର୍ଣ୍ଣାହୂତି ହେବ ବୋଲି ସ୍ଥିର ହୋଇଛି। ଏହାର ସଫଳ ଓ ଶୃଙ୍ଖଳିତ ଆୟୋଜନ ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ କାର୍ଯ୍ୟ ସମ୍ପାଦନ ପାଇଁ ବିଭିନ୍ନ ଅଧିକାରୀ ମାନଙ୍କୁ ପରାମର୍ଶ ଦିଆଯାଇଥିଲା ।ପ୍ରାଚୀ ପରିକ୍ରମା ପଦଯାତ୍ରା କଟକ ଜିଲ୍ଲାର ନିଆଳି ତହସିଲ ଅଧୀନ ଶ୍ରୀଅନ୍ଧ କପିଳେଶ୍ୱର ମନ୍ଦିର ଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବାହାରି ଥିଲା। ସଂକୀର୍ତ୍ତନ, ଯୋଡି ଶଙ୍ଖ,ଘୋଡ଼ା ନାଚ,ଘଣ୍ଟ ପାଟୁଆ ଏହି ଶୋଭାଯାତ୍ରାରେ ସାମିଲ ହୋଇ ନୂଆଗାଁର ରାଧାକାନ୍ତ ମଠ ପର୍ଯ୍ୟନ୍ତ ଆସି ସେଠାରେ ରାତ୍ରି ଯାପନ କରିଥିଲେ ।ରାତ୍ରି ଯାପନ ସ୍ଥଳରେ ପାଲା ପରିବେଷଣ କରାଯାଇଥିଲା। ପଦଯାତ୍ରା ବାହାରି ଆର୍ତ୍ତତ୍ରାଣ ଗାଦି ମୁକ୍ତି ବାବା ମଠ ଜଲ୍ଲାରପୁର ହୋଇ ମାଧବାନନ୍ଦ ମନ୍ଦିରରେ ରାତ୍ରି ଯାପନ କରିବେ।୯ ତାରିଖରେ ସେଠାରୁ ବେତଣ୍ଡା ନିଆଳି ହୋଇ କାକଟପୁର ତହସିଲର ଦେଉଳି ମଠରେ ରାତ୍ରି ଯାପନ କରିବେ।୧୦ ତାରିଖରେ ସେଠାରୁ ବାହାରି ଅସ୍ତରଙ୍ଗ ତହସିଲର କେଲୁଣୀ ମୁହାଣ କେଉଟଜଙ୍ଗା ଠାରେ ରାତ୍ରି ଯାପନ କରିବେ।୧୧ ତାରିଖରେ ସେଠାରୁ ବାହାରି କାକଟପୁରର ଜଗନ୍ନାଥ ମନ୍ଦିର ଦେଇ ଗୋପ ତହସିଲର ପ୍ରାଚୀ ଗୁରୁ ଧର୍ମକ୍ଷେତ୍ର ନୂଆମଠ ନୂଆହାଟ ଠାରେ ପହଞ୍ଚି ରାତ୍ରି ଯାପନ କରିବେ।୧୨ ତାରିଖରେ ନିମାପଡ଼ା ତହସିଲର ଶଙ୍ଖ ପଡା ଦଶହରା ପଡିଆ ହୋଇ ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ତହସିଲର ଦେଉଳିଧରପୁର ବୁଦ୍ଧିକେଶ୍ୱର ମନ୍ଦିର ରେ ରାତ୍ରି ଯାପନ କରିବେ ।ପଦଯାତ୍ରା ରାତ୍ରି ଯାପନ କରୁଥିବା ସ୍ଥାନ ମାନଙ୍କରେ ପ୍ରତି ସଂଧ୍ୟାରେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ର ବ୍ୟବସ୍ଥା କରାଯାଇଛି। ୧୩ ତାରିଖରେ ପଦଯାତ୍ରା ଶ୍ରୀଅନ୍ଧ କପିଳେଶ୍ୱର ମନ୍ଦିରରେ ପହଞ୍ଚିବେ ।ସେଠାରେ ପୂର୍ଣ୍ଣାହୂତି ସମ୍ପର୍ଣ୍ଣର କାର୍ଯ୍ୟ ସୂଚୀ ଧାର୍ଯ୍ୟ ହୋଇଛି।

# ରାୟଗଡରେ ଜନଗଣନା ପ୍ରସ୍ତୁତି

ରାୟଗଡ଼,(ନି ପ୍ର): ରାୟଗଡ ଜିଲ୍ଲା ପରିଷଦ ସଭାଗୃହରେ ୨୦୨୭ ଜନଗଣନାର ପ୍ରସ୍ତୁତିକାଳୀନ ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ରାୟଗଡ ନବୀନ ଚନ୍ଦ୍ର ନାୟକଙ୍କ ଅଧକ୍ଷତା ଆୟୋଜିତ ହୋଇଥିଲା। ବୈଠକରେ ଉପଜିଲ୍ଲାପାଳ ରାୟଗଡ ରମେଶ କୁମାର ଜେନା, ସୁଜିତ କୁମାର ପ୍ରଧାନ, ସହାୟକ ନିର୍ଦ୍ଦେଶକ (ଜିଲ୍ଲା ନୋଡାଲ ଅଧିକାରୀ), ଜନଗଣନା ନିର୍ଦ୍ଦେଶକତ୍ୱ ଏନ୍. ଗଣେଶ, ଏସ୍.ଆଇ. ଗ୍ରୁପ-ଦୁଇ (ଜିଲ୍ଲା ପରିଚଳକ)ଙ୍କ ଦ୍ୱାରା ଜନଗଣନା ୨୦୨୭ ପାଇଁ ସରକାରଙ୍କ ଆଭିମୁଖ୍ୟ, ପ୍ରସ୍ତୁତି, ପଦକ୍ଷେପ, ପ୍ରକ୍ରିୟା ଉପରେ ବିଶେଷ ଆଲୋଚନା କରିଥିଲେ। ଏହି ବୈଠକରେ ସହକାରୀ ଜିଲ୍ଲାପାଳ ଶିବ ପ୍ରସାଦ ସାହୁ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର,ଅତିରିକ୍ତ ତହସିଲଦାର, ନିର୍ବାହୀ ଅଧକାରୀ, ଜନଗଣନା ସହ ସଂପୃକ୍ତ କର୍ମଚାରୀ, ଉପସ୍ଥିତ ଥିଲେ ।

ଏହି ଜନଗଣନା ଭାରତର ୧୬ମ ଜନଗଣନା ଏବଂ ସ୍ୱାଧୀନତା ପରେ ୮ମ ଜନଗଣନା ଅଟେ। ସରକାରୀ ନୀତି, ଯୋଜନା ଓ ବିକାଶ କାର୍ଯ୍ୟକୁ ନିର୍ଦ୍ଦେଶ ଦେବା ପାଇଁ ଏହାର ତଥ୍ୟ ଅତ୍ୟନ୍ତ ଉପଯୋଗୀ। ଜନଗଣନା ଦୁଇ ପର୍ଯ୍ୟାୟରେ ହେବ, ପ୍ରଥମ ପର୍ଯ୍ୟାୟରେ (ଘର ତାଲିକାଭୁକ୍ତ ଘର ଗଣନା) ଘରର ଅବସ୍ଥା, ସୁବିଧା ଓ ସମ୍ପତ୍ତି ବିଷୟରେ ତଥ୍ୟ ସଂଗ୍ରହ କରାଯିବ। ଏହା ୩୦ ଦିନର କାର୍ଯ୍ୟକାଳରେ ୧୬ ଏପ୍ରିଲ୍ ୨୦୨୬ରୁ ୧୫ ମେ ୨୦୨୬ ପର୍ଯ୍ୟନ୍ତ ଚଳିବ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ (ଜନସଂଖ୍ୟା ଗଣନା) ଜନସଂଖ୍ୟା, ବୟସ୍, ଆଦିବାସୀ/ଜନଜାତି, ଗର୍ଭଧାରଣ, ପ୍ରବାସ ଓ ଅର୍ଥନୀତି ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ ହେବ। ଏହା ୯ରୁ ୨୮ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ଚଳିବ, ଯେଉଁ ମାନେ ନିଜର ବ୍ୟକ୍ତିଗତ ତଥ୍ୟ ସଂଶୋଧନ କରିବାକୁ ଚାହିଁବେ ୧ରୁ ୫ ମାର୍ଚ୍ଚ ୨୦୨୭ ମଧ୍ୟରେ କରିପାରିବେ। ଜନଗଣନା ୨୦୨୭ ର ତଥ୍ୟ ତା ୧ ମାର୍ଚ୍ଚ ୨୦୨୭, ୦୦:୦୦ ଘଂଟିକାରୁ ଗ୍ରହଣ କରାଯିବ। ଏହି ଜନଗଣନାରେ ଓଡ଼ିଶାର କୋଡ୍ ୨୨ ଓ ରାୟଗଡ଼ାର କୋଡ୍ ୨୭ ଅଟେ। ଏହା ପାଇଁ ୯ଟି ସର୍କ୍ୟୁଲାର ଜାରି ହୋଇଛି।ଡିଜିଟାଲ୍ ସରଞ୍ଜାମ ଓ ନୂତନ ପ୍ରଣାଳୀ ଏହି ଜନଗଣନାରେ ସାମିଲ କରାଯାଇଛି। ମୋବାଇଲ୍ ଆପ୍, ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ୍, ସ୍ୱୟଂ-ଗଣନା ୱେବ୍ ପୋର୍ଟାଲ୍, ଏଆଇ ଚାଟ୍‌ବଟ୍ ଓ ୱେବ୍ ଆପ୍ ଆଦି ବ୍ୟବହାର ହେବ।

# ହଳଦିଆଟାଙ୍ଗିରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

କେନ୍ଦୁଝର,(ନିପ୍ର): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଳଦିଆଟାଙ୍ଗିରୀର ବାର୍ଷିକ ଉତ୍ସବ,୨୦୨୫-୨୬ ମଣ୍ଡଳ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ସମାଜସେବୀ ଦିଲ୍ଲୀପ କୁମାର ପଣ୍ଡା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ମିଶ୍ର, କପିଳ ଚନ୍ଦ୍ର ଦାଶ, ତରଣୀସେନ ମୁଣ୍ଡା, ନରଣପୁର ଗ୍ରାମପଞ୍ଚାୟତ ସରପଞ୍ଚ ରୀନା ନାଏକ, ନରଣପୂର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଶାନ୍ତ କୁମାର କବି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରେବତୀ ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ଛାତ୍ରାବାସର ପାଚିକା ସହାୟିକା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଦେବଜାନୀ ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା।

# ପିଏମଶ୍ରୀ ପିପୁଲ୍ସ ହାଇସ୍କୁଲର ବାର୍ଷିକ କ୍ରୀଡା ଦିବସ

ବୁଗୁଡା,(ନିପ୍ର): ବୁଗୁଡା ପିଏମଶ୍ରୀ ପିପୁଲ୍ସ ହାଇସ୍କୁଲର ବାର୍ଷିକ କ୍ରୀଡା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କାଳୀଚରଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ, ସମ୍ମାନିତ ଅତିଥି ଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା, ସିଆରସିସି କିରଣ ବାଳା ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏନସିସି ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ ଏବଂ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲିସ ଆଥେଲେଟିକ ଚାମ୍ପିଆନସିପ୍ ଶୁଭାରମ୍ଭ

କଟକ,(ନିପ୍ର): ସ୍ଥାନୀୟ ବକ୍ସିବଜାର ସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ ପରିସରରେ ୭୪ତମ ରାଜ୍ୟ ପୋଲିସ ଆଥେଲେଟିକ ଚାମ୍ପିଆନସିପ-୨୦୨୬ ର ଶୁଭାରମ୍ଭ ହୋଇଯାଇଛି । କ୍ରାଇମବ୍ରା□ ଡିଜିପି ବିନୟ ତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଶୁଭାରମ୍ଭ କରିଥିଲେ। ଏହି ଚାମ୍ପିଆନସିପ ଓଡ଼ିଶା ପୋଲିସର ଶୃଙ୍ଖଳା, ସଂଯମତା ଓ ସହନଶୀଳତାର ପ୍ରତୀକ ବୋଲି ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମାଧ୍ୟମରେ ଓଡ଼ିଶା ପୋଲିସର କାର୍ଯ୍ୟରତ କର୍ମଚାରୀମାନେ ନିଜ ଶାରିରୀକ ଓ ମାନସିକ ଦକ୍ଷତାକୁ ପ୍ରତିପାଦିତ କରିବାର ଏକ ସୁଯୋଗ ବୋଲି ସେ କହିଥିଲେ । ଏହା ସହ ଚଳିତ ବର୍ଷ ପ୍ରତିଯୋଗିତାରେ ମହିଳା କ୍ରୀଡ଼ାବିତମାନଙ୍କର ସଂଖ୍ୟା ପୂର୍ବାପେକ୍ଷା ବୃଦ୍ଧି ପାଇଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ବିଗତ ଦିନରେ ଓଡ଼ିଶା ପୋଲିସର କ୍ରୀଡ଼ାବିତମାନେ ଜାତୀୟ ଓ ଅନ୍ତର୍ଜାତୀୟ ପୋଲିସ କ୍ରୀଡ଼ା ପ୍ରତିଯୋଗିତାରେ ଅସାଧାରଣ ସଫଳତା ହାସଲ କରି ରାଜ୍ୟ ତଥା ପୋଲିସ ବିଭାଗର ଗୌରବ ବୃଦ୍ଧି କରିଛନ୍ତି। ଆଗାମୀ ଦିନରେ ଏହି ଚାମ୍ପିଆନସିପରୁ ସଫଳ ପ୍ରତିଯୋଗିମାନେ ସର୍ବଭାରତୀୟ ପୋଲିସ ଆଥେଲେଟିକ ଚାମ୍ପିଆନସିପ ସହିତ ଅନ୍ୟାନ୍ୟ ବଡ଼ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଓଡ଼ିଶା ପୋଲିସକୁ ଗର୍ବିତ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

# କଟକରୁ ଲୋପ ପାଇବାକୁ ବସିଲାଣି ରିକ୍ସା

## ଦୁର୍ଦ୍ଦିନରେ ବିତୁଛି ଚାଳକଙ୍କ ଜୀବନ

କଟକ,(ନିପ୍ର): କଥାରେ କୁହାଯାଏ 'କଟକ ସହର, ଧବଳ ଟଗର' ଏକ ହଜାର ବର୍ଷର ଇତିହାସକୁ ବହନ କରୁଥିବା ଏହି ପୁରୁଣା ସହରର ଐତିହ୍ୟ, ପରମ୍ପରା ଓ ଭାଇଚାରାର ସଂପର୍କ ଅତି ନିଆରା। ସାଂସ୍କୃତିକ ସହର କଟକର ଅନ୍ୟତମ ପରିଚୟ ହେଉଛି 'ରିକ୍ସା'। ବିଶେଷତଃ ପାର୍ବଣ ଋତୁରେ ରିକ୍ସାରେ ବୁଲିବାର ମଜା ସବୁଠାରୁ ଅଲଗା ବୋଲି ଏବେ ମଧ୍ୟ ଅନେକ ବରିଷ୍ଠ କଟକିଆ ମତ ଦିଅନ୍ତି। ସହରରେ ଏବେ ଦୁଇଚକିଆ ଯାନ, କାର, ଅଟୋ ଓ ଆମ ବସର ବହୁଳ ବ୍ୟବହାର ହେଉଥିଲେ ମଧ୍ୟ ରିକ୍ସାରେ ବୁଲିବାର ମଜା ସଂପୂର୍ଣ୍ଣ ଭିନ୍ନ। ତେବେ ବର୍ତ୍ତମାନ ରିକ୍ସା ବ୍ୟବସାୟ ପୂରାପୂରି ମାନ୍ଦା ହୋଇ ପଡ଼ିବା ସଂଗେ ସଂଗେ ରିକ୍ସାର ଆଦର ମଧ୍ୟ ବହୁତ କମିଯାଇଛି । ଫଳରେ ରିକ୍ସା ଚାଳକ ଓ ମାଲିକମାନଙ୍କର ଜୀବନ ଜୀବିକା ଏବେ ସନ୍ଧୀହାନ ମଧ୍ୟରେ ରହିଛି।

କଟକରେ ରିକ୍ସା କେବେଠୁ ଆରମ୍ଭ ହୋଇଛି ତାହାର କୌଣସି ପ୍ରାମାଣିକ ତଥ୍ୟ ସଠିକ ଭାବେ ନଥିଲେ ମଧ୍ୟ ବ୍ରିଟିଶ ସରକାରଙ୍କ ଶାସନ କାଳରୁ ପ୍ରଥମେ ହାତଟଣା ରିକ୍ସା ଚାଲୁଥିଲା। କାଳକ୍ରମେ ବିଂଶ




ଶତାବ୍ଦୀର ୫୦ ଦଶକରେ ରିକ୍ସା କଟକ ସହରକୁ ଆସିଥିଲା। ଗ୍ରାମା□ଳରୁ ସହରକୁ ଲୋକେ କାମଧନ୍ଦା ଅନ୍ୱେଷଣରେ ଆସି କିଛି କାମ ନ ପାଇ ଜୀବନ ପ୍ରତିପୋଷଣ ପାଇଁ ରିକ୍ସା ଟାଣୁଥିଲେ। ପଡୋଶୀ ରାଜ୍ୟ ଆନ୍ଧ୍ରର ଓଡ଼ିଶା ସୀମାବର୍ତ୍ତୀ ଇଚ୍ଛାପୁରମ, ପଲାସା, ସୋମପେଣ୍ଟ ଓ ସିକାକୁଲମ ଆଦି ଅଂଚଳରୁ ଲୋକମାନେ କଟକରେ ବସବାସ କରି ରିକ୍ସା ଚଳାଇବାକୁ କୌଳିକ ବୃତ୍ତି ଭାବେ ଗ୍ରହଣ କରୁଥିଲେ। ସେତେବେଳେ ସହରର ପୁରୁଣା ବସଷ୍ଟାଣ୍ଡ, ଚାନ୍ଦିନୀଚୌକ, ଷ୍ଟେସନବଜାର, ମାଲଗୋଦାମ, ଓଏମପି ଓ ଛତ୍ରବଜାର ଆଦି ଅଂଚଳକୁ ଯିବା ଆସିବା ପାଇଁ ଲୋକମାନେ ପ୍ରାୟତଃ ରିକ୍ସା ଉପରେ ନିର୍ଭର କରୁଥିଲେ।

ସେହିପରି ଝିଅମାନେ କଲେଜ ଯିବା ପାଇଁ ରିକ୍ସାକୁ ମାସିକିଆ ଭଡ଼ା ଧାର୍ଯ୍ୟ କରି ଯିବା ଆସିବା କରୁଥିଲେ । ପାର୍ବଣ ଋତୁ ଆସିଲେ ରିକ୍ସା ଚାଳକଙ୍କ ପାଇଁ 'କଟେ ପୁଅ ବାର' ହେଉଥିଲା । ରିକ୍ସା ଚାଳକମାନେ ଭଲ ୨ ପଇସା ରୋଜଗାର କରି ସୁଖଦୁଃଖରେ ପରିବାର ପ୍ରତିପୋଷଣ କରୁଥିଲେ। ୭୦ ଦଶକରେ ରିକ୍ସାକୁ ନେଇ ଭଲ ବ୍ୟବସାୟ ମଧ୍ୟ ହେଉଥିଲା । ଜଣେ ଜଣେ ରିକ୍ସା ମାଲିକ ୧୦୦ରୁ ଊର୍ଦ୍ଧ୍ୱ ରିକ୍ସା କିଣି ବ୍ୟବସାୟ କରୁଥିଲେ। ରିକ୍ସା ୨ ବେଳା ଭଡ଼ା ସୂତ୍ରରେ ରିକ୍ସା ଚାଳକଙ୍କୁ ଦିଆଯାଉଥିଲା। ବିଶେଷ କରି କଟକ ସହରକୁ ଭ୍ରମଣ, ବ୍ୟବସାୟ, ମେଡ଼ିକାଲ କାର୍ଯ୍ୟ ଓ ସିନେମା ଦେଖିବା ପାଇଁ ଜନସାଧାରଣ ରିକ୍ସା ଉପରେ ନିର୍ଭର କରୁଥିଲେ । ସେତେବେଳେ ରିକ୍ସା ଚାଳକଙ୍କ ଭଲ ଆୟ ହେଉଥିଲା । ଏହି ରିକ୍ସା ଚାଳକମାନଙ୍କୁ ନେଇ ହିନ୍ଦୀ ସିନେମାଠାରୁ ଆରମ୍ଭ କରି ଓଡ଼ିଆ ଚଳଚ୍ଚିତ୍ର ପୁର୍ନମିଳନର ଗୀତ 'ମୁଁ ରିକ୍ସାବାଲା' ସେତିକି ଲୋକପ୍ରିୟ ହୋଇଥିଲା । କଟକ ସହରରେ ରିକ୍ସା ମାଲିକମାନେ ନିଜ ରିକ୍ସା ପଛରେ ନିଜର ନାମ ସଂକେତକୁ ବ୍ୟବହାର କରି ରିକ୍ସାର ନମ୍ବର ରଖୁଥିଲେ।

ସମୟ ପରିବର୍ତ୍ତନରେ ବିଂଶ ଶତାବ୍ଦୀର ୯୦ ଦଶକରେ ସହରକୁ ଅଟୋ ଓ ଟାଉନବସର ଆଗମନ ହେଲା । ସେହିପରି ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କ ପାଇଁ ଦୁଇଚକିଆ ମୋଟରଗାଡ଼ି କିଣିଦେଲେ । ଏହାପରେ ଆରମ୍ଭ ହୋଇଗଲା ରିକ୍ସା ଚାଳକଙ୍କ ଦୁର୍ଦ୍ଦିନ ସମୟ । ବହୁ ରିକ୍ସା ମାଲିକ ରିକ୍ସା ବିକ୍ରୟ କରି ତା ସ୍ଥାନରେ ଅଟୋ କିଣି ଭଡ଼ା ସୂତ୍ରରେ ନିୟୋଜିତ କଲେ। ରିକ୍ସା ଚାଳକମାନଙ୍କ ରୋଜଗାରର ପନ୍ଥା ଆପେ ଆପେ ବନ୍ଦ ହେବାକୁ ଲାଗିବାରୁ ସେମାନେ ଅନ୍ୟ କାମରେ ନିୟୋଜିତ ହେଲେ । ଆଜିବି ବାଉନ ବଜାର ତେପନ ଗଳିର ସହର କଟକର ଦରଘାବଜାର, ବକ୍ସିବଜାର, ଚୌଧୁରୀବଜାର, ଚାନ୍ଦିନୀଚୌକ, ରାଣୀହାଟ, ବାଦାମବାଡ଼ି ଓ ଓଏମପି ଛକ ଆଦି ଅଂଚଳରେ କିଛି ରିକ୍ସା ଚାଳକ ଏହି ଧନ୍ଦାକୁ ଆପଣେଇ ଜୀବନ ନିର୍ବାହ କରୁଛନ୍ତି । ବାଦାମବାଡ଼ି ଅଂଚଳରେ ଦୀର୍ଘ ୪୦ ବର୍ଷ ଧରି ରିକ୍ସା ଚାଳନା କରୁଥିବା ଚାଳକ ଭି ରାଜୁ କୁହନ୍ତି, ଆଗଭଳିଆ ଆଉ ଯାତ୍ରୀ ମିଳୁନାହାନ୍ତି । ଭଡ଼ା ବାବଦରେ ଯାତ୍ରୀ ବହୁତ ମୂଲଚାଲ କରୁଛନ୍ତି । ମାଲିକ ମଧ୍ୟ ଭଡ଼ା ବଢ଼େଇ ଦେଇଛି । ଜୀବନସାରା ରିକ୍ସା ଟାଣିଥିବାରୁ ବୃଦ୍ଧ ବୟସରେ ଆଉ କେଉଁ ଧନ୍ଦାକୁ ଆପଣାଇବି ବୋଲି ବାଷ୍ପରୁଦ୍ଧ କଣ୍ଠରେ ସେ ପ୍ରକାଶ କରିଛନ୍ତି । ଷ୍ଟେସନ ବଜାରରେ ରିକ୍ସା ଟାଣୁଥିବା ଅନାମ ନାୟକ କୁହନ୍ତି, ଦୀର୍ଘ ୩୦ ବର୍ଷ ଧରି ରିକ୍ସା ଚଳାଉଛି । ଆଗଭଳି ଆଉ ବେପାର ହେଉନାହିଁ । ଭବିଷ୍ୟତ ପିଢ଼ିକୁ ରିକ୍ସା ଚଳାଇବାକୁ ମନା କରିଦେଇଛନ୍ତି। ପୁରୁଣା ରିକ୍ସା ମାଲିକ ହାଡ଼ିବନ୍ଧୁ ବେହେରା କୁହନ୍ତି, ୯୦ ଦଶକରେ ୩୦ଖଣ୍ଡ ରିକ୍ସା ଥିଲା। ସହରରେ ଟାଉନବସ, ଅଟୋ, ଦୁଇଚକିଆ ଗାଡ଼ି ଓ ଆମ ବସ ସଂଖ୍ୟା ବୃଦ୍ଧି ପାଇବା ଯୋଗୁ ରିକ୍ସା ବେପାର ଆଉ ନ ହେବାରୁ ସେ ବ୍ୟବସାୟ ବନ୍ଦ କରିଦେଇଛନ୍ତି । ସାଂସ୍କୃତିକ ସହର କଟକର ଜୀବନରେଖା ସହ ରିକ୍ସା ଅଂଗାଗୀ ଭାବେ ଜଡ଼ିତ ।

ତିଥି : (ଅଷ୍ଟମୀ) : (ବିଶାଖା ତୁଳା)
ଅମୃତବେଳା: ଦିବା ଘ.୭।୫୯ ମଧ୍ୟେ ୧୧।୧୧ ଗତେ

## ଆଜିର ଅନୁଚିନ୍ତନ

ହେ ପାର୍ଥ ! ଯଦି ମୁଁ କଦାଚିତ୍ ସାବଧାନ ହୋଇ କର୍ତ୍ତବ୍ୟ-କର୍ମ ନ କରେ ମନୁଷ୍ୟମାନେ ସର୍ବଭାବରେ ମୋର ମାର୍ଗ ଅନୁସରଣ କରନ୍ତି। ଯଦି ମୁଁ କର୍ମ ନ କରିବି, ତେବେ ଲୋକେ ନଷ୍ଟଭ୍ରଷ୍ଟ ହୋଇଯିବେ ଏବଂ ମୁଁ ବର୍ଣ୍ଣସଙ୍କରତାର ଉତ୍ପନ୍ନକାରୀ ତଥା ସମସ୍ତ ପ୍ରଜାଙ୍କର ବିନାଶକାରୀ ହୋଇଯିବି।। - ଶ୍ରୀମଦ୍ ଭଗବଦ୍ ଗୀତା

# ଏବେ ମାଲକାନଗିରି...

ପୂର୍ବରୁ କୋରାପୁଟ କୋଟିଆ ଗ୍ରାମପୁଞ୍ଜକୁ ଆନ୍ଧ୍ରର ଅନୁପ୍ରବେଶ ଉପରେ ବହୁ ଆଲୋଚନା-ସମାଲୋଚନା ହୋଇଆସୁଥିବା ବେଳେ ଏବେ ମାଲକାନଗିରି ଉପରେ ଏହାର ଶ୍ୟେନ ଦୃଷ୍ଟି ପଡିଥିବା ବିଭିନ୍ନ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି। ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଧୂଳିପୁଟ ପଞ୍ଚାୟତରେ ରହିଛି ଜୁମତାଙ୍ଗ ଗ୍ରାମ। ପୂର୍ବରୁ ଏହି ଗ୍ରାମର ଜଣେ ୱାର୍ଡ ସଭ୍ୟଙ୍କୁ ଆନ୍ଧ୍ର ସରକାର ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ଘର ନିର୍ମାଣ ନେଇ ଦୁଇଟି କିସ୍ତିରେ ଟଙ୍କା ଯୋଗାଇଥିବା ନେଇ ଚର୍ଚ୍ଚା ହୋଇଥିଲା। ଆନ୍ଧ୍ରର ଆଲୁରିସୀତାରାମରାଜୁ ଜିଲ୍ଲା ଓଡ଼ିଶାର ଗ୍ରାମ ଭିତରକୁ ଅନୁପ୍ରବେଶ କରିବା ଅପଚେଷ୍ଟା ନେଇ ଗଣମାଧ୍ୟମକୁ ଖବର ଆସିଥିଲା। ଏବର ଅଭିଯୋଗ ଯେ ରାଜ୍ୟ ସରକାର ଏହି ଗ୍ରାମକୁ ରାସ୍ତା ନିର୍ମାଣ ଓ ଅଙ୍ଗନବାଡି ଗୃହ ଯୋଗାଇବା ବ୍ୟତୀତ ଅନ୍ୟ କିଛି ବିକାଶମୂଳକ କାର୍ଯ୍ୟ ହାତକୁ ନେଇନାହାନ୍ତି। ଏହା କେତେଦୂର ସତ ତାହା ପଦାକୁ ଆସିବା ଉଚିତ। ରାଜଧାନୀ ଭୁବନେଶ୍ୱରରେ ବିକଶିତ ଓଡ଼ିଶା -୨୦୩୬ ପାଇଁ ନୀଳ ନକ୍‌ସା ସାଙ୍ଗକୁ ଯୋଜନା ତିଆରି କରାଯାଉଥିବା ବେଳେ ମାଲକାନଗିରିର ସଂପୃକ୍ତ ଅଞ୍ଚଳରେ ବିକାଶ କାହିଁକି ପହଞ୍ଚିପାରୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରେ। କୋରାପୁଟ କୋଟିଆ ଗ୍ରାମପୁଞ୍ଜରେ ଆନ୍ଧ୍ର ଅଧିକାରୀ ଅବା କର୍ମଚାରୀଙ୍କ ଅନୁପ୍ରବେଶ ସାଙ୍ଗକୁ ସେଠାକାର ଲୋକଙ୍କୁ ନାନା ଭାବେ ପ୍ରଲୋଭିତ କରିଆସିଥିବା ଏବଂ ତାଗିଦା ପରେ ଆନ୍ଧ୍ରର ଅଧିକାରୀ ବା କର୍ମଚାରୀ ଫେରିଥିବା ନେଇ ପୂର୍ବେ ଆଲୋଚନା ହୋଇଆସିଛି। ଏବେ ମାଲକାନଗିରି ଜୁମତାଙ୍ଗ ଗ୍ରାମରେ ଆନ୍ଧ୍ର ଅସ୍ଥାୟୀ ବିଦ୍ୟାଳୟ ସ୍ଥାପନ କରି ଗ୍ରାମର ଜଣେ ଯୁବକଙ୍କୁ ଶିକ୍ଷାଦାନ ଦେବା ଲାଗି ଦାୟିତ୍ୱ ଦେଇଛି। ଅଞ୍ଚଳରେ ପିଲାଏ ତେଲୁଗୁ ଭାଷା ଶିକ୍ଷାଲାଭ କରୁଛନ୍ତି। ଆନ୍ଧ୍ର ଉକ୍ତ ଯୁବକଙ୍କୁ ପାରିଶ୍ରମିକ ଦେଉଥିବା ସାଙ୍ଗକୁ ଏହି ଅଞ୍ଚଳରେ ପୂର୍ବରୁ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିବା କୁହାଯାଉଛି। ଯଦି ଉପାନ୍ତର ଏହି ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ପିଲାଙ୍କୁ ତେଲୁଗୁ ଭାଷା ଶିକ୍ଷା ଦିଆଯାଉଥାଏ ତେବେ ବୁଝିବାକୁ ହେବ ଯେ ତଥାକଥିତ ଓଡ଼ିଆ ଅସ୍ମିତା ଚୁଲିକୁ ଗଲାଣି।

ବିକାଶ ନେଇ ସରକାରୀ ଯୋଜନାମାନ କାର୍ଯ୍ୟକାରୀ କରାଯାଉଛି। ହେଲେ ପ୍ରକୃତ ବିକାଶ ହେଉଛି ଗରିବରୁ ଗରିବତମ ଲୋକ ପାଖରେ ପ୍ରଶାସନ ପହଞ୍ଚି ଆବଶ୍ୟକ ମୌଳିକ ସେବା ଯୋଗାଇବା। କୋରାପୁଟ କୋଟିଆ ଗ୍ରାମପୁଞ୍ଜ ହେଉ ଅବା ମାଲକାନଗିରି ସ୍ୱାଭିମାନ ଅଞ୍ଚଳ ହେଉ, ନାନା ପ୍ରଲୋଭନ ଜରିଆରେ ଲୋକଙ୍କୁ ନିଜ ଆଡ଼କୁ ଆକର୍ଷିତ କରୁଥିବା ଆନ୍ଧ୍ରକୁ ଛାଟ ମରାଯିବା ଆବଶ୍ୟକ। ତାହା ସାଙ୍ଗକୁ ଉଭୟ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ଆବଶ୍ୟକ ଉନ୍ନୟନମୂଳକ କାର୍ଯ୍ୟ ଧାରାବାହିକ ଭାବରେ ଜାରି ନ ରଖିଲେ ନିଷ୍କ୍ରିୟତାର ସୁଯୋଗ ନେଇ ଆନ୍ଧ୍ର ପଶିବାକୁ ନିଶ୍ଚୟ ଅପଚେଷ୍ଟା ଚଳାଇବ। କାରଣ ଯାହା ମନେହୁଏ ଆନ୍ଧ୍ରର ସୀମା ବିସ୍ତାରଣ ନିଶାର ଅପକଳ୍ପନା ଲାଗିରହିଛି। ଏପରି ଝୁଙ୍କ୍ ଭାଙ୍ଗିବା ନେଇ ହୋମିଓପାଥି ହେଉ କି ଏଲୋପାଥି ହେଉ ଠିକଣା ଦେଖି ଚିକିତ୍ସାର ପ୍ରୟୋଗ କରିବା ଆବଶ୍ୟକତା ରହିଛି।

ସବୁଠୁ ବଡ଼ କଥା ସୀମାନ୍ତବର୍ତ୍ତୀ ଗ୍ରାମବାସୀଙ୍କ ଆସ୍ଥାଭାଜନ ହେବା ଜିଲ୍ଲା ପ୍ରଶାସନ ପାଇଁ ବଡ଼ ଆହ୍ୱାନ। ଏହି ଆସ୍ଥାଭାଜନର ଉପାୟ ସେମାନଙ୍କ ନିକଟରେ ଯଥାର୍ଥ ବିକାଶ ପହଞ୍ଚାଇବା। ମୌଳିକ ସେବା ଯୋଗାଇବା। ଉଭୟ ଜିଲ୍ଲା ପ୍ରଶାସନ ସମୀକ୍ଷା କରିବା ଦରକାର ସେମାନେ ନିଜ ନିଜ ଦାୟିତ୍ୱ ଠିକଣା ଭାବରେ ତୁଲାଉଛନ୍ତି ତ ? ରାଜ୍ୟରେ ବଜେଟ ପରେ ବଜେଟ ହେଉଛି । ବିପୁଳ ଅର୍ଥବ୍ୟୟ ହେଉଛି। କିନ୍ତୁ କାହିଁକି କେଜାଣି ଉପାନ୍ତର ଏହି ଅଞ୍ଚଳରେ ବିକାଶର ଆଲୋକ ଦୃଷ୍ଟାନ୍ତ ସୃଷ୍ଟି କରୁନାହିଁ। ସୁତରାଂ 'ଘର ବୁଡ଼ି ପାଣି ଆଣ୍ଠୁଏ' ହେବା ପୂର୍ବରୁ ସତର୍କ ନ ରହିଲେ ମହାନଦୀରେ ଛତିଶଗଡ଼ର ହାକିମାତି ତୁଲ୍ୟ ପରିସ୍ଥିତି ଏହି ଦୁଇ ଜିଲ୍ଲାରେ ଉପୁଜିବ, ଏଭଳି ଆଶଙ୍କା ବଳବତ୍ତର ହେଉଛି।

# ଏ. ଆଇ.ର ଚକ୍ରବ୍ୟୂହରେ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା

**ଅଜିତ କୁମାର ପ୍ରଧାନ**

> **ଛାତ୍ରକୁ ଏକ ଚିନ୍ତନଶୀଳ ସୃଜକ ଠାରୁ ଏକ ଶୁଦ୍ଧ ଉତ୍ପାଦନକାରୀରେ ପରିଣତ କରୁଛି। ଯେଉଁଠାରେ ଶବ୍ଦ ଅଛି, କିନ୍ତୁ ଆତ୍ମା ନାହିଁ, ଗଠନ ଅଛି, କିନ୍ତୁ ଅନୁଭୂତି ନାହିଁ। ଜ୍ଞାନ ଅଛି କିନ୍ତୁ ପ୍ରଜ୍ଞାର ଅଭାବ ସ୍ପଷ୍ଟ ଭାବେ ଦୃଶ୍ୟମାନ।ଏହି ପରିପ୍ରେକ୍ଷୀରେ ଯେଉଁ ଗଭୀର ଓ ନୀରବ ସଙ୍କଟ ଧୀରେ ଧୀରେ ଗଢ଼ିଉଠଉଛି। ତାହାକୁ 'ବୌଦ୍ଧିକ ଆଳସ୍ୟ' ବୋଲି ଅଭିହିତ କରାଯାଇପାରେ। କାରଣ ଏହି ଆଳସ୍ୟ ଶରୀରର ନୁହେଁ, ବରଂ ମନ ଓ ମସ୍ତିଷ୍କର, ଯେଉଁଠାରେ ଛାତ୍ରଛାତ୍ରୀ ନିଜେ ଭାବିବା, ପ୍ରଶ୍ନ କରିବା ଓ ନିଷ୍କର୍ଷକୁ ପହଞ୍ଚିବାର ଯନ୍ତ୍ରଣାଦାୟକ। କିନ୍ତୁ ସୃଜନଶୀଳ ପଥକୁ ଏଡ଼ାଇ ଦେଇ ଯନ୍ତ୍ରଦ୍ୱାରା ପ୍ରସ୍ତୁତ ସୁବିଧାଜନକ ଉତ୍ତରରେ ଆଶ୍ରୟ ନେଉଛନ୍ତି। ଯାହାର ଫଳରେ ଚିନ୍ତା ଏକ ଆବଶ୍ୟକ କ୍ରିୟା ରହିନଥାଇ ଏକ ବିକଳ୍ପ ହୋଇଯାଉଛି। ଧୀରେ ଧୀରେ ଅପ୍ରୟୋଜନୀୟ ବୋଲି ମନେ ହେବାକୁ ଲାଗିଛି।**

ଆଧୁନିକ ମାନବ ସଭ୍ୟତା ଆଜି ଏକ ଅଦ୍ୱିତୀୟ ସଂକ୍ରାନ୍ତିକାଳର ମଧ୍ୟବର୍ତ୍ତୀ ସ୍ଥିତିରେ ଦଣ୍ଡାୟମାନ, ଯେଉଁଠାରେ ବୈଷୟିକ ଉନ୍ନତି ମଣିଷର ଜୀବନକୁ ସହଜ କରିବା ସହିତ ତାହାର ମୌଳିକ ମାନବୀୟତା ଉପରେ ଗଭୀର ଆକ୍ରମଣ ଆରମ୍ଭ କରିଛି। କାରଣ ଯେଉଁ ବୈଜ୍ଞାନିକ ଉପଲବ୍ଧିଗୁଡ଼ିକୁ ମଣିଷ ଦୀର୍ଘଦିନ ଧରି ନିଜର ବରଦାନ ଭାବେ ଦେଖୁଥିଲା, ସେହିଗୁଡ଼ିକ ଆଜି ତାହାର ଚିନ୍ତନ, ଅନୁଭୂତି ଓ ସୃଜନ ପ୍ରକ୍ରିୟାକୁ ଆସ୍ତେ ଆସ୍ତେ ନିୟନ୍ତ୍ରଣ କରିବାର ଶକ୍ତି ଅର୍ଜନ କରୁଛି। ଏହି ପରିବର୍ତ୍ତନର ସବୁଠାରୁ ସଂବେଦନଶୀଳ ଓ ପ୍ରଭାବିତ ଶ୍ରେଣୀ ହେଉଛନ୍ତି ଛାତ୍ରଛାତ୍ରୀ, ଯାହାଙ୍କ ମନ ଓ ମସ୍ତିଷ୍କ ଏପର୍ଯ୍ୟନ୍ତ ଗଢ଼ାଯାଉଥିବା ଅବସ୍ଥାରେ ରହିଛି, କାରଣ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା ନାମକ ଏହି ନୂତନ ବୈଷୟିକ ଶକ୍ତି ମଣିଷର ଜ୍ଞାନାର୍ଜନ ପ୍ରକ୍ରିୟାକୁ ଏତେ ଦ୍ରୁତ, ଏତେ ସହଜ ଓ ଏତେ ସୁବିଧାଜନକ କରିଦେଇଛି ଯେ ଚିନ୍ତା, ପ୍ରଶ୍ନ, ସନ୍ଦେହ ଓ ସଂଘର୍ଷ ଭଳି ଶିକ୍ଷାର ମୌଳିକ ଉପାଦାନଗୁଡ଼ିକ ଧୀରେ ଧୀରେ ଅପ୍ରୟୋଜନୀୟ ବୋଲି ଧରାହେବାକୁ ଲାଗିଛି, ଯେଉଁଠାରେ ଆଜିର ଛାତ୍ରଛାତ୍ରୀ ଗୋଟିଏ ପ୍ରଶ୍ନର ଉତ୍ତର ପାଇଁ ଘଣ୍ଟାଧରି ପୁସ୍ତକ ପଢ଼ିବା, ଶିକ୍ଷକଙ୍କ ସହ ତର୍କ କରିବା କିମ୍ବା ନିଜେ ଭାବି ନିଷ୍କର୍ଷକୁ ପହଞ୍ଚିବା ପରିବର୍ତ୍ତେ, କେବଳ କିଛି ସେକେଣ୍ଡ ମଧ୍ୟରେ ଯନ୍ତ୍ରଦ୍ୱାରା ପ୍ରଦତ୍ତ ଏକ ସୁସଂଗଠିତ ଉତ୍ତରକୁ ଅନ୍ତିମ ସତ୍ୟ ଭାବେ ଗ୍ରହଣ କରିନେଉଛି, ଯାହା ଫଳରେ ଶିକ୍ଷା ଆଉ ଏକ ଆତ୍ମିକ ଓ ଅନୁଭୂତିସମ୍ପନ୍ନ ଯାତ୍ରା ନୁହେଁ, ବରଂ ସୂଚନାର ଏକ ଯାନ୍ତ୍ରିକ ସଂଗ୍ରହ ପ୍ରକ୍ରିୟାରେ ପରିଣତ ହୋଇଯାଉଛି, କାରଣ ଯେଉଁଠାରେ ପୂର୍ବେ ଶିକ୍ଷା ମଣିଷକୁ ଭିତରୁ ପରିବର୍ତ୍ତିତ କରୁଥିଲା, ସେଠାରେ ଆଜି ତାହା କେବଳ ବାହ୍ୟ ଦକ୍ଷତାର ଏକ ପ୍ରଦର୍ଶନ ହୋଇ ରହିଯାଉଛି, ଏବଂ ଏହି ପରିବର୍ତ୍ତନ ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଉପରେ ଏକ ଗଭୀର ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି। କାରଣ ସୃଜନଶୀଳତା କେବଳ ସଠିକ୍ ଉତ୍ତର ମିଳିବାରେ ନୁହେଁ, ବରଂ ଭୁଲ କରିବା, ସନ୍ଦେହ କରିବା, ନିଜ ମନର ଗଭୀରତାରେ ପ୍ରବେଶ କରିବା ଓ ଅଜଣା ରାସ୍ତାରେ ଚାଲିବାର ସାହସରୁ ଜନ୍ମ ନିଏ। ଯାହାକୁ ଏ.ଆଇ.ର ଅତ୍ୟଧିକ ନିର୍ଭରଶୀଳତା ଧୀରେ ଧୀରେ କ୍ଷୀଣ କରିଦେଉଛି। ଛାତ୍ରକୁ ଏକ ଚିନ୍ତନଶୀଳ ସୃଜକ ଠାରୁ ଏକ ଶୁଦ୍ଧ ଉତ୍ପାଦନକାରୀରେ ପରିଣତ କରୁଛି। ଯେଉଁଠାରେ ଶବ୍ଦ ଅଛି, କିନ୍ତୁ ଆତ୍ମା ନାହିଁ, ଗଠନ ଅଛି, କିନ୍ତୁ ଅନୁଭୂତି ନାହିଁ। ଜ୍ଞାନ ଅଛି କିନ୍ତୁ ପ୍ରଜ୍ଞାର ଅଭାବ ସ୍ପଷ୍ଟ ଭାବେ ଦୃଶ୍ୟମାନ।

ଏହି ପରିପ୍ରେକ୍ଷୀରେ ଯେଉଁ ଗଭୀର ଓ ନୀରବ ସଙ୍କଟ ଧୀରେ ଧୀରେ ଗଢ଼ିଉଠଉଛି। ତାହାକୁ 'ବୌଦ୍ଧିକ ଆଳସ୍ୟ' ବୋଲି ଅଭିହିତ କରାଯାଇପାରେ। କାରଣ ଏହି ଆଳସ୍ୟ ଶରୀରର ନୁହେଁ, ବରଂ ମନ ଓ ମସ୍ତିଷ୍କର, ଯେଉଁଠାରେ ଛାତ୍ରଛାତ୍ରୀ ନିଜେ ଭାବିବା, ପ୍ରଶ୍ନ କରିବା ଓ ନିଷ୍କର୍ଷକୁ ପହଞ୍ଚିବାର ଯନ୍ତ୍ରଣାଦାୟକ। କିନ୍ତୁ ସୃଜନଶୀଳ ପଥକୁ ଏଡ଼ାଇ ଦେଇ ଯନ୍ତ୍ରଦ୍ୱାରା ପ୍ରସ୍ତୁତ ସୁବିଧାଜନକ ଉତ୍ତରରେ ଆଶ୍ରୟ ନେଉଛନ୍ତି। ଯାହାର ଫଳରେ ଚିନ୍ତା ଏକ ଆବଶ୍ୟକ କ୍ରିୟା ରହିନଥାଇ ଏକ ବିକଳ୍ପ ହୋଇଯାଉଛି। ଧୀରେ ଧୀରେ ଅପ୍ରୟୋଜନୀୟ ବୋଲି ମନେ ହେବାକୁ ଲାଗିଛି। କାରଣ ଯେତେବେଳେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପୂର୍ବରୁ ଉପଲବ୍ଧ, ସେତେବେଳେ ପ୍ରଶ୍ନ କରିବାର ଆବଶ୍ୟକତା ନିଜେ ନିଜକୁ ହରାଇଦିଏ। ଏହି ପରିସ୍ଥିତି ଛାତ୍ରକୁ ଏକ ସକ୍ରିୟ ଚିନ୍ତକ ଠାରୁ ଏକ ନିଷ୍କ୍ରିୟ ଗ୍ରାହକରେ ପରିଣତ କରୁଛି, ଯେଉଁଠାରେ ଜ୍ଞାନକୁ ଅର୍ଜନ କରାଯାଉନାହିଁ ବରଂ ଭୋଗ କରାଯାଉଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଏହି ପ୍ରବୃତ୍ତି ଆଉ ଅଧିକ ଭୟାବହ ରୂପ ନେଉଛି କାରଣ ଗବେଷଣା ଯାହା ମୌଳିକତା, ଧୈର୍ଯ୍ୟ, ସନ୍ଦେହ ଓ ଗଭୀର ଅନୁସନ୍ଧାନର ଦାବି କରେ। ସେହି ଗବେଷଣା ପ୍ରକ୍ରିୟା ଏବେ ଧୀରେ ଧୀରେ ଏକ ସଂଗ୍ରହ କାର୍ଯ୍ୟରେ ପରିଣତ ହେଉଛି। ଯେଉଁଠାରେ ଧାରଣାଗୁଡ଼ିକୁ ଜନ୍ମ ଦେବା ପରିବର୍ତ୍ତେ ସେଗୁଡ଼ିକୁ ଏକତ୍ର କରାଯାଉଛି । ବିଚାରକୁ ଗଢ଼ିବା ପରିବର୍ତ୍ତେ ସଜାଯାଉଛି, ଫଳସ୍ୱରୂପ ଲେଖା ତ ଶୁଦ୍ଧ, ସୁସଂଗଠିତ ଓ ଶବ୍ଦଶୈଳୀରେ ଆକର୍ଷଣୀୟ ହେଉଛି, କିନ୍ତୁ ସେହି ଲେଖାର ଭିତରେ ଥିବା ମଣିଷର ସ୍ୱର, ନିଜସ୍ୱ



ଅଭିଜ୍ଞତା ଓ ବୌଦ୍ଧିକ ସାହସ ଅନୁପସ୍ଥିତ ରହିଯାଉଛି, ଯାହାର ଫଳରେ ଅନୁକରଣ ଓ ସୃଜନର ମଧ୍ୟରେ ଥିବା ସୂକ୍ଷ୍ମ। କିନ୍ତୁ ମୌଳିକ ତଫାତ ଧୀରେ ଧୀରେ ମିଳାଉଯାଉଛି। ଛାତ୍ର ନୂତନ କିଛି ଗଢ଼ୁନାହିଁ ବରଂ ପୂର୍ବରୁ ଥିବା ଧାରଣାକୁ ପୁନରୁତ୍ପାଦନ କରୁଛି। ଯେଉଁଠାରେ ମୌଳିକ ଚିନ୍ତାର ସ୍ଥାନରେ ଯାନ୍ତ୍ରିକ ସଠିକତା ବସିଯାଉଛି । ମଣିଷ ନିଜ ଚେତନାକୁ ବିସ୍ତାର କରିବା ପରିବର୍ତ୍ତେ ଧୀରେ ଧୀରେ ଯନ୍ତ୍ରର ସୀମାରେ ନିଜକୁ ସୀମିତ କରିଦେଉଛି, ଯାହା ଦୀର୍ଘକାଳରେ ମାନବ ସୃଜନଶୀଳତା ପାଇଁ ଏକ ଗଭୀର ଓ ଅପୂରଣୀୟ କ୍ଷତିର କାରଣ ହୋଇପାରେ। ଶିକ୍ଷାକୁ ଯଦି କେବଳ ସୂଚନା ଆହରଣର ପ୍ରକ୍ରିୟା ଭାବେ ଦେଖାଯାଏ, ତେବେ ଯନ୍ତ୍ରୀୟ ବୁଦ୍ଧି ନିଶ୍ଚୟ ମଣିଷକୁ ଟପିଯିବ। କିନ୍ତୁ ଶିକ୍ଷା ଯଦି ମଣିଷର ଚେତନା, ଅନୁଭୂତି ଓ ଆତ୍ମାର ସମନ୍ୱୟ ଭାବେ ବୁଝାଯାଏ, ତେବେ ଯନ୍ତ୍ର କେବେ ବି ମଣିଷର ସ୍ଥାନ ନେଇପାରିବ ନାହିଁ, କାରଣ ଯନ୍ତ୍ର ସୂଚନାକୁ ସଂଗ୍ରହ କରେ କିନ୍ତୁ ଅନୁଭବ କରେ ନାହିଁ, ତଥ୍ୟକୁ ବିଶ୍ଳେଷଣ କରେ, କିନ୍ତୁ ସେଥିରେ ବେଦନା, ଆନନ୍ଦ କିମ୍ବା ଦ୍ୱନ୍ଦ୍ୱର ସ୍ପର୍ଶ ନଥାଏ, ଯେଉଁଠାରେ ମଣିଷ ଏକ ଧାରଣାକୁ କେବଳ ବୁଝେ ନୁହେଁ ବରଂ ତାହାକୁ ବଞ୍ଚେ, ତାହା ସହ ତର୍କ କରେ, ତାହାକୁ ନାକଚ କରେ ଓ ଶେଷରେ ତାହାକୁ ନିଜ ଅଭିଜ୍ଞତାର ଅଂଶ କରିନେଇଥାଏ। କିନ୍ତୁ ଏ.ଆଇ.ର ଅତ୍ୟଧିକ ବ୍ୟବହାର ଫଳରେ ଏହି ଅନୁଭୂତିମୟ ଶିକ୍ଷା ପ୍ରକ୍ରିୟା ଧୀରେ ଧୀରେ ଲୋପ ପାଉଛି ଏବଂ ଶିକ୍ଷା ଏକ ଜୀବନ୍ତ ଅନୁଭବ ରହିନଥାଇ ଏକ ଡିଜିଟାଲ୍ ଉତ୍ପାଦରେ ପରିଣତ ହେଉଛି। ଯେଉଁଠାରେ ଉତ୍ତର ମିଳୁଛି କିନ୍ତୁ ପ୍ରଶ୍ନ ଜନ୍ମ ନେଉନାହିଁ, ସମାଧାନ ଅଛି କିନ୍ତୁ ସମସ୍ୟା ସହ ମୁହାଁମୁହିଁ ହେବାର ସାହସ ନାହିଁ। ଏହି ପ୍ରକ୍ରିୟାରେ ଛାତ୍ରର ମନ ଧୀରେ ଧୀରେ ସେହି ଅନିଶ୍ଚିତତାକୁ ଭୟ କରିବାକୁ ଶିଖୁଛି ଯାହା ଆସିଲେ ସୃଜନଶୀଳତାର ମୂଳ ଉତ୍ସ, କାରଣ ସୃଜନ ଏମିତି ଏକ ମୁହୂର୍ତ୍ତରୁ ଜନ୍ମ ନିଏ ଯେଉଁଠାରେ ମଣିଷ ଜାଣେ ଯେ ସେ ଜାଣେ ନାହିଁ। ସେହି ଅଜ୍ଞାନକୁ ଗ୍ରହଣ କରି ଆଗକୁ ବଢ଼ିବାର ସାହସ ଦେଖାଏ, କିନ୍ତୁ ଯେତେବେଳେ ଯନ୍ତ୍ର ପ୍ରତ୍ୟେକ ପ୍ରଶ୍ନର ତୁରନ୍ତ ଉତ୍ତର ଦେଇଦେଉଛି, ସେତେବେଳେ ଏହି ଅଜ୍ଞାନର ସୃଜନଶୀଳ ସମ୍ଭାବନା ଧୀରେ ଧୀରେ ନଷ୍ଟ ହୋଇଯାଉଛି। ଫଳରେ ଛାତ୍ର ଭୁଲ କରିବାକୁ ଡରୁଛି। ଭାବିବାକୁ ଆଳସ୍ୟ କରୁଛି । ନିଜ ମନର ଗଭୀରତାରେ ଅବତରଣ କରିବା ପରିବର୍ତ୍ତେ ପୂର୍ବନିର୍ମିତ ଉତ୍ତରର ସୁରକ୍ଷିତ ଆଶ୍ରୟକୁ ବାଛିନେଉଛି। ଯାହା ଦୀର୍ଘକାଳରେ ତାହାକୁ ଏକ ସୁବିଧାଭୋଗୀ କିନ୍ତୁ ନିର୍ଜୀବ ବୁଦ୍ଧିଜୀବୀରେ ପରିଣତ କରିଦେଉଛି। ଯେଉଁଠାରେ ବୁଦ୍ଧି ତ ଅଛି କିନ୍ତୁ ଚେତନାର ଜୀବନ୍ତ ଆଲୋକ ଧୀରେ ଧୀରେ ମନ୍ଦ ପଡୁଛି।

ଏ.ଆଇ. ର ଅତ୍ୟଧିକ ଉପସ୍ଥିତି ଛାତ୍ରଜୀବନର ମନୋବୈଜ୍ଞାନିକ ଗଠନକୁ ଯେଭଳି ଭାବେ ପ୍ରଭାବିତ କରୁଛି। ସେଥିରେ କେବଳ ଶିକ୍ଷାଗତ ପରିଣାମ ନୁହେଁ ବରଂ ଛାତ୍ରର ଆତ୍ମବିଶ୍ୱାସ, ଧୈର୍ଯ୍ୟ ଓ ଆତ୍ମପରିଚୟର ଗଢ଼ନ ମଧ୍ୟ ଗଭୀର ଭାବେ ସଂପୃକ୍ତ, କାରଣ ଯେତେବେଳେ ଜଣେ ଛାତ୍ର ନିଜର ସମସ୍ତ ବୌଦ୍ଧିକ ସନ୍ଦେହ ଓ ସମସ୍ୟାର ସମାଧାନ ପାଇଁ ଏକ ବାହ୍ୟ ଯନ୍ତ୍ରରେ ନିର୍ଭର କରିବାକୁ ଶିଖିଯାଏ। ସେତେବେଳେ ଧୀରେ ଧୀରେ ତାହାର ମନ ନିଜେ ନିଜକୁ ଅପର୍ଯ୍ୟାପ୍ତ ବୋଲି ବିଶ୍ୱାସ କରିବାକୁ ଲାଗେ, ଯାହା ଏକ ଗୁପ୍ତ ମାନସିକ ଦାସତ୍ୱର ଆରମ୍ଭ, କାରଣ ନିଜେ ଭାବି ଭୁଲ କରିବା ଓ ସେହି ଭୁଲରୁ ଶିଖିବା ଯେଉଁ ପ୍ରକ୍ରିୟା ମଣିଷକୁ ଭିତରୁ ଦୃଢ଼ କରେ। ସେହି ପ୍ରକ୍ରିୟା ଅଭାବରେ ଛାତ୍ର ଧୀରେ ଧୀରେ ଅସହିଷ୍ଣୁ। ଅଧୈର୍ଯ୍ୟଶୀଳ ଓ ତୁରନ୍ତ ସଫଳତାକୁ ଆଶା କରୁଥିବା ଏକ ମନୋଭାବରେ ଅଭ୍ୟସ୍ତ ହୋଇଯାଏ। ଯେଉଁଠାରେ ସଂଘର୍ଷକୁ ସୃଜନଶୀଳତାର ଆବଶ୍ୟକ ଅଂଶ ଭାବେ ନ ଦେଖି ଏକ ଅପ୍ରୟୋଜନୀୟ ବାଧା ଭାବେ ଦେଖାଯାଏ। କିନ୍ତୁ ଆବେଗ, ସଂଘର୍ଷ ଓ ଅନିଶ୍ଚିତତା ବିନା କୌଣସି ସୃଜନଶୀଳ କାର୍ଯ୍ୟର ଜନ୍ମ ସମ୍ଭବ ନୁହେଁ। କାରଣ ମଣିଷ ଯେତେବେଳେ ନିଜ ସୀମା ସହ ମୁହାଁମୁହିଁ ହୁଏ। ସେତେବେଳେ ତାହାର ଭିତରେ ଥିବା ସମ୍ଭାବନା ଜାଗ୍ରତ ହୁଏ, କିନ୍ତୁ ଏ.ଆଇ. ର ସଦା-ଉପଲବ୍ଧ ସହାୟତା ଏହି ସୀମାବୋଧକୁ ଧୀରେ ଧୀରେ ମିଟାଇଦେଉଛି । ଛାତ୍ରକୁ ଏକ ଏମିତି ମାନସିକ ସୁବିଧା କ୍ଷେତ୍ରରେ ବନ୍ଦୀ କରିଦେଉଛି ଯେଉଁଠାରେ ଆବେଗର ତୀବ୍ରତା ଓ ଚିନ୍ତାର ଗଭୀରତା ପାଇଁ କୌଣସି ସ୍ଥାନ ନଥାଏ। ଫଳସ୍ୱରୂପ ଛାତ୍ର ନିଜ ଜୀବନକୁ ଏକ ଅନୁଭୂତିମୟ ଯାତ୍ରା ଭାବେ ନ ଦେଖି ଏକ ସମାଧାନ-କେନ୍ଦ୍ରିକ ପ୍ରକଳ୍ପ ଭାବେ ଦେଖିବାକୁ ଶିଖିଯାଏ। ଯେଉଁଠାରେ ପ୍ରଶ୍ନର ମୂଲ୍ୟ ନାହିଁ, ଯାତ୍ରାର ମହତ୍ତ୍ୱ ନାହିଁ, ଏବଂ ସୃଜନଶୀଳତା ଏକ ଜୀବନ୍ତ ଆଭ୍ୟନ୍ତରୀଣ ଶକ୍ତି ନ ରହି ଏକ ଦ୍ୱିତୀୟ କ୍ଷେତ୍ରୀୟ ଦକ୍ଷତାରେ ପରିଣତ ହୋଇଯାଉଛି। ଯାହା ମାନବ ମୂଲ୍ୟବୋଧର ଦୃଷ୍ଟିକୋଣରୁ ଗଭୀର ଚିନ୍ତାର ବିଷୟ। ଏହି ସମଗ୍ର ପରିବର୍ତ୍ତନର ଆଉ ଗୋଟିଏ ଗଭୀର ପ୍ରଭାବ ଦେଖାଯାଉଛି ଶିକ୍ଷକ-ଛାତ୍ର ସମ୍ପର୍କର ଧୀରେ ଧୀରେ ଅବକ୍ଷୟରେ, କାରଣ ପାରମ୍ପରିକ ଶିକ୍ଷା ପ୍ରଣାଳୀରେ ଶିକ୍ଷକ କେବଳ ସୂଚନାର ଉତ୍ସ ନୁହେଁ, ବରଂ ଚିନ୍ତାର ପଥପ୍ରଦର୍ଶକ। ସନ୍ଦେହର ସହଯାତ୍ରୀ ଓ ମାନବୀୟ ମୂଲ୍ୟର ଜୀବନ୍ତ ଉଦାହରଣ ଥିଲେ। କିନ୍ତୁ ଏ.ଆଇ. ର ସର୍ବଦା ଉପଲବ୍ଧ ଓ ତୁରନ୍ତ ପ୍ରତିକ୍ରିୟାଶୀଳ ସ୍ୱଭାବ ଛାତ୍ରକୁ ଏକ ଏମିତି ଭ୍ରମରେ ଆଣିଦେଇଛି ଯେ ଶିକ୍ଷା ପାଇଁ ମାନବୀୟ ସଂପର୍କ ଆବଶ୍ୟକ ନୁହେଁ, ଫଳସ୍ୱରୂପ ଶିକ୍ଷକଙ୍କ ସହ ହେଉଥିବା ସେହି ମୌଖିକ ଆଲୋଚନା, ଆଖିର ଭାଷା, ନିରବତାର ଅର୍ଥ ଓ ଭାବନାର ଆଦାନ-ପ୍ରଦାନ ଯାହା ଶିକ୍ଷାକୁ ଜୀବନ୍ତ କରୁଥିଲା। ସେଗୁଡ଼ିକ ଧୀରେ ଧୀରେ ଅପସାରିତ ହେଉଛି।

**(ପ୍ରଥମ ଭାଗ)**

ନୀଳଗିରି, ବାଲେଶ୍ୱର

# ଫୋନରେ ଛକିଛି ମୃତ୍ୟୁ !

**ଯୁଧିଷ୍ଠିର ମହାରଣା**

ସ୍ମାର୍ଟଫୋନ ଦ୍ୱାରା ଅନେକ କାର୍ଯ୍ୟ ସହଜ ହେଉଛି। ଏଥିରେ ମୃତ୍ୟୁ ଛକି ରହିଛି ତାହା ବୁଝିବା ବେଳକୁ ସବୁ ଛାରଖାର ହୋଇଯାଉଛି। ମୋବାଇଲ ଗେମ ପାଇଁ ଉତ୍ତରପ୍ରଦେଶ ଗାଜିଆବାଦରେ ତିନି ନାବାଳିକା ଭଉଣୀ ନଅ ମହଲା କୋଠାରୁ ଡେଇଁ ଆତ୍ମହତ୍ୟା କରିବା ଘଟଣା ପରେ ଓଡ଼ିଶା ସତର୍କ ହେବା ଉଚିତ। ଛୋଟପିଲାଙ୍କୁ ମୋବାଇଲରେ ବିଦେଶୀ ଗେମ ଖେଳୁଥିବାରୁ ସେମାନଙ୍କ ପାଇଁ ତାହା କାଳ ସାଜୁଛି। ତେଣୁ ଗେମ ଦ୍ୱାରା ପରିଚାଳିତ ହୋଇ ସେମାନେ କେବେ କେବେ ଆତ୍ମହତ୍ୟା କରୁଛନ୍ତି। ଦେଖିବାକୁଗଲେ ସର୍ବପ୍ରଥମେ ପରିବାର ଲୋକ, ଏଥିପ୍ରତି ସଚେତନ ରହିବା ଦରକାର। ପରିବାର ଲୋକ ଶିଶୁଙ୍କୁ ସମୟ ଦେବା ସହ ମୋବାଇଲ ଠାରୁ ଦୂରେଇ ରଖିବା ଦରକାର। ଏଥିସହ ସ୍କୁଲ ଓ କଲେଜରେ ସ୍ୱତନ୍ତ୍ର କାଉନସେଲିଂର ବ୍ୟବସ୍ଥା ରାଜ୍ୟ ସରକାର କରିବା ମଧ୍ୟ ଜରୁରୀ ହୋଇପଡ଼ିଛି।

ଏମିତିରେ ଯେତେବେଳେ ପିଲାଙ୍କ ଠାରୁ ମୋବାଇଲ ଛଡ଼ାଇ ନିଆଯାଉଛି, ସେତେବେଳେ ସେମାନେ ରାଗି ଯାଉଛନ୍ତି। ସେମାନଙ୍କ ଠାରେ ଅସ୍ୱାଭାବିକ ଆଚରଣ ଦେଖିବାକୁ ମିଳୁଛି। ସାଇବର ବିଶେଷଜ୍ଞ ଅଭିନାଶ ଗୁରୁଙ୍କ କହିବା ଅନୁସାରେ, ପିଲାଙ୍କ ଉପରେ ପରିବାର ଲୋକ ନଜର ରଖିବାର ଆବଶ୍ୟକତା ରହିଛି। ଛୁଆମାନେ ଯେତେ କମ୍ ମୋବାଇଲ ବ୍ୟବହାର କରିବେ ସେତେ ଭଲ। ଛୋଟ ପିଲା ବ୍ୟବହାର କରୁଥିବା ମୋବାଇଲରେ ଫ୍ୟାମିଲ ଲିଙ୍କ ଆପ୍ ଡାଉନଲୋଡ଼ କରିବା ଦରକାର। ଫଳରେ ଯଦି ପିଲାମାନେ କିଛି ଆପ ଡାଉନଲୋଡ଼ କରିବେ ତାହାର ନୋଟିଫିକେସନ ପରିବାର ଲୋକଙ୍କ ପାଖକୁ ଯିବ। ତେଣୁ ଯଥା ସମ୍ଭବ ପିଲାମାନଙ୍କୁ ମୋବାଇଲ ଠାରୁ ଦୂରରେ ରଖନ୍ତୁ। ମା'ବାପାମାନେ ପିଲାମାନଙ୍କୁ ସମୟ ଦିଅନ୍ତୁ। ଖେଳ, ପେଣ୍ଟିଂ ଆଦି କାର୍ଯ୍ୟରେ ପିଲାଙ୍କୁ ନିୟୋଜିତ କରିବା ଉଚିତ।

ଅତ୍ୟଧିକ ସୋସିଆଲ ମିଡ଼ିଆ, ଗେମିଂ ଏବଂ ଷ୍ଟ୍ରିମିଂ ପ୍ଲାଟଫର୍ମ ବ୍ୟବହାର ଯୋଗୁଁ ମଧ୍ୟ ନାନା ନକାରାତ୍ମକ ଘଟଣାମାନ ଘଟୁଛି। ୨୦୧୪ରେ ଦେଶରେ ଇଣ୍ଟରନେଟ ସଂଯୋଗ ୨୫.୫ କୋଟି ଥିଲା, ଯାହା ୨୦୨୪ରେ ୯୬.୯୬ କୋଟିରୁ ବଢ଼ିଛି। ଏବେ ପ୍ରତ୍ୟେକ ପରିବାରରେ ଅତିକମ୍‌ରେ ଗୋଟିଏ ସ୍ମାର୍ଟଫୋନ ଥିବା ରିପୋର୍ଟ କହୁଛି। ତେବେ ମୋବାଇଲ ଫୋନର ବ୍ୟବହାର ଆବଶ୍ୟକ ଅନୁସାରେ ହେବା ଉଚିତ। ଅନଲାଇନ ଗେମ, ଜୁଆ ବା ସୋସିଆଲ ମିଡ଼ିଆର ଅତ୍ୟଧିକ ବ୍ୟବହାର ଘାତକ ସାଜୁଛି। ମୋବାଇଲ ଫୋନରେ ସେ ମୃତ୍ୟୁ ଛକିଛି, ସେଥିପ୍ରତି ବ୍ୟବହାରକାରୀ ସତର୍କ ରହିବା ଜରୁରୀ ବୋଲି ବିଶେଷଜ୍ଞମାନେ ଦର୍ଶାଇଛନ୍ତି।

ଏବେ ଘରେ ଘରେ ପିଲାଙ୍କ ହାତରେ ମୋବାଇଲ ରହିଥିବା ଦେଖିବାକୁ ମିଳୁଛି। ମୋବାଇଲ ନ ଧରିଲେ ଛୋଟ ପିଲା ଖାଉନାହାନ୍ତି। ପିଲାଙ୍କ ହାତରେ ମୋବାଇଲ ଧରାଇ ଦେଇ ଘରକାମରେ ମା'ବାପା ବ୍ୟସ୍ତ ରହୁଛନ୍ତି। ମା'ବାପା ପିଲାଙ୍କୁ ସମୟ ଦେଉନାହାନ୍ତି। ଫଳରେ ସେମାନେ ମୋବାଇଲକୁ ସାଙ୍ଗ କରୁଛନ୍ତି। ପିଲାମାନେ ସେଥିରେ ଗେମ୍ ଖେଳିବା ଠାରୁ ଆରମ୍ଭ କରି ଆର୍ଥିକ ଗେମ୍ ମଧ୍ୟ ଖେଳୁଛନ୍ତି। ଟଙ୍କା ହାରିଯିବା ପରେ ମଧ୍ୟ ଅନେକ ପିଲା ଆତ୍ମହତ୍ୟା କରୁଛନ୍ତି। ସେହିପରି ବିଦେଶୀ ଗେମ୍‌ରେ ମଧ୍ୟ ପିଲାଙ୍କ ଆତ୍ମହତ୍ୟା କରିବା ପାଇଁ ଚ୍ୟାଲେଞ୍ଜ ଦେଉଛନ୍ତି। ପିଲା ଗେମ୍‌ରେ ଅଭ୍ୟସ୍ତ ହୋଇଥିବାରୁ ଚ୍ୟାଲେଞ୍ଜକୁ ଗ୍ରହଣ କରି ଆତ୍ମହତ୍ୟା କରୁଛନ୍ତି। ବର୍ତ୍ତମାନ ପିଲାଙ୍କ ଠାରୁ ମୋବାଇଲ ସମ୍ପୂର୍ଣ୍ଣ ଭାବେ ଦୂରେଇ ହେବନାହିଁ। କାରଣ ସେମାନେ ପାଠପଢ଼ା ଠାରୁ ଅନେକ ଟ୍ୟାକ୍ସ ମୋବାଇଲ ମାଧ୍ୟମରେ କରୁଛନ୍ତି। ତେଣୁ ମା'ବାପା ସେମାନଙ୍କ ସହ ଯୋଡ଼ିହୋଇ ରହିଲେ ସେମାନେ ଭୁଲ ରାସ୍ତାକୁ ଯାଇ ପାରିବେ ନାହିଁ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ମୋ : ୯୪୩୭୧୬୩୫୨୮

# ଈଶ୍ୱରଙ୍କ ଦରବାରରେ ଧନୀ-ଗରିବ ଭେଦଭାବ

**ଅଖିଳ ତରାଇ**

> **ସମ୍ପ୍ରତି ମନ୍ଦିରଗୁଡ଼ିକରେ ଧର୍ମଠାରୁ ଅର୍ଥର ଗୁରୁତ୍ୱ ବୃଦ୍ଧି ପାଇବା ଏକ ଭୟଙ୍କର ସାମାଜିକ ବ୍ୟାଧି ଭାବେ ଉଭା ହୋଇଛି। ପ୍ରସିଦ୍ଧ ଧର୍ମପୀଠଗୁଡ଼ିକରେ ଆଜିକାଲି ଦର୍ଶନ ପାଇଁ ଭିନ୍ନ ଭିନ୍ନ ଶ୍ରେଣୀର 'ପାସ୍' ବ୍ୟବସ୍ଥା କରାଯାଇଛି। ଏହା କ'ଣ ଆଧ୍ୟାତ୍ମିକତା ? ଯିଏ ଅଧିକ ଟଙ୍କା ଦେଲା, ସେ ଭଗବାନଙ୍କୁ ଅତି ନିକଟରୁ ଦର୍ଶନ କରିବାର ସୁଯୋଗ ପାଉଥିବା ବେଳେ, ଜଣେ ଗରିବ ଭକ୍ତ ଖରା, ବର୍ଷା ଓ କାକରରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇ କେବଳ ଦୂରରୁ ଟିକେ ଝଲକ ପାଇଁ ଚାତକ ଭଳି ଚାହିଁ ରହୁଛି। ଏହି ବ୍ୟବସ୍ଥା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏକ ଆର୍ଥିକ ପ୍ରାଚୀର ଠିଆ କରୁଛି। ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି ଯେ, ଭଗବାନ କ'ଣ କେବଳ ଧନୀଙ୍କ ପାଇଁ ? ଯଦି ଜଣେ ଗରିବ ପାଖରେ ଟଙ୍କା ନାହିଁ, ତେବେ କ'ଣ ସେ ଠାକୁରଙ୍କ ଆଶୀର୍ବାଦରୁ ବଞ୍ଚିତ ରହିବ ? ଏଭଳି ପ୍ରଥା ଆମର ସନାତନ ପରମ୍ପରାର ମୂଳଦୁଆକୁ ଦୋହଲାଇ ଦେଉଛି।**

ଭାରତ ହେଉଛି ଋଷିମୁନି, ସନ୍ଥ ଏବଂ ପବିତ୍ର ପରମ୍ପରାର ଦେଶ। ଏହି ମାଟିର ପ୍ରତିଟି କଣିକାରେ ଆଧ୍ୟାତ୍ମିକତାର ସୁବାସ ଭରି ରହିଛି। ଆମ ସମାଜରେ ମନ୍ଦିର କେବଳ ପୂଜାପାଠର ସ୍ଥାନ ନୁହେଁ, ବରଂ ଏହା ମାନସିକ ଶାନ୍ତି, ସାମାଜିକ ଏକତା ଏବଂ ସାଂସ୍କୃତିକ ଚେତନାର କେନ୍ଦ୍ରବିନ୍ଦୁ। ଶାସ୍ତ୍ର ଅନୁଯାୟୀ, ଭଗବାନଙ୍କ ଦରବାରରେ କେହି ଧନୀ ନୁହନ୍ତି କି କେହି ଗରିବ ନୁହନ୍ତି, କେହି ରାଜା ନୁହନ୍ତି କି କେହି ଭିକାରି ନୁହନ୍ତି। ସେଠାରେ ସମସ୍ତେ ସମାନ ଏବଂ ସମସ୍ତେ କେବଳ ଜଣେ ଜଣେ ଶ୍ରଦ୍ଧାଳୁ। କିନ୍ତୁ ବିଡ଼ମ୍ବନାର ବିଷୟ ଏହି ଯେ, ଆଜି ଆଧୁନିକତାର ଚାକଚକ୍ୟ ଏବଂ ଅର୍ଥର ଲୋଭ ଭିତରେ ମନ୍ଦିରଗୁଡ଼ିକର ରୂପରେଖ ସମ୍ପୂର୍ଣ୍ଣ ବଦଳିବାରେ ଲାଗିଛି। ଯେଉଁଠାରେ ମଣିଷ ନିଜର ସବୁ ଦୁଃଖ ଭୁଲି ଈଶ୍ୱରଙ୍କ ଶରଣାପନ୍ନ ହୁଏ, ଆଜି ସେହି ସ୍ଥାନରେ ହିଁ ତାକୁ ଶୋଷଣର ଶିକାର ବହୁ ସମୟରେ ହେବାକୁ ପଡୁଛି।ଯେଉଁଠାରେ ଶାନ୍ତି ମିଳିବା କଥା, ସେଠାରେ ବର୍ତ୍ତମାନ ପୂଜାରୀ ଓ ପଣ୍ଡାମାନଙ୍କ ଦ୍ୱାରା ହେଉଥିବା ଅର୍ଥ ଆଦାୟ ଏବଂ ଦୁର୍ବ୍ୟବହାର ଭକ୍ତଙ୍କ ମନରେ ବିଷାଦ ସୃଷ୍ଟି କରୁଛି। ଦକ୍ଷିଣା ଯାହା ସ୍ୱଇଚ୍ଛାରେ ଦିଆଯାଏ, ତାହା ଆଜି 'ଟିକସ' ବା 'ଲାଞ୍ଚ'ର ରୂପ ନେଲାଣି।

ସମ୍ପ୍ରତି ମନ୍ଦିରଗୁଡ଼ିକରେ ଧର୍ମଠାରୁ ଅର୍ଥର ଗୁରୁତ୍ୱ ବୃଦ୍ଧି ପାଇବା ଏକ ଭୟଙ୍କର ସାମାଜିକ ବ୍ୟାଧି ଭାବେ ଉଭା ହୋଇଛି। ପ୍ରସିଦ୍ଧ ଧର୍ମପୀଠଗୁଡ଼ିକରେ ଆଜିକାଲି ଦର୍ଶନ ପାଇଁ ଭିନ୍ନ ଭିନ୍ନ ଶ୍ରେଣୀର 'ପାସ୍' ବ୍ୟବସ୍ଥା କରାଯାଇଛି। ଏହା କ'ଣ ଆଧ୍ୟାତ୍ମିକତା ? ଯିଏ ଅଧିକ ଟଙ୍କା ଦେଲା, ସେ ଭଗବାନଙ୍କୁ ଅତି ନିକଟରୁ ଦର୍ଶନ କରିବାର ସୁଯୋଗ ପାଉଥିବା ବେଳେ, ଜଣେ ଗରିବ ଭକ୍ତ ଖରା, ବର୍ଷା ଓ କାକରରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇ କେବଳ ଦୂରରୁ ଟିକେ ଝଲକ ପାଇଁ ଚାତକ ଭଳି ଚାହିଁ ରହୁଛି। ଏହି ବ୍ୟବସ୍ଥା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏକ ଆର୍ଥିକ ପ୍ରାଚୀର ଠିଆ କରୁଛି। ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି ଯେ, ଭଗବାନ କ'ଣ କେବଳ ଧନୀଙ୍କ ପାଇଁ ? ଯଦି ଜଣେ ଗରିବ ପାଖରେ ଟଙ୍କା ନାହିଁ, ତେବେ କ'ଣ ସେ ଠାକୁରଙ୍କ ଆଶୀର୍ବାଦରୁ ବଞ୍ଚିତ ରହିବ ? ଏଭଳି ପ୍ରଥା ଆମର ସନାତନ ପରମ୍ପରାର ମୂଳଦୁଆକୁ ଦୋହଲାଇ ଦେଉଛି।

ଆମ ସଂସ୍କୃତିରେ 'ଦକ୍ଷିଣା' ଶ୍ରଦ୍ଧାର ପ୍ରତୀକ। ଶ୍ରଦ୍ଧାଳୁ ନିଜ ସାମର୍ଥ୍ୟ ଅନୁଯାୟୀ ଯାହା ପ୍ରଦାନ କରେ। ତାହାକୁ ପୂଜାରୀମାନେ ସନ୍ତୋଷର ସହ ଗ୍ରହଣ କରିବା କଥା। କିନ୍ତୁ ବାସ୍ତବତା ଆଜି କିଛି ଅଲଗା। ଅନେକ ସ୍ଥାନରେ ଦକ୍ଷିଣା ଆଜି 'ଟିକସ' ବା 'ଲାଞ୍ଚ' ର ରୂପ ନେଲାଣି। ଗାଡ଼ି ପୂଜା ହେଉ ବା ଅନ୍ୟ କୌଣସି ଧାର୍ମିକ କର୍ମକାଣ୍ଡ, ପୂଜାରୀମାନେ ପ୍ରଥମେ ହିଁ ଏକ ମୋଟା ଅଙ୍କର ଟଙ୍କା ଦାବି କରୁଛନ୍ତି। ଯଦି ଜଣେ ଗରିବ ମଣିଷ ନିଜ ସାମର୍ଥ୍ୟ ଅନୁଯାୟୀ ୧୦ କିମ୍ବା ୨୦ ଟଙ୍କା ଦକ୍ଷିଣା ଦିଏ, ତାକୁ ଅତି ହୀନ ଦୃଷ୍ଟିରେ ଦେଖାଯାଉଛି । ଅନେକ ସମୟରେ ତାଚ୍ଛଲ୍ୟ କରାଯାଉଛି। କେତେକ ସ୍ଥାନରେ ପୂଜାରୀମାନଙ୍କ ବ୍ୟବହାର ଏତେ ଖରାପ ଯେ, ସେମାନେ ଭକ୍ତଙ୍କୁ ଗାଳିଗୁଲଜ କରିବାକୁ ମଧ୍ୟ ପଛାଉ ନାହାନ୍ତି। ଯେଉଁ ମୁଖରେ ବେଦପାଠ ଏବଂ ମନ୍ତ୍ର ଉଚ୍ଚାରଣ ହେବା କଥା, ସେହି ମୁଖରୁ ଅସଂଯତ ଶବ୍ଦ ବାହାରିବା ସମଗ୍ର ସମାଜ ପାଇଁ ଏକ ଦୁର୍ଭାଗ୍ୟଜନକ ବିଷୟ। ଦକ୍ଷିଣା ହେଉଛି ଶ୍ରଦ୍ଧାର ବିଷୟ, ଏହାକୁ କେବେ ବି ଜୋର-ଜବରଦସ୍ତି ଆଦାୟ କରାଯାଇପାରିବ ନାହିଁ। ଯେତେବେଳେ ପୂଜାରୀମାନେ ଏହାକୁ ଏକ ବ୍ୟବସାୟ ଭାବରେ ଗ୍ରହଣ କରନ୍ତି, ସେତେବେଳେ ମନ୍ଦିରର ପବିତ୍ରତା ନଷ୍ଟ ହୁଏ।

ଏହି ସମସ୍ୟାର ଅନ୍ୟ ଏକ ଦିଗ ହେଉଛି ମନ୍ଦିର ପରିଚାଳନାରେ ସ୍ୱଚ୍ଛତାର ଅଭାବ। ଅନେକ ପ୍ରାଚୀନ ମନ୍ଦିର କିଛି ନିର୍ଦ୍ଦିଷ୍ଟ ପରିବାର କିମ୍ବା ଗୋଷ୍ଠୀର କୈନ୍ଦ୍ରିକ ପରିଚାଳନାରେ ରହୁଛି। ସେମାନେ ସେଠାରେ ନିଜକୁ ସର୍ବେସର୍ବା ମନେ କରୁଛନ୍ତି। ପ୍ରଶାସନର କୌଣସି ନିୟନ୍ତ୍ରଣ ନ ଥିବାରୁ ଏହି 'ଧାର୍ମିକ ମାଫିଆରାଜ' ବୃଦ୍ଧି ପାଉଛି। ଏପରିକି ଭକ୍ତଙ୍କୁ ଭୟଭୀତ କରି ଅର୍ଥ ଆଦାୟ କରିବା ମଧ୍ୟ ଏକ ସାଧାରଣ କଥା ହୋଇଗଲାଣି। ଯେତେବେଳେ ଧର୍ମ ଏକ ବ୍ୟବସାୟରେ ପରିଣତ ହୁଏ, ସେତେବେଳେ ସେଠାରୁ ଦେବତ୍ୱ ଲୋପ ପାଇଯାଏ। ଯଦିଓ ଦେଶରେ ଅନେକ ମନ୍ଦିର ଅଛି ଯେଉଁଠାରେ ପୂଜାରୀମାନେ ବିନା ଅର୍ଥରେ ସେବା କରନ୍ତି ଏବଂ ଭକ୍ତଙ୍କୁ ମାଗଣାରେ ଅନ୍ନପ୍ରସାଦ ଦିଅନ୍ତି, କିନ୍ତୁ ମୁଷ୍ଟିମେୟ ସ୍ୱାର୍ଥପର ଲୋକଙ୍କ ପାଇଁ ସମଗ୍ର ପୂଜାରୀ ସମାଜ ବଦନାମ ହେଉଛନ୍ତି।

ଏହି ସ୍ଥିତିରେ ପରିବର୍ତ୍ତନ ଆଣିବା ପାଇଁ ସାମୂହିକ ପ୍ରଚେଷ୍ଟା ଜରୁରୀ । ପ୍ରତ୍ୟେକ ମନ୍ଦିରରେ ଏକ ସରକାରୀ କିମ୍ବା ସ୍ଥାନୀୟ କମିଟି ରହିବା ଉଚିତ। ପୂଜାବିଧି ପାଇଁ ଶୁଳ୍କ ଧାର୍ଯ୍ୟ ହେବା ଦରକାର । ଏହାର ରସିଦ ପ୍ରଦାନ ବାଧ୍ୟତାମୂଳକ ହେବା ଉଚିତ। ମନ୍ଦିର ପରିସରରେ ପୂଜା ଶୁଳ୍କର ତାଲିକା ବଡ଼ ବଡ଼ ଅକ୍ଷରରେ ଲେଖାଯିବା ଉଚିତ। ପ୍ରତ୍ୟେକ କୋଣରେ ସିସିଟିଭି ଲଗାଯିବା ଦ୍ୱାରା ପୂଜାରୀଙ୍କ ବ୍ୟବହାର ଉପରେ ନଜର ରଖାଯାଇପାରିବ। ଯଦି କୌଣସି ଭକ୍ତଙ୍କୁ ମନ୍ଦିରରେ ହଇରାଣ କରାଯାଏ, ତେବେ ତୁରନ୍ତ ଅଭିଯୋଗ କରିବା ପାଇଁ ଏକ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର କିମ୍ବା ଅଭିଯୋଗ ବାକ୍ସ ରହିବା ଆବଶ୍ୟକ। ମନ୍ଦିର ପ୍ରଶାସନ ପକ୍ଷରୁ ପୂଜାରୀମାନଙ୍କୁ ଏକ ନିର୍ଦ୍ଧାରିତ ମାସିକ ଦରମା ଦିଆଯିବା ଉଚିତ, ଫଳରେ ସେମାନେ ନିଜ ଜୀବିକା ପାଇଁ ଭକ୍ତଙ୍କ ଦକ୍ଷିଣା ଉପରେ ନିର୍ଭର କରିବେ ନାହିଁ।

ସରକାର ବା ପ୍ରଶାସନ ସବୁକିଛି କରିପାରିବେ ନାହିଁ, ଯଦି ଜଣେ ଶ୍ରଦ୍ଧାଳୁ ଭାବରେ ଆମେ ନିଜେ ସଚେତନ ନହେବା। ଆମେ ମନେ ରଖିବା ଉଚିତ ଯେ, ଭଗବାନ ଆମଠାରୁ ଟଙ୍କା ଚାହାନ୍ତି ନାହିଁ, ସେ କେବଳ ଭକ୍ତି ଚାହାନ୍ତି। ଯଦି କେହି ଜୋର-ଜବରଦସ୍ତି କରନ୍ତି, ତେବେ ସେଠାରେ ଅର୍ଥ ନ ଦେଇ ସ୍ୱର ଉତ୍ତୋଳନ କରିବା ଉଚିତ। ଆମର ଚୁପ୍ ରହିବା ହିଁ ଏହି ଅନ୍ୟାୟକୁ ପ୍ରଶ୍ରୟ ଦେଉଛି।

ମନ୍ଦିର ହେଉଛି ଆମର ପରମ୍ପରାର ଦର୍ପଣ। ଏହାର ପବିତ୍ରତା ବଜାୟ ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ପୂଜାରୀମାନେ ହେଉଛନ୍ତି ଭଗବାନ ଓ ଭକ୍ତଙ୍କ ମଧ୍ୟରେ ଏକ ସେତୁ ସଦୃଶ। ସେମାନଙ୍କ ବ୍ୟବହାରରେ ଦୟା, କ୍ଷମା ଓ ସେବା ମନୋଭାବ ରହିବା ଜରୁରୀ। ଯଦି ଆଜି ଆମେ ଏହି ଅବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ ନ କରିବା, ତେବେ ଆଗାମୀ ପିଢ଼ି ପାଇଁ ମନ୍ଦିର କେବଳ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇ ରହିଯିବ। ଜଣେ ଗରିବର ଆଶୀର୍ବାଦ ଓ ଜଣେ ଧନୀର ଦାନ ଭଗବାନଙ୍କ ନିକଟରେ ସମାନ। ମନ୍ଦିରଗୁଡ଼ିକୁ ଶୋଷଣମୁକ୍ତ କରି ଏହାର ହୃତ୍‌ଗୌରବ ଫେରାଇ ଆଣିବା ହିଁ ଆମର ପ୍ରକୃତ ଧର୍ମ ହେବା ଉଚିତ। ଆସନ୍ତୁ, ଆମର ପବିତ୍ର ଧର୍ମାନୁଷ୍ଠାନଗୁଡ଼ିକୁ ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ରଖିବା ପାଇଁ ଶପଥ ନେବା।

ଗଞ୍ଜାମ,ଓଡ଼ିଶା
ମୋ: ୭୭୮୭୦୦୧୦୦୧

## ସଚେତନତା ଅଭାବରୁ ଫାଇଲେରିଆ ରୋଗୀଙ୍କ ସଂଖ୍ୟା ବଢୁଛି

ବୁଗୁଡ଼ା,୮।୨(ନିପ୍ର); ଫାଇଲେରିଆ ନିରାକରଣ ପାଇଁ ସରକାରୀ ସ୍ତରରେ ବହୁ ପଦକ୍ଷେପ ନିଆ ଯାଉଥିଲେ ହେଁ ସଚେତନତା ଅଭାବରୁ ଫାଇଲେରିଆ ରୋଗୀଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଥିବାରୁ ଏହି ରୋଗର ନିୟନ୍ତ୍ରଣ କରିବା ଏବେ ସ୍ୱାସ୍ଥ୍ୟ ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ବୁଗୁଡ଼ା ବ୍ଲକରେ ଫାଇଲେରିଆ ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ବୁଗୁଡ଼ା ଅଞ୍ଚଳକୁ ଏବେ ରେଡ ଜୋନ ଭାବେ ଘୋଷଣା କରାଯାଇଛି । ସଦ୍ୟ ରିପୋର୍ଟ ଅନୁସାରେ ବୁଗୁଡ଼ା ଗ୍ରାମାଞ୍ଚଳରେ ଫାଇଲେରିଆ ରୋଗୀଙ୍କ ସଂଖ୍ୟା ୫୪୭ ଓ ବୁଗୁଡ଼ା ସହରରେ ୯୧ ଥିବା ବେଳେ ନୂତନ ଭାବେ ୮ଜଣ ଚିହ୍ନଟ ହୋଇଥିବାରୁ ଏହି ସଂଖ୍ୟା ୯୯ରେ ପହଞ୍ଚି ଥିବା ଜଣା ପଡିଛି । ସଚେତନତା ସତ୍ତ୍ୱେ ପାର୍ଶ୍ୱ ପ୍ରତିକ୍ରିୟା ଭୟରେ ଅଧିକାଂଶ ଲୋକ ଔଷଧ ନଖାଇ ଫୋପାଡ଼ି ଦେଉଥିବାରୁ ଫାଇଲେରିଆ ନିୟନ୍ତ୍ରଣ କରିବା ମୁସ୍କିଲ ହୋଇ ପଡୁଛି । ତେବେ ପାର୍ଶ୍ୱ ପ୍ରତିକ୍ରିୟା ଗୋଟିଏ ବରଦାନ ସାଧାରଣ ଲୋକଙ୍କ ଅପେକ୍ଷା ଯାହା ଦେହରେ ପୂର୍ବରୁ ଫାଇଲେରିଆ କୀଟାଣୁ ପ୍ରବେଶ କରିଥାଏ ସେହି ଛୁଆ କିମ୍ବା ବ୍ୟକ୍ତି ଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ ଯାହାକି ଶୁଭ ସୂଚନା ଅଟେ ବୋଲି ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ କହିଛନ୍ତି । ମେଡିକାଲ ଅଫିସର ଅରୁଣ କୁମାର ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଫାଇଲେରିଆ ନିରାକରଣ ନିମନ୍ତେ ଏକ ବ୍ଲକସ୍ତରୀୟ ସମନ୍ୱୟ ବୈଠକରେ ଏନଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା , ବିଜେପି ନଗର ସଭାପତି କେଦାର ନାଥ ମହାରଣା ,ଏଟିଓ ସୁନନ୍ଦ ଶେଖର ସାହାଣୀ,ଏବିଇଓ କୃଷ୍ଣ ଚନ୍ଦ୍ର ବେହେରା, ସିଡିପିଓ ବବିତା ପଣ୍ଡା, ଏନଟିଡି ଜିଲ୍ଲା ଅଧିକାରୀ ଚିନ୍ମୟ କୁମାର ସାହୁ,ବିପିଏମ ଦୁର୍ଗା ପ୍ରସାଦ ପଟ୍ଟନାୟକ,ପିଏଚସିଓ ରଜନୀ କୁମାରୀ ପାତ୍ର,ମ୍ୟାଲେରିଆ ସୁପରଭାଇଜର ସ୍ୱରୂପ କୁମାର ପାତ୍ର ପ୍ରମୁଖ ଯୋଗଦେଇ ବୁଗୁଡ଼ା ବ୍ଲକ ରେଡ ଜୋନରେ ଥିବାରୁ ସରକାରୀ ସ୍ତରରେ ଏହାର ନିରାକରଣ ପାଇଁ ଜୋର ଦିଆଯାଇଥିବା ଜଣାପଡିଛି ।

## ବିକଶିତ ଓଡ଼ିଶାର ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ନୟାଗଡ଼,୮।୨ (ନିପ୍ର); ନୟାଗଡ଼ ବ୍ଲକ ଅନ୍ତର୍ଗତ କେନ୍ଦୁଡିପି-ଦର୍ପନାରାୟଣପୁର ନବ ଚୌଧୁରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଉମାର ମଲ୍ଲିକ, ମୁଖ୍ୟ ଅତିଥି ଭାବେ ବିଜୟ କୁମାର ଜେନା ଏବଂ ଶୁକ୍ର ବେହେରା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ । ଉପଜିଲ୍ଲାପାଳ ଶ୍ରୀ ସମାଦ୍ଦାର ବିଭିନ୍ନ ମହାପୁରୁଷଙ୍କ ଉଦାହରଣ ଦେଇ କିପରି ସାମଗ୍ରିକ ବିକାଶ ହୋଇ ପାରିବ ଏବଂ ବିକଶିତ ଓଡ଼ିଶାର ଗଠନ ଦିଗରେ ଛାତ୍ର ଛାତ୍ରୀଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ ଉପରେ ଆଲୋକପାତ କରିଥିଲେ । ନିମନ୍ତ୍ରିତ ଅତିଥିମାନେ ନୈତିକ ଶିକ୍ଷା ଓ ଅନ୍ତର୍ନିହିତ ଶିକ୍ଷାର ଶିକ୍ଷାର ପରିପ୍ରକାଶ କରିବା ନିମନ୍ତେ ଛାତ୍ର ଛାତ୍ରୀଙ୍କ ଆହ୍ୱାନ ଦେବା ସହ ଶୃଙ୍ଖଳିତ ଜୀବନ ଭବିଷ୍ୟତ ପାଇଁ ସଫଳତା ଆଣେ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଶ୍ରୀ ମଲ୍ଲିକ ଜାତୀୟ ତୀୟ ଶିକ୍ଷା ନୀତି ୨୦୨୦ର ଶିକ୍ଷା, ସଂସ୍କୃତି ଏବଂ କୌଶଳ ବ୍ୟାଖ୍ୟା କରିବା ସହ ଭାରତୀୟ ଜାତୀୟତା ଉପରେ ସଚେତନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ଚୌଧୁରୀ ବାର୍ଷିକ ବିବରଣୀ ପାଠ କରିଥିଲା ବେଳେ ଅଧ୍ୟାପକ ଦେବାଶିଷ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ ଓ ଅଧ୍ୟାପକ ବସନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।ତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ବେଳେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ସହଯୋଗ କରିଥିଲେ ।

## ଭାପୁର: ୭ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେବେ ୧୧୨୬ ପରୀକ୍ଷାର୍ଥୀ

ଭାପୁର,୮।୨ (ନିପ୍ର): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଚଳିତ ଫେବୃଆରୀ ମାସ ୧୯ ତାରିଖ ଠାରୁ ଆରମ୍ଭ ହୋଇ ମାର୍ଚ୍ଚ ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ପରୀକ୍ଷା ପରିଚାଳନା ପାଇଁ ଭାପୁର ବ୍ଲକ ଶିକ୍ଷାବିଭାଗ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଫତେଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ହେବ । ପରୀକ୍ଷା ସକାଳ ୯ ଟାରୁ ଆରମ୍ଭ ହୋଇ ୧୧.୩୦ ମିନିଟରେ ଶେଷ ହେବ ଏବଂ କେବଳ ଗଣିତ ବିଷୟ ପାଇଁ ୧୫ ମିନିଟ ଅଧିକ ମିଳିବ । ଭାପୁର ବ୍ଲକର ୭ ଗୋଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ବି.ଡି. ବିଦ୍ୟାପୀଠ, ଭାପୁରରେ ୧୩୯,ଏସ.ସି.ଏସ. କପିଳ ମାର୍ଥା ସରକାରୀ ଉଚ୍ଚବିଦ୍ୟାଳୟ,କରବର କେନ୍ଦ୍ରରେ ୧୮୫,ଗୋଳାପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ୧୮୬, ଆଞ୍ଚଳିକ ଚାରିଦେବୀ ଉଚ୍ଚବିଦ୍ୟାଳୟ,ଜାମୁସାହିରେ ୧୪୯,ପି.ଏମଶ୍ରୀ ଗୋପୀନାଥ ଦେବ ବିଦ୍ୟାପୀଠ,ପଦ୍ମାବତୀରେ ୧୭୫,ବଳଦିଆ ନୂଆଗାଁ ସରକରୀ ଉଚ୍ଚବିଦ୍ୟାଳୟ ରେ ୧୩୬ ଏବଂ ଫତେଗଡ଼ ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୫୬ ଜଣ ପରୀକ୍ଷାର୍ଥୀ ମୋଟ ୧୧୨୬ ଜଣ ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି । ଓଷ୍ଟା ର ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ବିନାୟକ ପରିଡା,ଏନ.ପି.ଏସ. ସଭାପତି ଅଶୋକ କୁମାର ପଣ୍ଡା,ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## କଣ୍ଟିଲୋକୁ ରେଳ ଚଳାଚଳ ନେଇ ଆଶା ମଉଳିଲା

ଭାପୁର,୮।୨ (ନିପ୍ର): ରାଜ୍ୟ ତଥା ନୟାଗଡ଼ ଜିଲ୍ଲାର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦିକ୍ଷେତ୍ର କଣ୍ଟିଲୋର ନୀଳମାଧବ କ୍ଷେତ୍ରକୁ ରେଳ ଚଳାଚଳ କରିବା ନେଇ ନିର୍ବାଚନ ମଣ୍ଡଳବାସୀଙ୍କ ସ୍ୱପ୍ନ ପୂରଣ ହେବା ଦିଗରେ ପୂର୍ଣ୍ଣଛେଦ ପଡିଛି । ଖଣ୍ଡପଡା ବିଧାୟକଙ୍କ ଦୃଢ଼ ଦାବି ହୀନ ପାଇଁ କେବଳ ରେଳ ଚଳାଚଳ ନୁହେଁ ନୟାଗଡ଼ ସଦର ମହକୁମାରେ ମଧ୍ୟ ମେଡିକାଲ କଲେଜ ପ୍ରତିଷ୍ଠା ସନ୍ଦୀହୀନ ହୋଇପଡ଼ିଛି । କଟକ ଜିଲ୍ଲା ବଡମ୍ବାରୁ ରେଳପଥ ଆଦିକ୍ଷେତ୍ର କଣ୍ଟିଲୋ ହୋଇ ଖଣ୍ଡପଡ଼ାକୁ ସଂଯୋଗ କରାଯିବା ସହିତ ଖୁବଶୀଘ୍ର ବହୁ ପ୍ରତିକ୍ଷିତ ରେଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ୨୦୨୪ ଜାନୁଆରୀ ୬ ତାରିଖ କଣ୍ଟିଲୋ ଗସ୍ତ ସମୟରେ ଘୋଷଣା କରିଥିଲେ । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ୨୦୨୪ ମାର୍ଚ୍ଚ ୧୫ ତାରିଖରେ କଣ୍ଟିଲୋ ଓ ଖଣ୍ଡପଡା ଅଂଚଳକୁ ରେଳ ଚଳାଚଳ ନିମନ୍ତେ ପ୍ରସ୍ତାବିତ ପ୍ରକଳ୍ପର ଡିପିଆର ଅନୁମୋଦନ କରିଥିଲେ । ଚଳିତ ରେଳବଜେଟରେ ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ଅର୍ଥରାଶି ମଞ୍ଜୁର ନ ହେବା ଅଂଚଳବାସୀଙ୍କୁ ନିରାଶ କରିଛି । ଡିପିଆର ଦାଖଲକୁ ପ୍ରାୟ ୨ବର୍ଷ ବିତିଥିବା ବେଳେ ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପ ଅନୁମୋଦନ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଉଲ୍ଲେଖଯୋଗ୍ୟ, ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କଟକ ଓ ନୟାଗଡ଼ ଦୁଇ ଜିଲ୍ଲାର ଲକ୍ଷାଧିକ ଯାତ୍ରୀ ଉପକୃତ ହେବା ସହିତ ନୀଳମାଧବ କ୍ଷେତ୍ର ତଥା ଅନ୍ୟାନ୍ୟ ପର୍ଯ୍ୟଟନ କେନ୍ଦ୍ରକୁ ଟ୍ରେନ ଯାତ୍ରା ସୁଗମ ହୋଇଥାନ୍ତା । ଏହି ରେଳପଥ ଖୋର୍ଦ୍ଧା ରୋଡ ବାଲାଙ୍ଗୀର ରେଳପ୍ରକଳ୍ପକୁ ନୟାଗଡ଼ ଟାଉନରେ ସଂଯୋଗ ହୋଇ ଖୋର୍ଦ୍ଧା ଟାଉନ କାଇପଦର ନୂତନ କର୍ଡଲାଇନରେ ହାଓଡା-ଚେନ୍ନାଇ ମୁଖ୍ୟ ରେଳ ଲାଇନକୁ ସଂଯୋଗ କରିବ ବୋଲି କେନ୍ଦ୍ର ରେଳମନ୍ତ୍ରୀ ସୂଚନା ଦେଇଥିଲେ । ପୂର୍ବତନ ରେଳପଥର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପୂର୍ବରୁ ତାଳଚେର -ଗୋପାଳପୁର ରେଳପଥ ପାଇଁ ସରକାର ଘୋଷଣା କରିଥିବାବେଳେ ଏହା କେନ୍ଦ୍ର କ୍ୟାବିନେଟରେ ଚୂଡାନ୍ତ ମଞ୍ଜୁରୀ ପାଇଁ ପଡିରହିଛି । ଦୁଇ ବର୍ଷ ହେଲା ଡିପିଆର ଆଗକୁ ବଢୁ ନ ଥିବାବେଳେ ବହୁ ପ୍ରତିକ୍ଷିତ କଣ୍ଟିଲୋକୁ ରେଳ ସଂଯୋଗ କେବେ ହେବ ତାହା ଭାପୁର ଓ ଖଣ୍ଡପଡା ବ୍ଲକବାସୀ ଚାହିଁ ରହିଛନ୍ତି ।

## କାରାକୋହ୍ଲା ଓ କାରାଖେଣ୍ଡ୍ରାରେ ସ୍ୱାସ୍ଥ୍ୟ ଶିବିର

ଯୋଡ଼ା,୮।୨ (ନିପ୍ର): କାରାକୋହ୍ଲା ସ୍ପଞ୍ଜ ଆଇରନ ପ୍ଲାଣ୍ଟ ଏବଂ କାରାଖେଣ୍ଡ୍ରା ଷ୍ଟିଲ ପ୍ଲାଣ୍ଟର ସିଏସଆର ବିଭାଗ ତରଫରୁ କାରାଖେଣ୍ଡ୍ରା ଗ୍ରାମ ପଞ୍ଚାୟତରେ କାରାକୋହ୍ଲା ପ୍ରାଥମିକ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା । ବଡ଼ବିଲ ମୁନସିପାଲିଟି ଅନ୍ତର୍ଗତ ରୁଙ୍ଗଟା ମାଇନ୍ସ ଲିମିଟେଡ ପ୍ଲାଣ୍ଟ ଡିଭିଜନ ଅନୁକୂଳ୍ୟାରେ ଅନୁଷ୍ଠିତ ଏହି ଦୁଇଟି ଶିବିରରେ ଆଖପାଖ ଗ୍ରାମର ୭୦୦ରୁ ଅଧିକ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନିଃଶୁଳ୍କ ଔଷଧ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚାରିଜଣ ସ୍ପେସିଆଲିଷ୍ଟ ଡାକ୍ତର ତଥା ଡା. ଶାଳିନୀ ଶର୍ମା, ଡା. ବିଶ୍ୱଜିତ ରାଉତ, ଡା. ମୁକ୍ତିକାନ୍ତ ମହାନ୍ତି ଏବଂ ଡା. ଅବିନାଶ ଶତପଥିଙ୍କ ସହ ତାଙ୍କ ସହକର୍ମୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ବଡ଼ବିଲ ମୁନସିପାଲିଟିର କାଉନସିଲର ବବିରାଣୀ ମହାନ୍ତି, ସରପଞ୍ଚ ସୁବୁନି ମୁଣ୍ଡା ତଥା ମହାପ୍ରବନ୍ଧକ ସୁରେଶ କୁମାର ମହାପାତ୍ର, ମାନବ ସମ୍ବଳ ମହାପ୍ରବନ୍ଧକ ଆନନ୍ଦ ଚରଣ ସାହୁ, ବିଶ୍ୱରଂଜନ ପାଢ଼ୀ, ଶୈଳେନ୍ଦ୍ର କୁମାର ବାରିକ, କେସି. ପାତ୍ର, ବିଏନ ଝା, ପି ସୁନ୍ଦରମ ତଥା କାରାକୋହ୍ଲା ପ୍ଲାଣ୍ଟର ମାନବ ସମ୍ବଳ ପ୍ରବନ୍ଧକ ସି ଏସ ମିଶ୍ର ଏବଂ ସରୋଜ ମହାପାତ୍ର, ସମାଜସେବୀ ଲଛମନ ମହାନ୍ତିଙ୍କ ସହଯୋଗରେ ଏହି ଶିବିର ପରିଚାଳନା କରାଯାଇଥିଲା ।

## ୪୦ ଲକ୍ଷ ଟଙ୍କାର ଚୋରି ସୁନା ଜବତ, ୩ ଗିରଫ

ପାରଳାଖେମୁଣ୍ଡି,୮।୨ (ନିପ୍ର): ଗଜପତି ଜିଲ୍ଲାର ସେରଙ୍ଗ ପୋଲିସକୁ ମିଳିଛି ବଡ଼ ସଫଳତା । ଗତ ଜାନୁଆରୀ ମାସ ୨୫ ତାରିଖରେ ପରିଡା ପଞ୍ଚାୟତ ଅନ୍ତର୍ଗତ ମାରିଗୁଡା ଗ୍ରାମର ଆର୍ ଲକ୍ଷ୍ମୀ କଲ୍ୟାଣୀଙ୍କ ଘରୁ ୨୬୬.୭୮ ଗ୍ରାମର ସୁନା ଓ ରୁପା ଅଳଙ୍କାର , ନଗଦ ଏକଲକ୍ଷ ୯୮ ହଜାର ଟଙ୍କା ଚୋରି ହୋଇଥିବା ନେଇ ସେରଙ୍ଗ ଥାନାରେ ଅଭିଯୋଗ କରିବା ସହ ସୁନାର ସମସ୍ତ ତାଲିକା ଏବଂ ରସିଦ ଦାଖଲ କରିଥିଲେ । ଅଭିଯୋଗକୁ ଭିତ୍ତି କରି ସେରଙ୍ଗ ପୋଲିସ ଭାରତୀୟ ନ୍ୟାୟ ସଂହିତା ୩୩୧(୪) , ୩୦୫(ବ) ରେ କେସ ନମ୍ବର ୮ / ୨୬ ରେ ଏକ ମାମଲା ରୁଜୁ କରି ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା ।

ତଦନ୍ତ ସମୟରେ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସୂଚନାକୁ ଆଧାର କରି କିଛି ଦୁର୍ବୃତ୍ତଙ୍କ ଉପରେ ସନ୍ଦେହ ଘନୀଭୂତ ହୋଇଥିଲା । ପରେ ସେମାନଙ୍କ ଗତିବିଧିକୁ ଅନୁଧ୍ୟାନ କରିବା ସହ ଥାନାକୁ ଡାକି ପଚରାଉଚରା କରିବା ସମୟରେ ଅଭିଯୁକ୍ତ ମାନେ ଘଟଣା ଭିଆଇଥିବା ସ୍ୱୀକାର କରିଥିଲେ । ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନେ ଚୋରି ଅଳଙ୍କାର ସବୁ ନିକଟସ୍ଥ ଜଙ୍ଗଲରେ ମାଟି ତଳେ ପୋତି ରଖିଥିବା ସୂଚନା ଦେଇଥିଲେ । ପୋଲିସ ଉକ୍ତ ସ୍ଥାନକୁ ଠାବ କରି ଅଭିଯୁକ୍ତଙ୍କ ଉପସ୍ଥିତିରେ ଖୋଳି ବାହାର କରିବା ପରେ ସେମାନଙ୍କୁ ଗିରଫ କରାଯାଇଥିବା ଏବଂ ଆଜି କୋର୍ଟ ଚାଲାଣ କରାଯିବା ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଗଜପତି ଆରକ୍ଷୀ ଅଧୀକ୍ଷକ ଯତିନ୍ଦ୍ର କୁମାର ପଣ୍ଡା । ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରେ ଦୁଇଜଣ ମରାଠି ଗିରିବାବୁ (୩୪), ଅରୁଣ ପ୍ରଧାନ (୪୫) ଉଭୟ ମାରିଗୁଡା ଗ୍ରାମର ହୋଇଥିବା ବେଳେ ଆଉ ଜଣେ ମୁରଲୀ ନାୟକ (୪୧)ପରିଡା ଗ୍ରାମର ବୋଲି ସୂଚନା ଦେଇଛି ପୋଲିସ ।

ଜବତ ସୁନା ଅଳଙ୍କାରର ବର୍ତ୍ତମାନ ବଜାର ମୂଲ୍ୟ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି କହିଛି ପୋଲିସ । ସୂଚନା ପ୍ରକାରେ ଦୁର୍ବୃତ୍ତମାନେ ଘରେ କେହି ନଥିବାର ସୁଯୋଗ ନେଇ ବିଳମ୍ବିତ ରାତିରେ ଘରର ପଛ ଭାଗର ଝରକା ଭାଙ୍ଗି ଘରେ ପଶି ଚୋରୀ କରିଥିଲେ । ତିନି ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ବାହାରେ ଅପେକ୍ଷା କରି କେହି ଯିବା ଆସିବାର ଲକ୍ଷ୍ୟ ରଖିଥିଲା ଆଉ ଦୁଇଜଣ ଘର ଭିତରେ ପଶି ଆଲମିରା ଭାଙ୍ଗି ତ ଭିତରେ ଥିବା ଲକର ତାଡି ସୁନା ଗହଣା ସବୁ ଚୋରି କରି ନେଇ ନିକଟସ୍ଥ ଜଙ୍ଗଲ ଭିତରେ ଗତ ଖୋଳି ମାଟି ଭିତରେ ପୋତି ଦେଇଥିଲେ । ତେବେ ସମସ୍ତ ସୁନା ଅଳଙ୍କାର ଉଦ୍ଧାର ହୋଇଥିବା ବେଳେ ଚୋରୀ ରୁପା ଅଳଙ୍କାର ଏବଂ ନଗଦ ଟଙ୍କାର ସନ୍ଧାନ ପାଇ ପାରିନି ପୋଲିସ । ଗିରଫ ଅଭିଯୁକ୍ତ ମାନଙ୍କ ଅନ୍ୟ କୌଣସି ମାମଲାରେ ସମ୍ପୃକ୍ତି ଅଛିକି ନାହିଁ ତାର ଯାଞ୍ଚ ଜାରି ରହିଥିବା ବେଳେ ନଗଦ ଟଙ୍କା ଓ ରୁପା ଅଳଙ୍କାରର ସନ୍ଧାନ ପାଇଁ ତଦନ୍ତ ଜାରି ରହିବ । ଅଭିଯୁକ୍ତ ମାନଙ୍କୁ ସେ ସମ୍ପର୍କରେ ଅଧିକ ପଚରାଉଚରା ପାଇଁ ପୋଲିସ ରିମାଣ୍ଡର ଆବେଦନ କରିବ ବୋଲି କହିଛନ୍ତି ଗଜପତି ଏସପି ।

## ଧର୍ମଘଟକୁ ସଫଳ କରିବାକୁ ହିନ୍ଦ୍ ମଜଦୁର ସଂଘର ନିବେଦନ

ବ୍ରହ୍ମପୁର,୮।୨ (ନିପ୍ର); ଆସନ୍ତା ୧୨ ରେ ହେବାକୁ ଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସମ୍ପୂର୍ଣ୍ଣ ସଫଳ କରିବାକୁ ହିନ୍ଦ ମଜଦୁର ସଭା (ଏଚଏମଏସ) ରାଜ୍ୟ ଶାଖା ଉପସଭାପତି ରବି ରଥ ଦେଶର ଶ୍ରମିକ ଶ୍ରେଣୀ ଏବଂ ସମସ୍ତ ଟ୍ରେଡ୍ ୟୁନିଅନକୁ ନିବେଦନ କରିଛନ୍ତି । ଏହି ଧର୍ମଘଟରେ ସମସ୍ତ ରାଜ୍ୟ କମିଟି, ଜିଲ୍ଲା କମିଟି ଏବଂ ଅନୁବନ୍ଧିତ ଟ୍ରେଡ୍ ୟୁନିଅନର ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବାକୁ ଟିୟୁସିଆଇ କେନ୍ଦ୍ରୀୟ କମିଟି ଆହ୍ୱାନ କରିଛି । ଆମେରିକା ସହ ଆରଏସଏସ-ମୋଦି ସରକାରଙ୍କ ସ୍ୱାକ୍ଷରିତ ଅର୍ଥନୈତିକ ଚୁକ୍ତି ଏପର୍ଯ୍ୟନ୍ତ ଘଟିଥିବା ସମସ୍ତ ଦୁର୍ନୀତି ଘୋଟାଲାର ରେକର୍ଡ ଭାଙ୍ଗି ଦେଇଛି । ମୋଦି ସରକାର ଭାରତର ଅର୍ଥନୈତିକ ଆତ୍ମନିର୍ଭରଶୀଳତାକୁ ଆମେରିକା ସାମ୍ରାଜ୍ୟବାଦୀ ଶକ୍ତି ହାତରେ ସମର୍ପଣ କରିଛନ୍ତି । ଭାରତୀୟ ଉତ୍ପାଦ ଉପରେ ଟିକସ ବୃଦ୍ଧି କରିବାର କ୍ଷମତା ଆମେରିକାକୁ ଦିଆଯାଇଛି ଏବଂ ଆମେରିକୀୟ ଉତ୍ପାଦ ପାଇଁ ଭାରତକୁ ଶୁଳ୍କମୁକ୍ତ ପ୍ରବେଶ ପ୍ରଦାନ କରାଯାଇଛି । ଫଳସ୍ୱରୂପ, ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ବଜାରରେ ଭାରତୀୟ ଉତ୍ପାଦର ମୂଲ୍ୟ ହ୍ରାସ ପାଇଛି । ଅପରପକ୍ଷେ, ଭାରତରେ ଆମେରିକୀୟ ସାମ୍ରାଜ୍ୟବାଦୀ ଉତ୍ପାଦ ପାଇଁ ଏକ ବ୍ୟାପକ ବଜାର ଏବଂ ଉଚ୍ଚ ଲାଭ ସୁନିଶ୍ଚିତ କରାଯାଇଛି ଏହା ଏକ ବିପଜ୍ଜନକ ଘଟଣା ଯାହା ଦେଶର ସମଗ୍ର ଅର୍ଥନୀତିକୁ ଦୋହଲାଇ ଦେବ । ଏହି ବିଶ୍ୱାସଘାତକତା ଯୋଗୁଁ ଆର୍ଥିକ ବୋଝର ଭାର ଶ୍ରମିକ ଶ୍ରେଣୀ ଏବଂ କୃଷକ ବହନ କରିବା ପାଇଁ ବାଧ୍ୟ ହେଉଛନ୍ତି । ଶ୍ରମିକମାନଙ୍କର ପରିଶ୍ରମ ହେଉଛି ମୂଲ୍ୟହୀନ, କୃଷକଙ୍କ ଉତ୍ପାଦର ମୂଲ୍ୟ ଏବଂ ବଜାର ଉଭୟ ନଷ୍ଟ ହୋଇଯାଉଛି । ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରିବା ସହ ଶ୍ରମିକ ଶ୍ରେଣୀ ଗୁରୁତର ସଙ୍କଟର ସମ୍ମୁଖୀନ ହେଉଅଛି ଦେଶର ଅଧିକାଂଶ ଅଞ୍ଚଳରେ ଶ୍ରମିକମାନେ ସର୍ବନିମ୍ନ ମଜୁରି, ଚାକିରି ସୁରକ୍ଷା ଏବଂ ସମ୍ମାନଜନକ ଜୀବନ ପାଇଁ ଜୀବନ-ମୃତ୍ୟୁ ସଂଗ୍ରାମ କରୁଛନ୍ତି । ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ଚାରୋଟି ନୂତନ ଶ୍ରମ ଆଇନ ମାଧ୍ୟମରେ ଶ୍ରମିକ ଶ୍ରେଣୀ ଉପରେ ଏକ ବଡ଼ ଆକ୍ରମଣ କରୁଛନ୍ତି ସେହିଭଳି ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନାକୁ ଉଚ୍ଛେଦ କରିବା ଦିଗରେ ମଧ୍ୟ ପଦକ୍ଷେପ ନିଆଯାଉଛି ।

## ଶରଧାପୁର ଶ୍ମଶାନ ନିକଟରୁ ଡକାୟତି ଘଟଣା: ୧୦ ଗିରଫ ସହ ଚୋରି ସାମଗ୍ରୀ ଜବତ

ହିଞ୍ଜିଳିକାଟୁ, ୮।୨(ନିପ୍ର): ହିଞ୍ଜିଳି ଥାନା ଶରଧାପୁର ଶ୍ମଶାନ ନିକଟରେ ଘଟିଥିବା ଡକାୟତି ଘଟଣାରେ ହିଞ୍ଜିଳି ପୁଲିସ ୧୦ ଜଣଙ୍କୁ ଗିରଫ କରିଛି । ଗିରଫମାନେ ହେଲେ ପୋଲସରା ଗ୍ରାମର କାହ୍ନୁ ଚରଣ ବିଶ୍ୱାଳ(୧୯), ଗଣେଶ ପ୍ରଧାନ(୨୪), ସଦାଶିବ ପ୍ରଧାନ(୧୯), ପୋଲସରା ଥାନା ମଥୁରା ଗ୍ରାମର ଶୁଭମ ରାଉତ (୧୯), ମନଶିଳା ଗ୍ରାମର ବିନାୟକ ଖଟାଇ ଓରଫ୍ କାଳିଆ(୨୨)ଆସିକା ଥାନା ଗବନଳା ଗ୍ରାମର ସୁଦାମ ରାଉତ ଓରଫ୍ ରାଜ୍ (୨୪) ଓ ଚୋରୀ ସାମଗ୍ରୀ କିଣିଥିବା ୪ ଯୁବକ ହେଲେ କବିସୂର୍ଯ୍ୟନଗର ଥାନା ଡୁଙ୍ଗୁରି ଗ୍ରାମର ମୋହନ ଗୌଡ(୨୭), ସ୍ୱେତା ଖଟାଇ ଓରଫ୍ ପାଣ୍ଡା(୨୫), ସୁନାପାଲ୍ଲୀ ଗ୍ରାମର ଚନ୍ଦନ ସେଠି(୨୩) ଓ ପୋଲସରା ଗ୍ରାମର ତୁଷାର ସାହୁ(୧୯) । ଗିରଫ ଯୁବକ ମାନଙ୍କ ଠାରୁ ଚୋରୀ ହୋଇଥିବା ସୁନାମୁଦି, ୩ଟି ମୋବାଇଲ ଫୋନ, କ୍ୟାମେରା, କ୍ୟାମେରା ଲାଇଟ୍, ୫ ହଜାର ଟଙ୍କା ସହ ଗିରଫ ଯୁବକଙ୍କ ୧୭ଟି ମୋବାଇଲ ଫୋନ୍, ଡକାୟତିରେ ବ୍ୟବହୃତ ବହୁ ମାରଣାସ୍ତ୍ର ଓ ୩ଟି ବାଇକ (ଓଡି୦୭ବିସି ୦୯୨୨, ଓଡି୩୧ଏଲ୍ ୪୦୨୪ ଓ ଓଡି୦୭ଏକେ ୪୦୯୧)କୁ ଜବତ କରଯାଇଛି । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ- ୭୫/୨୬ରେ ଏକ ମାମଲା ରୁଜୁ କରି ଗିରଫ ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀନିବାସ ସେଠି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।



ସୂଚନା ପ୍ରକାରେ, ମଙ୍ଗଳବାର ବିଳମ୍ବିତ ରାତିରେ ବେଲଗାଁ ଥାନା ଦୁର୍ବନ୍ଧ ଗ୍ରାମର ଅମିର ସାହୁ, ତାଙ୍କ ଭଣଜା ସୁମନ ସାହୁ ଓ କ୍ୟାମେରା ମ୍ୟାନ୍ ଅଜିତ ମହାନ୍ତି ହିଞ୍ଜିଳି ଥାନା ପିତଳ ଗ୍ରାମରୁ ପୁଅର ନିର୍ବନ୍ଧ କାର୍ଯ୍ୟ ସାରି ବାଇକ୍ (ଓଡି୦୭ଏଆର ୩୯୨୫)ଯୋଗେ ଦୁର୍ବନ୍ଧ ଫେରୁଥିଲେ । ହିଞ୍ଜିଳି ଥାନା ଶରଧାପୁର ଗ୍ରାମ ଶ୍ମଶାନ ନିକଟରେ ୬ ଜଣ ଲୁଟେରା ଅମିରଙ୍କ ମୋଟର ସାଇକେଲକୁ ଅଟକାଇ ସେମାନଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ନିସ୍ତୁକ ମାଡ ମାରିଥିଲେ । ପରେ ସେମାନେ ଧରିଥିବା ସୁନା ମୁଦି, ୫ ହଜାର ଟଙ୍କା, ୩ଟି ମୋବାଇଲ ଫୋନ, କ୍ୟାମେରା ଓ କ୍ୟାମେରା ଲାଇଟ୍ ନେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ଡକାୟତି ଘଟଣା ନେଇ ଅମିର ବୁଧବାର ହିଞ୍ଜିଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନା କେସ ନଂ- ୭୫/୨୬ରେ ଏକ ମାମଲା ରୁଜୁ କରି ଥାନା ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ଶ୍ରୀନିବାସ ସେଠି ଘଟଣାର ତଦନ୍ତ ଚଳାଇଥଲେ । ଶନିବାର ଭୋର ସମୟରେ ବ୍ରହ୍ମପୁର ଅଞ୍ଚଳରୁ ୬ ଜଣ ଲୁଟେରାଙ୍କୁ ଗିରଫ କରିବାରେ ପୁଲିସ ସକ୍ଷମ ହୋଇଥିଲା । ଜେରା ସମୟରେ ଡକାୟତି ଘଟଣାରେ ସେମାନେ ସଂପୃକ୍ତି ଥିବା ସ୍ୱୀକାର କରିବା ସହ ଲୁଟ୍ ସାମଗ୍ରୀ କବିସୂର୍ଯ୍ୟନଗର ଥାନା ଇଲାକାରେ ବିକ୍ରି କରିଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ । ପୁଲିସ କବିସୂର୍ଯ୍ୟନଗର ଅଞ୍ଚଳରେ ଚଡାଉ କରି ଚୋରି ସାମଗ୍ରୀକୁ ଜବତ କରିବା ସହ ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଥିଲା ।

## ବୁଦ୍ଧଖୋଲ ମହୋତ୍ସବ ଉଦ୍‌ଘାଟିତ

ବୁଗୁଡା,୮।୨ (ନିପ୍ର); ସ୍ଥାନୀୟ ଐତିହାସିକ ଶୈବପୀଠ ବୁଦ୍ଧଖୋଲ ପାଦଦେଶରେ ଆୟୋଜିତ ତ୍ରିଦିବସୀୟ ବୁଦ୍ଧଖୋଲ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବୁଦ୍ଧଖୋଲ ଉନ୍ନୟନ ସମିତି ସଭାପତି ତଥା ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ଉଦଘାଟିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ,ଜିଲ୍ଲାପାଳ ଭି. କିର୍ତ୍ତିଭାସନ, ଏସପି ଶୁଭେନ୍ଦୁ କୁମାର ପାତ୍ର ,ଭଞ୍ଜନଗରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେ, ଉପଜିଲ୍ଲାପାଳ ଉମା ଶଙ୍କର ବେହେରା ,ପୂର୍ତ୍ତ ବିଭାଗ ଏସଇ ସତ୍ୟ ରଞ୍ଜନ ପରିଡା ପ୍ରମୁଖ ଯୋଗ ଦେଇ ଐତିହାସିକ ଶୈବପୀଠ ବୁଦ୍ଧଖୋଲ ଅଗଣିତ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ସହ ଐତିହ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର ପାଲଟିଛି ବୋଲି ମତବ୍ୟକ୍ତ କରିଥିଲେ । ଏ ଅବସରରେ ବୁଗୁଡା ବ୍ଲକର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମହୋତ୍ସବର ଉଦଘାଟନୀ ଦିବସରେ ମଣ୍ଟୁ ଛୁରିଆଙ୍କ ସଙ୍ଗୀତ ସମସ୍ତଙ୍କୁ ବିମୋହିତ କରିଥିଲା ।

## ରେମାଣ୍ଡା ସେଣ୍ଟର ଓ ଦର୍ଶନ ଏକାଡେମୀର ଉଦ୍ଘାଟନ

ସୁନ୍ଦରଗଡ,୮।୨ (ନିପ୍ର): ସୁନ୍ଦରଗଡ଼ ଜିଲ୍ଲାର ରେମାଣ୍ଡା ଅଞ୍ଚଳ ଅନ୍ତର୍ଗତ ବାଜପେୟୀ ନଗରରେ ସ୍ଥିତ ରେମାଣ୍ଡା ସେଣ୍ଟର ଓ ଦର୍ଶନ ଏକାଡେମୀର ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସାଓ୍ୱନ କିର୍ପାଲ ରୁହାନୀ ମିଶନର ଆୟୋଜନରେ ହୋଇଥିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଥିଲା ଆତ୍ମିକ ଶିକ୍ଷା, ନୈତିକ ମୂଲ୍ୟବୋଧ, ସେବାଭାବ ଓ ସାମାଜିକ ସମନ୍ୱୟକୁ ପ୍ରୋତ୍ସାହନ ଦେବା । ଉଦ୍ଘାଟନ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ ଯୋଗଦେଇ ଦର୍ଶନ ଏକାଡେମୀର ଆଦର୍ଶ ଓ ଆତ୍ମିକ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ଏପରି ପ୍ରତିଷ୍ଠାନ ମାନବୀୟ ମୂଲ୍ୟବୋଧ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଏ । ସମ୍ମାନିତ ଅତିଥି ଭାବେ ଟାଙ୍ଗରପାଲି ବିଡିଓ ବୀରସେନ ବେହେରା, ଟାଙ୍ଗରପାଲି ବିଇଓ ସିନି ବାଡା, ଦର୍ଶନ ଏକାଡେମୀର ଏଡ୍ୟୁକେସନ ଅଫିସର ଉନ୍ନୀକୃଷ୍ଣନ, ମହୁଲପାଲି ଦର୍ଶନ ଏକାଡେମୀର ପ୍ରିନସିପାଲ ଡ଼. ପ୍ରଦୀପ ଆର.ଭି. ଓ ମେଜର କିଶୋର କୁମାର ନାଏକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ସମଗ୍ର ନେତୃତ୍ୱ ଦାୟିତ୍ୱ ଖଗଡ ମେମ୍ବର ଦେବାନନ୍ଦ ନାଏକ ନିର୍ବାହ କରିଥିଲେ । ଉଦ୍ଘାଟନ ଅବସରରେ ଏକ ବୃହତ୍ ମାରାଥନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯେଉଁଥିରେ ପ୍ରାୟ ୨୦୦ ଜଣ ପିଲା ଅଂଶଗ୍ରହଣ କରିଥିଲେ । ଏହି ମାରାଥନ ଭସ୍ମା ଠାରୁ ଦର୍ଶନ ଏକାଡେମୀ, ରେମାଣ୍ଡା ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା ଓ ଭସ୍ମା ଥାନାର ପୋଲିସ ପ୍ରଶାସନ ପକ୍ଷରୁ ସହଯୋଗ ମିଳିଥିଲା । ସକାଳ ବେଳେ ଏକ ପ୍ରଭାତ ଫେରି ଆୟୋଜିତ ହୋଇଥିଲା, ଯେଉଁଥିରେ ପ୍ରାୟ ୧୦ଟି କୀର୍ତ୍ତନ ମଣ୍ଡଳୀ ଅଂଶ ନେଇ ସମଗ୍ର ଅଞ୍ଚଳକୁ ଆତ୍ମିକ ପରିବେଶରେ ଭରିଦେଇଥିଲେ । ସାମାଜିକ ସେବାର ଅଂଶ ଭାବେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇ, ସେଠାରେ ୨୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଏହା ସହିତ ଏକ ମୁକ୍ତ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ମଧ୍ୟ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ପୁରସ୍କାର ବିତରଣ, ଗଣମାନ୍ୟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା ଓ ଏକ ଭଜନ ସନ୍ଧ୍ୟା ଆୟୋଜିତ ହୋଇ ଉପସ୍ଥିତ ସମସ୍ତଙ୍କୁ ଆତ୍ମିକ ଆନନ୍ଦରେ ମୁଗ୍ଧ କରିଥିଲା ।

## ମଣ୍ଡିରେ ପହଞ୍ଚି ଚାଷୀଙ୍କ ସମସ୍ୟା ସଂପର୍କରେ ସଭାପତିଙ୍କ ସହ ବିଚାର ବିମର୍ଶ

ନିମାପଡ଼ା,୮।୨(ନିପ୍ର): ଚାଷୀମାନଙ୍କ ସମସ୍ୟା ଏବଂ ଧାନ ଦେବା ସମୟରେ ଚାଷୀମାନଙ୍କୁ ନାନା ହଇରାଣ ହରକତ କରାଯିବା ନେଇ ଜାଗ୍ରତ ଯୁବଶକ୍ତି ସଂଗଠନର ଏକ ଦଳ ପାଟପୁରସ୍ଥିତ କପିଳେଶ୍ୱର ସେବା ସମବାୟ ସମିତି କାର୍ଯ୍ୟାଳୟକୁ ଯାଇ ସଭାପତି ଓ ସଂପାଦକଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି । ସମିତି ଭିତ୍ତିଭୂମି ବୁଲି ଦେଖିବା ସାଙ୍ଗକୁ ଚାଷୀମାନଙ୍କ ଅଭାବ ଅସୁବିଧା ସଂପର୍କରେ ଆଲୋଚନା କରିବା ସହିତ ସିଧାସଳଖ ଚାଷୀମାନଙ୍କ ଠାରୁ ଶୁଣି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା ସୂଚନା ଦେଇଥିଲେ । ଉକ୍ତ ସମିତିର ୩୨୯ ଜଣ ଚାଷୀ ପଞ୍ଜୀକରଣ କରିଥିବା । ବେଳେ ୧୮୨ ଚାଷୀଙ୍କୁ ଟୋକନ ମିଳିଛି ଏବଂ ୧୪୭ ଜଣ ଚାଷୀ ଟୋକନ ଅପେକ୍ଷାରେ ଥିବା ସମିତି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ଆଜିସୁଦ୍ଧା ୧୧୦ ଜଣ ଚାଷୀଙ୍କ ଠାରୁ ୩ ହଜାର କ୍ୱିଂଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ବକେୟା ଥିବା ଟୋକନ ନ ଆସିଲେ ଚାଷୀମାନେ ବାହାର ରାଜ୍ୟର ଧାନ ବେପାରୀଙ୍କୁ ବିକ୍ରି କରିବା ସୁନିଶ୍ଚି ବୋଲି ଚାଷୀମାନେ ସୂଚନା ଦେଇଥିଲେ ।

ସଂଗଠନ ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରଂଜନ ରାଉତରାୟ, କାର୍ଯ୍ୟ ନିର୍ବାହୀ ବିଜୟାନନ୍ଦ ଦାସ, ଅଜୟ ପଣ୍ଡା, ରବୀନ୍ଦ୍ର ବରାଳ ପ୍ରମୁଖ ସମିତି ସଭାପତି ପଦ୍ମଲୋଚନ ମହାନ୍ତିଙ୍କ ସହ ଆଲୋଚନା କରି ଚାଷୀମାନଙ୍କୁ ସରକାରୀ ଦରରେ ଧାନ କିଣିବା ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ ।



## ୧୫ ଚୋରା ବାଇକ ଉଦ୍ଧାର: ୫ ଗିରଫ

ନିରାକାରପୁର, ୮।୨ (ନିପ୍ର): ନିରାକାରପୁର ପୋଲିସ ଖୋର୍ଦ୍ଧା ଏବଂ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ସକ୍ରିୟ ଏକ ମୋଟରସାଇକେଲ୍ ଚୋରି ରକେଟର ପର୍ଦାଫାସ କରିବାରେ ସଫଳ ହୋଇଛି । ମୁଖ୍ୟ ଅଭିଯୁକ୍ତ, ରିସିଭର ଏବଂ ଜଣେ ସ୍କ୍ରାପ୍ ଡିଲର ସମେତ ପାଞ୍ଚ ଜଣଙ୍କୁ ଗିରଫ କରିଛି । ନିରାକାରପୁର କଲେଜ ଛକ ନିକଟରେ ପାଟ୍ରୋଲିଂ ସମୟରେ ପୋଲିସ ଜଣେ ସନ୍ଦିଗ୍ଧ ମୋଟରସାଇକେଲ ଆରୋହୀଙ୍କୁ ଅଟକାଇଲା । ଆରୋହୀ ମୋଟରସାଇକେଲର ବୈଧ ମାଲିକାନା କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିବାରୁ ଯାହା ଚୋରି ହୋଇଥିବା ସନ୍ଦେହ କରାଯାଉଥିଲା । ତଦନ୍ତ ସମୟରେ ଜଣାପଡିଥିଲା ଯେ ସେ ତାଙ୍କ ସହଯୋଗୀମାନଙ୍କ ସହିତ ଜଟଣୀ, ଖୋର୍ଦ୍ଧା ଟାଉନ୍, ପୁରୀ ଅଞ୍ଚଳ ଏବଂ ସଂଲଗ୍ନ ଜିଲ୍ଲାରୁ ଅନେକ ମୋଟରସାଇକେଲ ଚୋରି କରିଥିଲେ ଏବଂ ବେଆଇନ ଲାଭ ପାଇଁ ସେଗୁଡ଼ିକୁ କମ୍ ମୂଲ୍ୟରେ ବିକ୍ରି କରିଥିଲେ । ଏସପି ଖୋର୍ଦ୍ଧା ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଏସଡିପିଓ ନିହାର ରଂଜନ ପ୍ରଧାନ,ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟ, ଖୋର୍ଦ୍ଧା ଆଦର୍ଶ ଥାନା ଆଇଆଇସି ସଞ୍ଜୟ କୁମାର ନାୟକ, ସଦର ଆଇଆଇସି ବାସୁଦେବ ଜୟସିଂହ, ଏସ ଆଇ ଦିପାଲିଶା ନାୟକ, ଏ ଏସ ଆଇ ଗୁପ୍ତା ପ୍ରସାଦ ମହାନ୍ତି, କନେଷ୍ଟବଳ ରଘୁନାଥ ବରାଡ, ପୀତବାସ ଦଳେଇ ଓ ମିଥୁନ ପ୍ରଧାନ ପ୍ରମୁଖ ଏକାଧିକ ସ୍ଥାନରେ ଚଢାଉ କରି ସଫଳତାର ସହ ୧୫ ଚୋରା ମଟରସାଇକେଲ ଜବତ କରିଥିଲେ । ଏଥି ସହିତ ଭାଙ୍ଗିଯାଇଥିବା ମୋଟରସାଇକେଲ ପାର୍ଟସ, ୫ଟି ମୋବାଇଲ୍ ଫୋନକୁ ପୋଲିସ ଜବତ କରିଛି । ଗିରଫ ହୋଇଥିବା ୫ ଜଣ ସଂପୃକ୍ତ ବ୍ୟକ୍ତିମାନେ ହେଲେ ଜଂକିଆ ଥାନା ସିକୋ ଗ୍ରାମର ମୁଖ୍ୟ ଅଭିଯୁକ୍ତ ସନାତନ ପ୍ରଧାନ (୨୦), ଚୋରା ଗାଡି ରଖିଥିବା ଗୌଡ଼ିଆପଡ଼ା ଗ୍ରାମର ଶୁଭମ ସାମନ୍ତରାୟ, ଖଡ଼ିପଦର ସୁକାନ୍ତ ରାଉତରାୟ (୨୩), କବାଡିଆ ଜିନିଷ ବିକ୍ରେତା ନୟାଗଡ ଜିଲ୍ଲା ଇଟାମାଟି ଥାନା ଅଙ୍କୁଲାପାଟଣା ଗ୍ରାମର ଦିଲୀପ କୁମାର ସାହୁ (୩୪) ଓ ଜାଲଭାର ଗ୍ରାମର ଜଣେ ୧୬ ବର୍ଷ ର ନାବାଳକ ।

## ଶାନ୍ତି ସ୍ତୁପକୁ ନିଶା ଓ ଆମିଷ ମୁକ୍ତ କରିବାକୁ ଦାବି

ଭୁବନେଶ୍ୱର,୮।୨ (ନିପ୍ର); ଦୟା ନଦୀ କୂଳରେ ଅବସ୍ଥିତ ଧଉଳି ଶାନ୍ତି ସ୍ତୁପ, ଯାହା ଏକଦା କଳିଙ୍ଗ ଯୁଦ୍ଧର ରକ୍ତପାତ ପରେ ସମ୍ରାଟ ଅଶୋକଙ୍କ ହୃଦୟ ପରିବର୍ତ୍ତନ ଏବଂ ଶାନ୍ତି ପ୍ରତିଷ୍ଠାର ସାକ୍ଷୀ ରୂପେ ଦଣ୍ଡାୟମାନ । ବିଶ୍ୱବ୍ୟାପି ଶାନ୍ତି ଓ ଅହିଂସାର ବାର୍ତ୍ତା ପ୍ରଚାର କରୁଥିବା ଏହି ଶାନ୍ତି ସ୍ତୁପ ଆଜି କିଛି ଅମନୋଯୋଗୀ ପର୍ଯ୍ୟଟକଙ୍କ ଦାୟିତ୍ୱହୀନତା ଏବଂ ପ୍ରଶାସନିକ ଉଦାସୀନତା ଯୋଗୁଁ ନିଜର ମହତ୍ୱ ହରାଇବାକୁ ବସିଛି । ଯେଉଁଠାରେ ବୁଦ୍ଧଙ୍କ 'ଅହିଂସା ପରମୋ ଧର୍ମଃ'ର ବାର୍ତ୍ତା ପ୍ରତିଧ୍ୱନିତ ହେବା କଥା, କିନ୍ତୁ ଏହି ପବିତ୍ର ପୀଠର ପାଦଦେଶରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା

### ଧଉଳି ହେଉଛି ଶାନ୍ତିର ଦର୍ପଣ

ପରିଦର୍ଶକମାନେ ଖୋଲା ଖୋଲି ଭାବରେ ମଦ୍ୟପାନ, ମାଂସ ରାନ୍ଧା ଭଳି ଅହିଂସା ବିରୋଧି କାର୍ଯ୍ୟ କରୁଛନ୍ତି । ତତ୍‌ସହିତ ପଶୁ ହତ୍ୟାଜନିତ ଆବର୍ଜନା ଦେଖିବାକୁ ମିଳୁଛି । ଯାହା ବୌଦ୍ଧ ଧର୍ମର 'ଅହିଂସା ନୀତିକୁ ଉଲ୍ଲଙ୍ଘନ କରି ସମଗ୍ର ସ୍ଥଳୀର ଆଧ୍ୟାତ୍ମିକତା ନଷ୍ଟ କରୁଛି । ଏହି ଅଭାବନୀୟ ଘଟଣାକୁ ଜାତୀୟ ଯୁବ ପୁରସ୍କାରପ୍ରାପ୍ତ ସମାଜସେବୀ ସୁଶାନ୍ତ ସାହୁ କଠୋର ନିନ୍ଦା କରିଛନ୍ତି । ସେ କହିଛନ୍ତି ପିକ୍‌ନିକ୍ ନାଁରେ ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲ, ପଲିଥିନ୍, ମଦ୍ୟ କାଚ ବୋତଲ ଏବଂ ରାନ୍ଧା ଖାଦ୍ୟର ଆବର୍ଜନା ଯତ୍ର ତତ୍ର ଫୋପଡ଼ା ଯାଇ ପରିବେଶକୁ ପ୍ରଦୂଷଣ କରାଯାଉଛି । ଯାହା ଦ୍ୱାରା ବିଦେଶୀ



ତଥା ଅନ୍ୟ ରାଜ୍ୟରୁ ଶାନ୍ତି ଓ ଇତିହାସ ଅନ୍ୱେଷଣରେ ଆସୁଥିବା ପର୍ଯ୍ୟଟକମାନେ ଏପରି ପରିବେଶ ଦେଖି ନକାରାତ୍ମକ ମତାମତ ଦେଉଛନ୍ତି । ଏହି ପବିତ୍ର ଭୂମିରେ ଏଭଳି ତାମସିକ ଓ ହିଂସାଜନିତ କାର୍ଯ୍ୟକଳାପ କେବଳ ଆଇନ୍‌ର ଉଲ୍ଲଙ୍ଘନ ନୁହେଁ, ଏହା ମାନବ ସମାଜର ମୂଲ୍ୟବୋଧ ପ୍ରତି ଏକ ଗଭୀର ଆଘାତ । ଆମେ ଏକ ଶାନ୍ତି ସ୍ତୁପର ପାଦଦେଶରେ ଉପସ୍ଥିତ । ଯେଉଁଠାରେ କୌଣସି ପ୍ରାଣୀକୁ କଷ୍ଟ ଦେବାର ବିଚାର ମଧ୍ୟ ଅନୁଚିତ୍ । ଏଣୁ ଆମର ନୈତିକ ଦାୟିତ୍ୱ ହେଉଛି ଏହି ସ୍ଥଳୀର ପବିତ୍ରତା ଅକ୍ଷୁର୍ଣ୍ଣ ରଖିବା । ଧଉଳି ହେଉଛି ଶାନ୍ତିର ଦର୍ପଣ । ତେଣୁ ଏହି ଅଞ୍ଚଳକୁ ସରକାର ତୁରନ୍ତ ଆମିଷ, ମଦ ଓ ପ୍ଲାଷ୍ଟିକ୍‌ମୁକ୍ତ କ୍ଷେତ୍ର ଘୋଷଣା କରିବାକୁ ଶ୍ରୀ ସାହୁ ଏନେଇ ଏକ ପ୍ରେସ୍ ବିବୃତ୍ତି ରେ ଦାବି କରିଛନ୍ତି ।

# ଆତଙ୍କବାଦ ବିରୋଧରେ ଦୋମୁହାଁ ନୀତି କିମ୍ବା ବୁଝାମଣା ଚଳିବ ନାହିଁ: ମୋଦୀ

କ୍ୱାଲାଲମ୍ପୁର, ୮/୨(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇଦିନିଆ ମାଲେସିଆ ଗସ୍ତରେ ଯାଇଥିବାବେଳେ ରବିବାର କ୍ୱାଲାଲମ୍ପୁରଠାରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମଙ୍କ ସହିତ ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନା କରିଛନ୍ତି। ମୋଦୀ ଏହି ଅବସରରେ ଆତଙ୍କବାଦର ତୀବ୍ର ସମାଲୋଚନା କରିଥିଲେ। ଅନଓ୍ୱରଙ୍କ ସହିତ ମିଳିତ ପ୍ରେସ୍ ବିବୃତିରେ ଆତଙ୍କବାଦକୁ ବିଶ୍ୱଶାନ୍ତି ପାଇଁ ସବୁଠୁ ବଡ଼ ବିପଦ ବୋଲି କହିବା ସହିତ ଏହା ବିରୋଧରେ ଦୃଢ଼ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ସୁରକ୍ଷା ସହଯୋଗ ଉପରେ ଚର୍ଚ୍ଚା କରିବା ସମୟରେ ସ୍ପଷ୍ଟ କରିଥିଲେ ଯେ, ଭାରତ ଆତଙ୍କବାଦ ପ୍ରସଙ୍ଗରେ କୌଣସି ପ୍ରକାର ନରମ ମନୋଭାବ ପୋଷଣ କରିବ ନାହିଁ। ଆତଙ୍କବାଦର ମୁକାବିଲା ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ସମ୍ପର୍କରେ ଦୋହରାଇ କହିଛନ୍ତି, ଆତଙ୍କବାଦ ସମ୍ପର୍କରେ ଆମର ବାର୍ତ୍ତା ସ୍ପଷ୍ଟ ରହିଛି,ଏଥିରେ ଦୋମୁହାଁ ନୀତି କିମ୍ବା କୌଣସି



ବୁଝାମଣା ଚଳିବ ନାହିଁ।ରବିବାର ଭାରତ-ମାଲେସିଆ ଅଡିଓ-ଭିଜୁଆଲ୍ ସହ-ଉତ୍ପାଦନ, ବିପର୍ଯ୍ୟୟ ପରିଚାଳନା ସହଯୋଗ, ଦୁର୍ନୀତି ବିରୋଧରେ ଲଢ଼ିବା, ଜାତିସଂଘର ଶାନ୍ତିରକ୍ଷା, ସେମିକଣ୍ଡକ୍ଟର ସହଯୋଗ ପରି ୬ଟି କ୍ଷେତ୍ରରେ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି। ଯେଉଁଥିରେ ଉଭୟ ନେତା ସାଂସ୍କୃତିକ, ଅର୍ଥନୈତିକ ଏବଂ ରଣନୈତିକ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ପ୍ରେସ ବିବୃତିରେ ପ୍ରଧାନମନ୍ତ୍ରୀ ମୋଦୀ ମାଲେସିଆର ଶିକ୍ଷା, ଗଣମାଧ୍ୟମ ଏବଂ ସାଂସ୍କୃତିକ ଜୀବନରେ ବ୍ୟାପକ ସ୍ତରରେ ତାମିଲ ଭାଷାର ଉପସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ, ଯାହା ଉଭୟ ଦେଶ ମଧ୍ୟରେ ଏକ ଦୃଢ଼ ଜନସମ୍ପର୍କକୁ ପ୍ରତିଫଳିତ କରେ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ତାମିଲ ଭାଷା ପ୍ରତି ଭଲ ପାଇବା ଭାରତ ଏବଂ ମାଲେସିଆକୁ ଯୋଡ଼ି ରଖିଛି। ମାଲେସିଆରେ ଶିକ୍ଷା, ଗଣମାଧ୍ୟମ ଏବଂ ସାଂସ୍କୃତିକ ଜୀବନରେ ତାମିଲ ଭାଷାର ଦୃଢ଼ ଉପସ୍ଥିତି ସ୍ପଷ୍ଟ ଭାବରେ ବିଦ୍ୟମାନ। ମୁଁ ନିଶ୍ଚିତ ଯେ, ଆଜିର ଅଡିଓ-ଭିଜୁଆଲ୍ ଚୁକ୍ତିନାମା ସହିତ, ଚଳଚ୍ଚିତ୍ର ଏବଂ ସଙ୍ଗୀତ, ବିଶେଷକରି ତାମିଲ ଚଳଚ୍ଚିତ୍ର, ଆମ ହୃଦୟକୁ ଅଧିକ ନିକଟତର କରିବ। ଦୁଇ ଦେଶ ମଧ୍ୟରେ ଦୃଢ଼ ସାଂସ୍କୃତିକ ଏବଂ ଶିକ୍ଷାଗତ ସମ୍ପର୍କ ଉପରେ ମୋଦୀ ଗୁରୁତ୍ୱାରୋପ କରିଥିଲେ। ଅଡିଓ ଭିଜୁଆଲ୍ ଚୁକ୍ତିନାମା ଚଳଚ୍ଚିତ୍ର ଏବଂ ସଙ୍ଗୀତରେ ଅଧିକ ଆଦାନପ୍ରଦାନକୁ ଉତ୍ସାହିତ କରିବ, ବିଶେଷକରି ତାମିଲ ସିନେମା ପ୍ରତି ବୋଲି ମୋଦୀ କହିଥିଲେ। ଦୁଇ ଦେଶ ମିଳିତ ଭାବେ ସୁରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବେ ଓ ପ୍ରତିରକ୍ଷା ସହଯୋଗିତାକୁ ଅଧିକ ବ୍ୟାପକ କରିବେ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ। କୃତ୍ରିମ ବୁଦ୍ଧିମତ୍ତା, ସେମିକଣ୍ଡକ୍ଟର, ସ୍ୱାସ୍ଥ୍ୟସେବା ଏବଂ ଖାଦ୍ୟ ସୁରକ୍ଷା ଭଳି ଉଦୀୟମାନ ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସହଭାଗିତା ଆହୁରି ମଜବୁତ ହେବ। ଶକ୍ତି, ଭିତ୍ତିଭୂମି, ଉତ୍ପାଦନ ତଥା ଡିଜିଟାଲ ଅର୍ଥନୀତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗିତା ନିରନ୍ତର ଭାବେ ବୃଦ୍ଧି ପାଇଛି ବୋଲି ମୋଦୀ କହିଥିଲେ। ମାଲେସିଆ ପ୍ରଧାନମନ୍ତ୍ରୀ ଭାରତର ଅର୍ଥନୈତିକ ବିକାଶର ପ୍ରଶଂସା କରିଥିଲେ ଏବଂ ବ୍ୟାପାର କ୍ଷେତ୍ରରେ ବୃଦ୍ଧି ପାଉଥିବା ସହଯୋଗିତାର ଗୁରୁତ୍ୱକୁ ପ୍ରଶଂସା କରିଥିଲେ।

## ରୁଷ ବିଶ୍ୱବିଦ୍ୟାଳୟରେ ୪ ଭାରତୀୟ ଛାତ୍ରଙ୍କୁ ଛୁରାମାଡ଼

ମସ୍କୋ/ନୂଆଦିଲ୍ଲୀ, ୮/୨: ରୁଷର ବାଶକୋର୍ଟୋସ୍ତାନର ଏକ ବିଶ୍ୱବିଦ୍ୟାଳୟରେ ବିଦେଶୀ ଛାତ୍ରଙ୍କ ପାଇଁ ଥିବା ଏକ ହଷ୍ଟେଲର କ୍ରୀଡା ରୁମରେ ଛୁରୀ ଆକ୍ରମଣରେ ୪ ଭାରତୀୟ ଛାତ୍ର ଓ ଦୁଇ ଜଣ ପୁଲିସ ଅଧିକାରୀଙ୍କ ସମେତ ଆଠ ଜଣ ଆହତ ହୋଇଛନ୍ତି। ପ୍ରାଥମିକ ରିପୋର୍ଟ ଅନୁଯାୟୀ, ରୁଷିଆର ବାଶକୋର୍ଟୋସ୍ତାନର ଉଫାରେ ଥିବା ଷ୍ଟେଟ୍ ମେଡିକାଲ୍ ୟୁନିଭରସିଟିର ହଷ୍ଟେଲରେ ଛୁରୀ ଧରି ଜଣେ ୧୫ ବର୍ଷିୟ କିଶୋର ପ୍ରବେଶ କରି ସେଠାରେ ରହୁଥିବା ଛାତ୍ରମାନଙ୍କୁ ଆକ୍ରମଣ କରିଥିଲେ ବୋଲି ରୁଷ ଗୃହ ମନ୍ତ୍ରଣାଳୟ କହିଛି। ରୁଷରେ ଥିବା ଭାରତୀୟ ଦୂତାବାସ ସୂଚନା ଦେଇଛି ଯେ, ଉଫାରେ ଏକ ଦୁର୍ଭାଗ୍ୟଜନକ ଆକ୍ରମଣ ଘଟିଛି। ଚାରି ଜଣ ଭାରତୀୟ ଛାତ୍ରଙ୍କ ସମେତ ଅନେକ ଲୋକ ଆହତ ହୋଇଛନ୍ତି। ଦୂତାବାସ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛି ଓ କାଜାନରେ ଥିବା କନସୁଲେଟ୍ ଜେନେରାଲର ଅଧିକାରୀମାନେ ଆହତ ଛାତ୍ରମାନଙ୍କୁ ସହାୟତା କରିବା ପାଇଁ ଉଫା ଯାଇଛନ୍ତି। ଗୃହ ମନ୍ତ୍ରଣାଳୟର ମୁଖପାତ୍ର ମେଜର ଜେନେରାଲ ଇରିନା ଭୋଲ୍କ କହିଛନ୍ତି,ଆକ୍ରମଣକାରୀଙ୍କୁ ଗିରଫ କରିବାବେଳେ ସେ ଦୁଇ ଜଣ ପୁଲିସ ଅଧିକାରୀଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ସନ୍ଦିଗ୍ଧ ବ୍ୟକ୍ତି ନିଜକୁ ମଧ୍ୟ ଶାରୀରିକ କ୍ଷତି ପହଞ୍ଚାଇଥିଲେ। ତାକୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଶିଶୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଚାରି ଜଣ ଛାତ୍ର ଏବଂ ଦୁଇ ଜଣ ପୁଲିସ ଅଧିକାରୀଙ୍କୁ ସ୍ଥାନୀୟ କ୍ଲିନିକାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସାର ଆମଦାନି ଖର୍ଚ୍ଚ ୧୮ ବିଲିଅନ ଡଲାର ଛୁଇଁବ

ନୂଆଦିଲ୍ଲୀ, ୮/୨: ଚଳିତ ଆର୍ଥିକ ବର୍ଷରେ ଭାରତ ବିଦେଶରୁ ଆମଦାନି କରୁଥିବା ସାର ପରିମାଣ ବଢ଼ିବ। ଫଳରେ ସାର ଆମଦାନି ମୂଲ୍ୟ ୧୮ ବିଲିଅନ୍ ଡଲାରରେ ପହଞ୍ଚିଯିବା ଆକଳନ କରାଯାଉଛି। ଦେଶର କେତେକ ଅଞ୍ଚଳରେ ଚାଷୀମାନେ ଅଧିକ ଜମିରେ ଚାଷ କରିଥିବାରୁ ପୂର୍ବ ବର୍ଷ ଅପେକ୍ଷା ସାର ଚାହିଦା ବଢ଼ିଛି। ଫଳରେ ଡିଏପି ଓ ୟୁରିଆ ସାର ଆମଦାନି ଯଥେଷ୍ଟ ବୃଦ୍ଧି ପାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଇତିମଧ୍ୟରେ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ଭାରତକୁ ସାର ଆମଦାନି ୧୩.୯୮ ବିଲିଅନ୍ ଡଲାରରେ ପହଞ୍ଚିସାରିଛି। ଗତ ଆର୍ଥିକ ବର୍ଷରେ ସାର ଆମଦାନିରେ ଭାରତ ସରକାର ୧୦.୨୩ ବିଲିଅନ୍ ଡଲାର ଖର୍ଚ୍ଚ କରିଥିଲେ। କିନ୍ତୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ନଅ ମାସରେ ଏଥିରେ ୭୧ ପ୍ରତିଶତ ବୃଦ୍ଧି ଘଟି ସାରିଲାଣି। ସୂଚନାଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତର ସାର ଆମଦାନି ଖର୍ଚ୍ଚ ସର୍ବାଧିକ ଥିଲା। ସେହିବର୍ଷ ଭାରତ ୧୭.୨୧ ବିଲିଅନ୍ ଡଲାର ମୂଲ୍ୟର ସାର ଆମଦାନି କରିଥିଲା। ରୁଷ୍-ୟୁକ୍ରେନ୍ ଯୁଦ୍ଧ ପ୍ରଭାବରୁ ସାର ଆମଦାନି ଖର୍ଚ୍ଚ ଅଧିକ ହୋଇଥିଲା। ତେବେ ଚଳିତ ବର୍ଷ ଏହା ପୁଣି ନୂଆ ରେକର୍ଡ ଛୁଇଁବାର ସମ୍ଭାବନା ରହିଛି। ତେବେ ଚଳିତ ମୌସୁମୀ ଋତୁରେ ଭଲ ବର୍ଷା ହୋଇଥିବାରୁ ଭାରତୀୟ ଚାଷୀମାନେ ଅଧିକ ଜମିରେ ଚାଷ କାର୍ଯ୍ୟ କରିଛନ୍ତି। ତେଣୁ ଏହା ସାର ଚାହିଦାକୁ ବଢ଼ାଇ ଦେଇଛି ବୋଲି ଦେଶରେ ପ୍ରମୁଖ ସାର ଆମଦାନିକାରୀ ସଂସ୍ଥା 'ଇଣ୍ଡିଆନ୍ ପଟାସ୍'ର ନିର୍ଦ୍ଦେଶକ ପି ଏସ ଗେହଲଟ୍ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଗତ ବର୍ଷ ତୁଳନାରେ ଭାରତରେ ସାର ଚାହିଦା ୫ ପ୍ରତିଶତ ଅଧିକ ରହିଛି। ଫର୍ଟିଲାଇଜର ଆସୋସିଏସନ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଏସ୍ ଶଂକର ସୁବ୍ରମଣ୍ୟନ କହିଛନ୍ତି ଯେ ଭଲ ମୌସୁମୀ ବର୍ଷା ଯୋଗୁ ଧାନ ଚାଷ ଅଧିକ ହୋଇଛି। ଏହା ୟୁରିଆ ସାରର ଚାହିଦାକୁ ବଢ଼ାଇ ଦେଇଛି।

## ଗଲଓ୍ୱାନ୍ ସଂଘର୍ଷ ପରେ ଚୀନ୍ କରିଥିଲା ଗୁପ୍ତ ପରମାଣୁ ପରୀକ୍ଷଣ

ନୂଆଦିଲ୍ଲୀ,୮।୨: ଚୀନ୍ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛି ଆମେରିକା। ଅଭିଯୋଗ କରିଛି ଯେ ଗଲଓ୍ୱାନ୍ ଘାଟି ସଂଘର୍ଷର କିଛି ଦିନ ପରେ ଚୀନ୍ ଏକ ଗୁପ୍ତ ପରମାଣୁ ପରୀକ୍ଷଣ କରିଥିଲା। ଆମେରିକାର ଏହି ଅଭିଯୋଗ ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ବୃଦ୍ଧି କରିଛି। ଚୀନ୍ ଏବେ ଏହାର ଜବାବ ଦେଇଛି। ଆମେରିକା କହିଛି ଯେ ଚୀନ୍ ୨୨ ଜୁନ୍ ୨୦୨୦ ପରେ ଏକ ଗୁପ୍ତ ପରମାଣୁ ପରୀକ୍ଷଣ କରିଥିଲା। ଗଲଓ୍ୱାନ୍ ଘାଟିରେ ହୋଇଥିବା ମାରାତ୍ମକ ସଂଘର୍ଷର କିଛି ଦିନ ପରେ ଏହି ଘଟଣା ଘଟିଥିଲା, ଯେଉଁଥିରେ ୨୦ ଜଣ ଭାରତୀୟ ସୈନିକ ପ୍ରାଣ ହରାଇଥିଲେ। ଜେନେଭା ନିରସ୍ତ୍ରୀକରଣ ସମ୍ମିଳନୀରେ ପରମାଣୁ ପରୀକ୍ଷଣ ସମ୍ପର୍କରେ ଚୀନ୍ ବିରୁଦ୍ଧରେ ଆମେରିକା ଏହି ଅଭିଯୋଗ ଆଣିଛି। ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ଏବଂ ଅନ୍ତର୍ଜାତୀୟ ସୁରକ୍ଷା ପାଇଁ ଆମେରିକାର ଉପ-ସଚିବ ଥମାସ୍ ଡିନାନୋ କହିଛନ୍ତି, 'ମୁଁ ଏହା କହିପାରିବି ଯେ, ଚୀନ୍ ପକ୍ଷରୁ କରାଯାଇଥିବା ପରମାଣୁ ପରୀକ୍ଷଣ ବିଷୟରେ ଆମେରିକା ସବୁ କିଛି ଜାଣେ। ଚୀନ୍ ସେନା ପରମାଣୁ ବିସ୍ଫୋରଣକୁ ଲୁଚାଇବାକୁ ଚେଷ୍ଟା କରିଥିଲା କାରଣ ସେମାନେ ଜାଣିଥିଲେ ଯେ ଏହି ପରୀକ୍ଷଣଗୁଡ଼ିକ ନିଷିଦ୍ଧ କାର୍ଯ୍ୟକଳାପ। ଆମେରିକାର ପରମାଣୁ ଅସ୍ତ୍ରଶସ୍ତ୍ର ପରମାଣୁ ଚୁକ୍ତିର ସୀମା ମଧ୍ୟରେ ରହିଛି। ସେଭଳି ରୁଷର ବହୁତ ବଡ଼ ଭଣ୍ଡାରର କେବଳ ଛୋଟ ଅଂଶରେ କଟକଣା ଲଗାଯାଇଛି। ଏହା ବ୍ୟତୀତ, ନ୍ୟୁ ଷ୍ଟାର୍ଟ ଚୁକ୍ତିନାମା ଚୀନର କୌଣସି ପରମାଣୁ ଅସ୍ତ୍ରକୁ ଅନ୍ତର୍ଭୁକ୍ତ କରିନାହିଁ। ସେ ରଣନୈତିକ ସ୍ଥିରତା ଏବଂ ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ ପାଇଁ ଆମେରିକାର ଦୀର୍ଘକାଳୀନ ଦାବିକୁ ପୁନର୍ବାର ଦୋହରାଇଥିଲେ।

## ଭାରତକୁ ଫେରିଲେ ବିଦେଶୀ ନିବେଶକ

ନୂଆଦିଲ୍ଲୀ, ୮/୨: କ୍ରମାଗତଭାବେ ୩ ମାସ ହେଲା ଭାରତୀୟ ପୁଞ୍ଜି ବଜାରରୁ ଅଧିକ ମାତ୍ରାରେ ସେୟାର ବିକ୍ରି କରି ଆସୁଥିବା ବିଦେଶୀ ନିବେଶକମାନେ ସଂପ୍ରତି ଭାରତମୁହାଁ ହୋଇଛନ୍ତି। ଫେବ୍ରୁଆରିର ପ୍ରଥମ ସପ୍ତାହରେ ସେମାନେ ଯେତିକି ସେୟାର ବିକ୍ରି କରିଛନ୍ତି ତାହା ତୁଳନାରେ ଅଧିକ କିଣିଛନ୍ତି। ଇକ୍ୱିଟିରେ ୮୧୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛନ୍ତି। ବିଶେଷକରି ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ରାଜିନାମା ଢାଞ୍ଚା ଘୋଷଣାର ପ୍ରଥମ ସପ୍ତାହରେ ଏହା ହୋଇଛି। ଜାନୁଆରି ମାସରେ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରୁ ୩୫,୯୬୨ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ। ଡିସେମ୍ବରରେ ୨୨,୬୧୧ କୋଟି ଏବଂ ନଭେମ୍ବରରେ ୩୭୬୫ କୋଟି ଉଠାଇ ନେଇଥିଲେ। ୨୦୨୫ ମସିହାରେ ସେମାନେ ମୋଟ ୧.୬୬ ଲକ୍ଷ କୋଟି ଟଙ୍କା ବା ୧୮.୯ ବିଲିଅନ ଡଲାର ପ୍ରତ୍ୟାହାର କରି ନେଇଥିଲେ। ମୁଦ୍ରା ବିନିମୟ ବଜାରରେ ଅସ୍ଥିରତା, ବିଶ୍ୱରେ ଦେଖାଦେଇଥିବା ରଜେନୈତିକ ଓ ସାମରିକ ସମସ୍ୟା, ଶୁଳ୍କ ଲଢ଼େଇ ଆଦି କାରଣରୁ ଏପରି ହୋଇଥିଲା। ତେବେ ସୂଚନା ଅନୁଯାୟୀ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରେ ଫେବ୍ରୁଆରି ମାସର ପ୍ରଥମ ୬ ଦିନରେ ଭାରତରେ ୮୧୨୯ କୋଟି ଟଙ୍କା ନିବେଶ କରିଛନ୍ତି।

### ୱାସିଂଟନ ପୋଷ୍ଟକୁ ବଡ଼ ଝଟକା

## ଇସ୍ତଫା ଦେଲେ ସିଇଓ

ୱାସିଂଟନ, ୮/୨ : ଅଗ୍ରଣୀ ଗଣମାଧ୍ୟମ ସଂସ୍ଥା ୱାସିଂଟନ୍ ପୋଷ୍ଟର ସିଇଓ ତଥା ପ୍ରକାଶକ ୱିଲ୍ ଲୁଇସ୍ ହଠାତ୍ ଇସ୍ତଫା ଦେଇଛନ୍ତି। ଖବରକାଗଜ ଏହାର ଏକ ତୃତୀୟାଂଶ କର୍ମଚାରୀଙ୍କୁ ଛଟେଇ ଘୋଷଣା କରିବାର ମାତ୍ର ତିନି ଦିନ ପରେ ସେ ଏହି ପଦକ୍ଷେପ ନେଇଛନ୍ତି। ଛଟେଇ ନିଷ୍ପତ୍ତି ନ୍ୟୁଜରୁମ୍ ମଧ୍ୟରେ ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଥିଲା। ଲୁଇସ୍ ଶନିବାର ତାଙ୍କ କର୍ମଚାରୀମାନଙ୍କ ପାଖକୁ ପଠାଯାଇଥିବା ଏକ ସଂକ୍ଷିପ୍ତ ଇମେଲରେ ଇସ୍ତଫା ଘୋଷଣା କରି ତାଙ୍କ ନିଷ୍ପତ୍ତିକୁ ସମୟୋଚିତ ବୋଲି କହିଛନ୍ତି।ସୂଚନା ଅନୁଯାୟୀ, ଇମେଲରେ ଲୁଇସ୍ ଲେଖିଛନ୍ତି, ଦି ୱାସିଂଟନ୍ ପୋଷ୍ଟରେ ଦୁଇ ବର୍ଷ ପରିବର୍ତ୍ତନ ପରେ, ଏବେ ମୋ ପାଇଁ ପଦ ଛାଡିବାର ସଠିକ୍ ସମୟ। ମୁଁ ଜେଫ୍ ବେଜୋସ୍‌ଙ୍କ ପ୍ରତି ମୋର କୃତଜ୍ଞତା ପ୍ରକାଶ କରିବାକୁ ଚାହୁଁଛି। ସେ ମୋ କାର୍ଯ୍ୟକାଳ ମଧ୍ୟରେ ମୋତେ ସମର୍ଥନ କରିଛନ୍ତି। ଲୁଇସ୍ ସଂଗଠନର ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ କଷ୍ଟକର ନିଷ୍ପତ୍ତି ନେବା ବିଷୟରେ କହିଛନ୍ତି। ଯାହା ଦ୍ୱାରା ଦି ୱାସିଂଟନ୍ ପୋଷ୍ଟ ଆଗାମୀ ବର୍ଷଗୁଡ଼ିକରେ ମଧ୍ୟ ଲଗାତାର ଉଚ୍ଚମାନର ନିରପେକ୍ଷ ଖବର ପ୍ରସାରଣ କରିପାରିବ। ଲୁଇସ୍‌ଙ୍କ ଇସ୍ତଫା ଓ ଇମେଲ୍ କର୍ମଚାରୀ ତଥା ସାମ୍ବାଦିକଙ୍କ ପ୍ରତି ତାଙ୍କର ସମ୍ବେଦନହୀନ ମନୋଭାବ ନେଇ ତାଙ୍କୁ କଡ଼ା ସମାଲୋଚନା କରାଯାଉଛି। ଅନେକ ସୋସିଆଲ ମିଡିଆ ୟୁଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଜଣେ ୟୁଜର ମନ୍ତବ୍ୟ ଦେଇଛନ୍ତି, ମାଲିକଙ୍କ ପାଇଁ ପ୍ରଶଂସା, କିନ୍ତୁ କର୍ମଚାରୀଙ୍କ ପାଇଁ ପଦେ ବି ନୁହିଁ। ତାଙ୍କର ପାଠକ ପରିବର୍ତ୍ତେ ଗ୍ରାହକ ଶବ୍ଦ ବ୍ୟବହାର ଉପରେ ମଧ୍ୟ ପ୍ରଶ୍ନ ଉଠାଇଯାଇଛି।

# ଗୌରବ ଗୋଗୋଇ ଓ ତାଙ୍କ ପତ୍ନୀଙ୍କ ପାକିସ୍ତାନ ସଂଯୋଗର ହେବ ତଦନ୍ତ

ଗୌହାଟି,୮।୨: ଆସାମ କ୍ୟାବିନେଟ୍ କଂଗ୍ରେସ ସାଂସଦ ଗୌରବ ଗୋଗଇଙ୍କ କଥିତ ପାକିସ୍ତାନ ଲିଙ୍କ ସହିତ ଜଡିତ ମାମଲାକୁ କେନ୍ଦ୍ର ସରକାର ଗୃହ ମନ୍ତ୍ରଣାଳୟକୁ ପଠାଇବାର ନିଷ୍ପତ୍ତି ନେଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କ୍ୟାବିନେଟ୍ ବୈଠକ ପରେ ପ୍ରେସ ବ୍ରିଫିଙ୍ଗରେ କହିଛନ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ନିଜର ଯାଞ୍ଚ ରିପୋର୍ଟ ଦେଇଛି ଓ କ୍ୟାବିନେଟ୍ ସ୍ୱୀକାର କରିଛି ଯେ,ଏହା ଜାତୀୟ ସୁରକ୍ଷା ସହ ଜଡିତ। ବିଶ୍ୱ ଶର୍ମା କହିଛନ୍ତି ଯେ ଅଲି ତୌକିର ଶେଖଙ୍କ କଥିତ 'ଭାରତ ବିରୋଧୀ ଷଡ଼ଯନ୍ତ୍ର' ର ତଦନ୍ତ ପାଇଁ ଏକ ଏସ୍‌ଆଇଟି ଗଠନ କରାଯାଇଥିଲା, ଯେଉଁଥିରେ ଜଣେ ବ୍ରିଟିଶ ନାଗରିକ ଏବଂ ଜଣେ ଭାରତୀୟ ସାଂସଦଙ୍କ ସମ୍ପର୍କ ଥିବା ଜଣାପଡିଛି। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏହାକୁ ଗୃହ ମନ୍ତ୍ରଣାଳୟକୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଛି। ଏସଆଇଟି ରିପୋର୍ଟ ଏବଂ ଦାୟର ହୋଇଥିବା ଏଫ୍‌ଆଇଆର ମଧ୍ୟ କେନ୍ଦ୍ର ସରକାରଙ୍କୁ ପଠାଯିବ। ବିଧାନସଭା ନିର୍ବାଚନ ପୂର୍ବରୁ ଗୋଗୋଇଙ୍କ ଉପରେ ବିଶ୍ୱ ଶର୍ମାଙ୍କ ଅଭିଯୋଗ ବଡ଼ ରାଜନୈତିକ ବିବାଦରେ ପରିଣତ ହୋଇଛି। ବିଶ୍ୱ ଶର୍ମା ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ଦଳର ପାକିସ୍ତାନ ସହିତ ସମ୍ପର୍କ ଅଛି। ଗୋଗୋଇଙ୍କ ପତ୍ନୀ ପୂର୍ବରୁ ପାକିସ୍ତାନ ଏନ୍‌ଜିଓ ସହିତ ଜଡିତ ଥିଲେ ଏବଂ



ଗୋଗୋଇ ପୂର୍ବରୁ ପାକିସ୍ତାନ ଗସ୍ତ କରି ସାରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ସେ ସୂଚନା ପାଇଥିଲେ ଯେ ଗୌରବ ଗୋଗୋଇ ଏକ ପ୍ରତିନିଧି ମଣ୍ଡଳୀ ସହିତ ପାକିସ୍ତାନ ହାଇକମିଶନକୁ ଯାଇଥିଲେ ଏବଂ ତତ୍କାଳୀନ ପାକିସ୍ତାନ ହାଇକମିଶନର ଅବଦୁଲ ବାସିତଙ୍କୁ ଭେଟିଥିଲେ। ଏପରି ଭାବରେ କୌଣସି ନେତା ପାକିସ୍ତାନ ହାଇକମିଶନରକୁ କେବେ ଭେଟିନଥିବେ। ସେ ଏହା ମଧ୍ୟ କହିଛନ୍ତି ଯେ ଗୋଗୋଇ ଜଣେ ସାଂସଦ ହୋଇଥିବାରୁ ଏସ୍‌ଆଇଟି ପଚରାଉଚରା କରିନାହିଁ ଏବଂ ତାଙ୍କ ପଦବୀ ପ୍ରତି ସମ୍ମାନ ଜଣାଇ ଏହି ମାମଲାକୁ କେନ୍ଦ୍ର ସରକାରଙ୍କୁ ପଠାଯାଇଛି।

### ଟ୍ରମ୍ପଙ୍କ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ୍

# ଖେମିନିଙ୍କ ଅବସ୍ଥା ମାଦୁରୋଙ୍କ ପରି କରିବାକୁ ଥିଲା ଯୋଜନା



ୱାସିଂଟନ, ୮/୨: ଇରାନ ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଭୟଙ୍କର ଷଡ଼ଯନ୍ତ୍ରର ପର୍ଦ୍ଦାଫାସ୍ ହୋଇଛି। ଇରାନର ଜାତୀୟ ସୁରକ୍ଷା କମିଟିର ଉପାଧ୍ୟକ୍ଷ ମହମୁଦ ନବାଭିଆନ ରାଷ୍ଟ୍ରପତି ଟ୍ରମ୍ପଙ୍କ ଏକ ଅଜବ ବାର୍ତ୍ତା ସାର୍ବଜନୀନ କରିଛନ୍ତି। ଶୁକ୍ରବାର ଓମାନରେ ଦୁଇ ଦେଶ ମଧ୍ୟରେ ଆଲୋଚନା ଆରମ୍ଭ ହେବା ପୂର୍ବରୁ, ଟ୍ରମ୍ପ ଏକ ତୃତୀୟ ଦେଶ ମାଧ୍ୟମରେ ଇରାନକୁ ଏକ ପ୍ରସ୍ତାବ ପଠାଇଥିଲେ ଯେ, ଆମେ ଦୁଇଟି ଇରାନୀ ଘାଟି ଉପରେ ଆକ୍ରମଣ କରିବୁ ଏବଂ ତୁମେ ମଧ୍ୟ ତୁମର ଉପଯୁକ୍ତ ଜବାବ ଦେବ। ନବାଭିଆନ କହିଛନ୍ତି, ଇରାନ ବିନା ଦ୍ୱିଧାରେ ଜବାବ ଦେଇଛି ଯେ, ସେ ଯୁଗ ଗଲାଣି। ଏବେ ଆମେରିକାକୁ ନିଜ ପକ୍ଷର ହଜାର ହଜାର ମୃତ୍ୟୁ ଯେକୌଣସି ଭୁଲ୍‌ର ପରିଣାମ ପାଇଁ ଭୋଗିବାକୁ ପଡିବ। ଇରାନର ବୈଦେଶିକ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ସେ ଆଞ୍ଚଳିକ ମଧ୍ୟପ୍ରାଚ୍ୟ ଦେଶର ନେତାମାନଙ୍କୁ କହିବେ, ଆମେରିକା ସହିତ ଜଡିତ ଯେକୌଣସି କମ୍ପାନି କିମ୍ବା ସାମରିକ ଘାଟି ଏବେ ଇରାନର ଟାର୍ଗେଟ ହେବ। ନାବାଭିଆନ ୧୨ ଦିନିଆ ଯୁଦ୍ଧ ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, ଆମେରିକା ଭେନେଜୁଏଲାର ରାଷ୍ଟ୍ରପତି ମାଦୁରୋଙ୍କୁ ଅପହରଣ କରିବା ଭଳି ଇରାନରେ ଏକ ଷଡ଼ଯନ୍ତ୍ର ରଚିଥିଲା, କିନ୍ତୁ ଏହା ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ସୟଦ ମହମୁଦ ନବାଭିଆନ ଇରାନର ସିଆ ସମ୍ପ୍ରଦାୟର ଜଣେ ଧର୍ମଗୁରୁ ଓ ଶୀର୍ଷ ନେତାମାନଙ୍କ ମଧ୍ୟରେ ଅନ୍ୟତମ। ନବାଭିଆନ ଏକ ମୌଳବାଦୀ ଚିନ୍ତାଧାରା ପୋଷଣ କରନ୍ତି। ସେ ତେହେରାନ, ରେ, ଶେମିରାନାଟ ଓ ଇସଲାମଶାହରରୁ ସଂସଦର ସଦସ୍ୟ। ସେ ଜେସିପିଓଏ ପରମାଣୁ ଚୁକ୍ତିର ସମାଲୋଚକ ତଥା ପାଶ୍ଚାତ୍ୟ ଦେଶଗୁଡ଼ିକର ବିରୋଧୀ। ନବାଭିଆନଙ୍କୁ ଇରାନର ସର୍ବୋଚ୍ଚ ନେତା ଅଲି ଖେମିନିଙ୍କ ନିକଟତର ତଥା ବିଶ୍ୱସ୍ତ ବ୍ୟକ୍ତି ଭାବରେ ବିବେଚନା କରାଯାଏ।

## ଟ୍ରେନିଂ ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ, ୨ ଆହତ

ବିଜୟପୁର,୮।୨: କର୍ଣ୍ଣାଟକର ବିଜୟପୁରରେ ଏକ ପ୍ରାଇଭେଟ୍ ଟ୍ରେନିଂ ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ଦୁଇଜଣ ଆହତ ହୋଇଛନ୍ତି । ଆହତମାନେ କ୍ୟାପଟେନ ଏବଂ ଟ୍ରେନି ପାଇଲଟ୍ ଭାବରେ ଚିହ୍ନଟ କରାଯାଇଛି । ପୋଲିସ କହିଛି ଯେ ଇଞ୍ଜିନ୍ ଫେଲ୍ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଇଛି । ଖବର ଅନୁସାରେ, ବିଜୟପୁରା ଜିଲ୍ଲାର ବାଲେଶ୍ୱର ତାଲୁକାରେ ଏକ ରେଡ୍ ବାର୍ଡ ପ୍ରାଇଭେଟ୍ ଟ୍ରେନିଂ ଏୟାରକ୍ରାଫ୍ଟ ଦୁର୍ଘଟଣାଗ୍ରସ୍ତ ହୋଇଛି । ପ୍ରାରମ୍ଭିକ ସୂଚନା ଅନୁଯାୟୀ ଏହି ବିମାନରେ ଦୁଇଜଣ ଥିଲେ, ଯେଉଁମାନେ ଏହି



ଦୁର୍ଘଟଣାରେ ଆହତ ହୋଇଥିଲେ। ଆହତମାନଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଦ୍ୱାରା ଡାକ୍ତରଖାନା ନିଆଯାଇଥିଲା। ଘଟଣା ବିଷୟରେ ସୂଚନା ପାଇବା ପରେ ବାଲେଶ୍ୱର ପୋଲିସର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା । ଘଟଣାଟି ବାଲେଶ୍ୱର ତାଲୁକା ପୋଲିସ ଷ୍ଟେସନର କ୍ଷେତ୍ରାଧିକାର ମଧ୍ୟରେ ଘଟିଛି ।ଘଟଣାର ତଦନ୍ତ କରୁଥିବା ପୋଲିସ ଅଧିକାରୀ କହିଛନ୍ତି, ଏହା ରେଡ୍ ବାର୍ଡ ଆଭିଏସନ୍ ମାଲିକାନାରେ ଥିବା ଏକ ପ୍ରାଇଭେଟ୍ ବିମାନ । ଏହା କାଲାବୁରାଗିରୁ ବେଲାଗାଭି ଯାଉଥିବା ବେଳେ ଏହାର ଇଞ୍ଜିନରେ ଯାନ୍ତ୍ରିକ ସମସ୍ୟା ଦେଖାଦେଲା ଏବଂ ଏହା ହଠାତ୍ ଦୁର୍ଘଟଣାଗ୍ରସ୍ତ ହେଲା ।

# ବିବାହ ଏକ ସାମାଜିକ କର୍ତ୍ତବ୍ୟ, କେବଳ ଶାରୀରିକ ସମ୍ପର୍କ ନୁହେଁ: ମୋହନ ଭାଗବତ

ନାଗପୁର,୮।୨: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମୁଖ୍ୟ ମୋହନ ଭାଗବତ ରବିବାର ଦେଶର ଜନସଂଖ୍ୟା, ଅର୍ଥନୀତି ଏବଂ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଜର ମତ ରଖିଛନ୍ତି। ବିଶେଷ କରି ଜନସଂଖ୍ୟା ସନ୍ତୁଳନ ରକ୍ଷା ପାଇଁ ସେ '୩ ସନ୍ତାନ' ନୀତି ଏବଂ ପାରିବାରିକ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମୋହନ ଭାଗବତ କହିଛନ୍ତି ଯେ ବିବାହ କେବଳ ଦୁଇଜଣଙ୍କ ସମ୍ମତି ବା ଶାରୀରିକ ସନ୍ତୁଷ୍ଟି ପାଇଁ ନୁହେଁ, ବରଂ ଏହା ଏକ ସାମାଜିକ କର୍ତ୍ତବ୍ୟ। ସମାଜର ସନ୍ତୁଳନ ରକ୍ଷା ପାଇଁ ଶାସ୍ତ୍ର ଏବଂ ଚିକିତ୍ସା ବିଜ୍ଞାନ ଅନୁସାରେ ପ୍ରତି ପରିବାରରେ ତିନୋଟି ସନ୍ତାନ ରହିବା ଆବଶ୍ୟକ। ଜନସଂଖ୍ୟା ଅସନ୍ତୁଳନ ପାଇଁ ସେ ମୁଖ୍ୟତଃ ତିନୋଟି କାରଣ ଦର୍ଶାଇଛନ୍ତି। ସେଗୁଡିକ ହେଉଛି ଜନ୍ମ ହାର,




ଧର୍ମାନ୍ତରୀକରଣ ଏବଂ ଅନୁପ୍ରବେଶ। ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ସେ ସାଧାରଣ ନାଗରିକଙ୍କୁ ପ୍ରଶାସନର 'ଆଖି ଓ କାନ' ହେବାକୁ ପରାମର୍ଶ ଦେଇଛନ୍ତି। ଦେଶର ଆର୍ଥିକ ସ୍ଥିତି ଉପରେ ମତ ରଖି ସେ କହିଛନ୍ତି ଯେ କେବଳ ଜିଡିପି ଦେଶର ପ୍ରକୃତ ସ୍ଥିତି ଦର୍ଶାଇପାରିବ ନାହିଁ। ଜିଡିପି କେବଳ ରପ୍ତାନି ଓ ଆମଦାନୀର ଏକ ଆକଳନ। ଅର୍ଥନୀତିରେ ପରିମାଣ ଅପେକ୍ଷା ଗୁଣବତ୍ତା ଉପରେ ଅଧିକ ଧ୍ୟାନ ଦେବା ଉଚିତ। ଏହି ଅବସରରେ ସରକାରଙ୍କୁ ସଂଘ ନିୟନ୍ତ୍ରଣ କରୁଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, "ସରକାରରେ ଯେଉଁମାନେ ଅଛନ୍ତି, ସେମାନେ ହିଁ ସରକାର ଚଳାନ୍ତି। ଆମେ କୌଣସି 'ବ୍ୟାକ୍-ସିଟ୍ ଡ୍ରାଇଭିଂ' କରୁନାହୁଁ।" ତେବେ ଦେଶର ପ୍ରଗତି ପାଇଁ ସଂଘ ସବୁବେଳେ ସହଯୋଗ କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଦିଲ୍ଲୀରେ ହୋଇଥିବା ନିକଟତର ବିସ୍ଫୋରଣ ଘଟଣାକୁ ଉଦାହରଣ ଦେଇ ସେ ସାମାଜିକ ସଚେତନତା ଉପରେ ଜୋର ଦେଇଛନ୍ତି। ଏହାସହ ବାଂଲାଦେଶରେ ଥିବା ହିନ୍ଦୁମାନଙ୍କ ସୁରକ୍ଷା ପାଇଁ ବିଶ୍ୱସ୍ତରରେ ସମସ୍ତ ହିନ୍ଦୁ ଏକଜୁଟ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି ଯେ ଅନ୍ୟ ଉପରେ ନିର୍ଭର ନକରି ହିନ୍ଦୁମାନେ ନିଜ ଅଧିକାର ପାଇଁ ଏକାଠି ଲଢ଼ିବା ଉଚିତ।

# ପାକ୍ସ ସିଲିକାରେ ଯୋଗଦେବାକୁ ଭାରତକୁ ନିମନ୍ତ୍ରଣ କଲା ଆମେରିକା

ନୂଆଦିଲ୍ଲୀ/ୱାସିଂଟନ, ୮/୨: ଭାରତ ସହିତ ରଣନୈତିକ ସମ୍ପର୍କକୁ ଉନ୍ନତ କରିବା ପାଇଁ ଆମେରିକା ଏକ ପ୍ରମୁଖ ପଦକ୍ଷେପ ନେଇଛି। ଭାରତକୁ ପ୍ୟାକ୍ସ ସିଲିକା ପ୍ରୟାସରେ ଯୋଗଦେବା ପାଇଁ ଆନୁଷ୍ଠାନିକ ଭାବରେ ଆମେରିକା ନିମନ୍ତ୍ରଣ କରିଛି। ଏହି ପଦକ୍ଷେପ ଦୁଇ ଦେଶ ମଧ୍ୟରେ ସେମିକଣ୍ଡକ୍ଟର ଓ ପ୍ରଯୁକ୍ତିବିଦ୍ୟା ସହଯୋଗକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ। ଭାରତର ଅଂଶଗ୍ରହଣ ସିଲିକନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ କ୍ଷେତ୍ରରେ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ଯଥେଷ୍ଟ ସୁରକ୍ଷିତ ତଥା ସମୃଦ୍ଧ କରିବ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ପରେ, ପାକ୍ସ ସିଲିକା ରୂପରେ ଏକ ନୂତନ ରଣନୈତିକ ସହଭାଗୀତା ଉଭା ହୋଇଛି। ଆମେରିକାର ଅଧିକାରୀ ଜ୍ୟାକବ ହେଲବର୍ଗ ନିଶ୍ଚିତ କରିଛନ୍ତି, ଭାରତକୁ ଏହି ସ୍ୱତନ୍ତ୍ର ଗୋଷ୍ଠୀରେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ଭାରତ ସରକାର ଖୁବ୍ ଶୀଘ୍ର ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମାରେ ଆନୁଷ୍ଠାନିକ ଭାବରେ ସ୍ୱାକ୍ଷର କରିବେ। ଯାହା ଦୁଇ ଦେଶ ମଧ୍ୟରେ ଆର୍ଥିକ ଓ ରଣନୈତିକ ସମ୍ପର୍କକୁ ବୃଦ୍ଧି କରିବ। ଡିସେମ୍ବର ୨୦୨୫ରେ ଆରମ୍ଭ




ହୋଇଥିବା ପାକ୍ସ ସିଲିକା ମୁଖ୍ୟତଃ ସିଲିକନ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଯୋଗାଣକୁ ସୁରକ୍ଷିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହା ଉନ୍ନତ ଉତ୍ପାଦନ, ସେମିକଣ୍ଡକ୍ଟର,ଏଆଇ ଭିତ୍ତିଭୂମି ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଏକ ଦୃଢ଼ ଏବଂ ସମୃଦ୍ଧ ନେଟୱାର୍କ ମଧ୍ୟ ନିର୍ମାଣ କରିଛି। ଏଥିରେ ଯୋଗଦାନ ଦ୍ୱାରା ଭାରତ ଭବିଷ୍ୟତର ଉନ୍ନତ ପ୍ରଯୁକ୍ତିବିଦ୍ୟା ଓ ସମ୍ବଳଗୁଡ଼ିକୁ ସହଜରେ ପାଇପାରିବ ବୋଲି ଆଶା କରାଯାଉଛି। ଆମେରିକୀୟ ଅଧିକାରୀ ଜ୍ୟାକବ୍ ହେଲବର୍ଗ ପ୍ରକାଶ କରିଛନ୍ତି, ଭାରତ ଏବଂ ଆମେରିକା ଜାନୁଆରି ମାସରେ ଏହି ସହଭାଗୀତା ଉପରେ ସହମତ ହୋଇଥିଲେ। ଭାରତରେ ବଡ଼ ଖଣି ଏବଂ ପ୍ରକ୍ରିୟାକରଣ ପ୍ରକଳ୍ପ ଅଛି ଯାହା ବିଶ୍ୱ ଯୋଗାଣ ଶୃଙ୍ଖଳାରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ। ଆମେରିକା ବିଶ୍ୱାସ କରେ ଯେ, ଚୀନ୍ ତୁଳନାରେ ଭାରତର ଯୁବ ଓ ବୈଷୟିକ ପ୍ରଶିକ୍ଷିତ ଜନସଂଖ୍ୟା ଦେଶର ସବୁଠାରୁ ବଡ଼ ଶକ୍ତି। ପ୍ୟାକ୍ସ ସିଲିକାରେ ବର୍ତ୍ତମାନ ଅଷ୍ଟ୍ରେଲିଆ, ଯୁକ୍ତରାଜ୍ୟ, ଜାପାନ, ଇସ୍ରାଏଲ, ସିଙ୍ଗାପୁର, କତାର, ଦକ୍ଷିଣ କୋରିଆ, ୟୁଏଇ ଓ ଗ୍ରୀସ୍ ଭଳି ଦେଶ ଯୋଗ ଦେଇଛନ୍ତି। ଏହି ଗୋଷ୍ଠୀରେ ଭାରତକୁ ସାମିଲ କରି ଆମେରିକା ଚୀନ୍ ?ର ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବା ପାଇଁ ଏକ ବୃହତ ଓ ଶକ୍ତିଶାଳୀ ମଞ୍ଚ ନିର୍ମାଣ କରୁଛି। ଏହି ସହଯୋଗ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆର୍ଥିକ ସ୍ଥିରତା ଓ ପ୍ରଯୁକ୍ତିବିଦ୍ୟା ବିକାଶକୁ ଯଥେଷ୍ଟ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହି ଚୁକ୍ତିନାମା ଅନୁଯାୟୀ, ଭାରତ ଆମେରିକୀୟ ଶିଳ୍ପ ଓ କୃଷି ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବ କିମ୍ବା ସମାପ୍ତ କରିବ। ପ୍ରତିବଦଳରେ, ଆମେରିକା ଭାରତୀୟ ଉତ୍ପାଦ ଉପରେ ଶୁଳ୍କ ୧୮ ପ୍ରତିଶତକୁ ହ୍ରାସ କରିବାକୁ ସମ୍ପୂର୍ଣ୍ଣ ରାଜି ହୋଇଛି। ଏହି ଚୁକ୍ତିନାମା ବାଣିଜ୍ୟ ବୃଦ୍ଧି କରିବା ସହ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଜଟିଳତାକୁ ମଧ୍ୟ ଯଥେଷ୍ଟ ହ୍ରାସ କରିବ। ଯୁକ୍ତରାଷ୍ଟ୍ର ବିଶ୍ୱର ସର୍ବବୃହତ ଅର୍ଥନୀତି, ଯେତେବେଳେ ଭାରତ ଜନସଂଖ୍ୟା ଅନୁସାରେ ସବୁଠାରୁ ବୃହତ ଓ ଦ୍ରୁତ ଅଭିବୃଦ୍ଧିଶୀଳ ଦେଶ। ଏହି ଦୁଇଟି ବୃହତ ଗଣତନ୍ତ୍ର ମଧ୍ୟରେ ସହଭାଗୀତାର ସୁଯୋଗ ଅସୀମ ରହିଛି। ପାକ୍ସ ସିଲିକା ମାଧ୍ୟମରେ, ଉଭୟ ଦେଶ ସେମାନଙ୍କର ଶକ୍ତିକୁ ଏକତ୍ର କରି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ମୁକାବିଲା କରିପାରିବେ ବୋଲି ବିଶେଷଜ୍ଞ ମତପୋଷଣ କରିଛନ୍ତି।

# ବିବାହ ମଣ୍ଡପରୁ କନ୍ୟାଠୁ ଲୁଟ୍

■ ବରଯାତ୍ରୀ ବେଶରେ ଆସି ଚୋରି, ଖୋଜୁଛି ପୋଲିସ୍ ■ କନ୍ୟାର ଗିଫ୍ଟ ସହ ୩.୫ ଲକ୍ଷ ଟଙ୍କା ନେଇ ଫେରାର

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରର ଏକ ବିବାହ ମଣ୍ଡପରୁ କନ୍ୟାର ଗିଫ୍ଟ ଓ ବ୍ୟାଗରୁ ଟଙ୍କା ଲୁଟ ହୋଇଛି । ଏକ ବିବାହ ଉତ୍ସବ ମଧ୍ୟରେ ଏଭଳି ବଡ଼ ଧରଣର ଚୋରି ଘଟିଛି । କନ୍ୟାପକ୍ଷଙ୍କ ଗିଫ୍ଟ ସହ ବ୍ୟାଗରୁ ସାଢେ ୩ ଲକ୍ଷ ଟଙ୍କା ନଗଦ ଏବଂ ଅନ୍ୟାନ୍ୟ ଉପହାର ଚୋରି ଚୋର ଚଂପଟ ମାରିଛି । ଚୋର ବରଯାତ୍ରୀ ବେଶରେ ବିବାହ ମଣ୍ଡପକୁ ଆସି ଏହି ଅପରାଧ କରିଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ଥିବା ସିସିଟିଭି କ୍ୟାମେରାରେ ଚୋରର କାର୍ଯ୍ୟ ରେକର୍ଡ ହୋଇଛି । ଏହି ଆଧାରରେ ପୋଲିସ୍ ଅଭିଯୋଗ ପରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ବିବାହ ଉତ୍ସବ ଚାଲିଥିବାବେଳେ ଅତିଥିଙ୍କ ଭିଡ଼ ମଧ୍ୟରେ ଚୋର ସୁଯୋଗ ନେଇ କନ୍ୟାଙ୍କ ପାଖରେ ରଖାଯାଇଥିବା ଗିଫ୍ଟ ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲା । ବ୍ୟାଗରେ ନଗଦ ଟଙ୍କା ସହ ଅନ୍ୟାନ୍ୟ ମୂଲ୍ୟବାନ ଉପହାର ଥିଲା । ବିବାହ ସରିବା ପରେ କନ୍ୟାପକ୍ଷ ଏହା ଜାଣିବାକୁ ପାଇଥିଲେ । ଯାହାକୁ ନେଇ ତୁରନ୍ତ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ସିସିଟିଭି ଫୁଟେଜ ଯାଂଚ କରି ଚୋରକୁ ଧରିବାକୁ ଖୋଜା ଆରମ୍ଭ କରିଛି । ରିପୋର୍ଟ ଲେଖାହେବା ଯାଏଁ କୌଣସି ଗିରଫଦାରି ହୋଇନଥିବାବେଳେ ଖୁବଶୀଘ୍ର ଚୋର ବନ୍ଧାହେବେ ବୋଲି ପୋଲିସ୍ ପ୍ରତିଶ୍ରୁତି ଦେଇଛି । ଏହି ଘଟଣା ଭୁବନେଶ୍ୱରରେ ବିବାହ ଉତ୍ସବରେ ଚୋରିର ଏକ ନୂଆ ନୁହେଁ, ପୂର୍ବରୁ ସମାନ ଧରଣର ଅନେକ ଚୋରି ଘଟଣା ସାମ୍ନାକୁ ଆସିଛି । ୨୦୨୫ ଫେବୃଆରୀ ମାସ ୩ ତାରିଖରେ ଚନ୍ଦ୍ରଶେଖରପୁର ସୁର୍ଯ୍ୟାଂଶ ହୋଟେଲ ଆଣ୍ଡ ରିସର୍ଟରେ ଏକ ବିବାହ ଉତ୍ସବରେ ଦୁଇ ଚୋର କନ୍ୟାଙ୍କ ପାଖରୁ ଗିଫ୍ଟ ବ୍ୟାଗ୍ ଚୋରି କରି ୧୦ରୁ ୧୪ ଲକ୍ଷ ଟଙ୍କାର ଅଳଙ୍କାର ଓ ନଗଦ ଲୁଟି ନେଇଥିଲେ । ଭିଡ଼ର ସୁଯୋଗ ନେଇ ଚୋର ଘଟଣାସ୍ଥଳରୁ ଚଂପଟ ମାରିଥିଲେ । ପରେ ପୋଲିସ ଜଣକୁ ଗିରଫ କରିଥିଲା । ଖାଲି ସେତିକି ନୁହେଁ, ୨୦୨୫ ଫେବୃଆରୀ ୧୫ରେ ବିବାହ ମଣ୍ଡପରେ ଚୋରି କରୁଥିବା ଏକ ୨୦ ବର୍ଷୀୟ ଯୁବକଙ୍କୁ ମଧ୍ୟପ୍ରଦେଶରୁ ଗିରଫ କରାଯାଇଥିଲା । ସେ ୧୦ ଲକ୍ଷ ଟଙ୍କାର ଅଳଙ୍କାର ଚୋରି କରିଥିଲା । ସେହିପରି ୨୦୨୪ ଡିସେମ୍ବର ୧୪ରେ ପାହାଳ ଅଂଚଳରେ ବିବାହ ପ୍ରସ୍ତୁତି ଚାଲିଥିବା ସମୟରେ ୬ ଜଣିଆ ଡକାୟତ ୪୦ ଲକ୍ଷ ଟଙ୍କାର ଅଳଙ୍କାର ଲୁଟି ନେଇଥିଲା । ଏହି ଘଟଣାରେ, ବିବାହ ଉତ୍ସବର ଭିଡ଼ ଓ ଆନନ୍ଦପୂର୍ଣ୍ଣ ପରିବେଶକୁ ସୁଯୋଗ କରି ଚୋରମାନେ ଅପରାଧ କରୁଥିବା ନଜରକୁ ଆସିଛି । ବରଯାତ୍ରୀ ବେଶରେ ଆସି ଚୋରମାନେ ଗିଫ୍ଟ ବ୍ୟାଗ୍ କିମ୍ବା ଅଳଙ୍କାର ଟାର୍ଗେଟ କରୁଛନ୍ତି । ପୋଲିସ ପକ୍ଷରୁ ବିବାହ ମଣ୍ଡପରେ ଅଧିକ ସୁରକ୍ଷା ଓ ସିସିଟିଭି ନଜର ରଖିବାକୁ ପରାମର୍ଶ ଦିଆଯାଉଛି । କନ୍ୟା କିମ୍ବା ବରପକ୍ଷ ମଧ୍ୟ ଗିଫ୍ଟ ସାମଗ୍ରୀକୁ ସୁରକ୍ଷିତ ସ୍ଥାନରେ ରଖିବା ଉଚିତ୍ । ଏହି ଘଟଣା ଯୋଗୁଁ ବିବାହ ଉତ୍ସବର ଆନନ୍ଦ ମଧ୍ୟରେ ଚିନ୍ତାର ଛାୟା ପଡ଼ିଛି । ପୋଲିସ ଶୀଘ୍ର ଚୋରକୁ ଧରିବ ବୋଲି କହିଛି ।

## ୪୦୦ ଲିଟର ଦେଶୀ ମଦ ଜବତ ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ମୈତ୍ରୀ ବିହାର ଥାନା ପୋଲିସ ସାଲିଆସାହି ଅଂଚଳରେ ଅବାଧରେ ଚୋରା ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ଚଢ଼ଉ କରି ଜଣେ ମଦ ବେପାରୀକୁ ଗିରଫ କରିବା ସହ ତା' ହେପାଜତରୁ ୪ଶହ ଲିଟର ମଦକୁ ଜବତ କରିଛି । ଗିରଫ ନିଶା ବେପାରୀଙ୍କ ନାମ ଶାଳକୁ ତିରିଆ (୩୫) ବୋଲି ଜଣାପଡ଼ିଛି । ଚଢଉ ସମୟରେ ଅଭିଯୁକ୍ତ ଶାଳକୁ ତିରିଆ ନିଜ ଘରୁ କୌଣସି ବୈଧ ଲାଇସେନ୍ସ କିମ୍ବା ଆଇନସମ୍ମତ କର୍ତ୍ତୃପକ୍ଷଙ୍କ ଅନୁମତି ବିନା ଅବୈଧ ଭାବରେ ଦେଶୀ ମଦ ବିକ୍ରି କରୁଥିବା ଅବସ୍ଥାରେ ଧରାପଡ଼ିଥିଲେ । ତାଙ୍କ ନିକଟରୁ ୨୦ ଲିଟର କ୍ଷମତା ବିଶିଷ୍ଟ ୨୦ଟି ପ୍ଲାଷ୍ଟିକ୍ ବାଲଟିରେ ରଖାଯାଇଥିବା ୪୦୦ ଲିଟର ଅବୈଧ ପୋଚ ଜବତ କରାଯାଇଥିଲା । ରାସାୟନିକ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା ଓ ଅବଶିଷ୍ଟ ଜବତ ମଦକୁ ନଷ୍ଟ କରାଯାଇଥିଲା । ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଜବତ କାଗଜପତ୍ର ସହ ଥାନାରେ ହାଜର କରାଯାଇଥିଲା । ଏହା ଆଧାରରେ ମୈତ୍ରୀବିହାର ଥାନା ପୋଲିସ୍ ଘଟଣାର ତଦନ୍ତ କରିବା ସହ ତାକୁ କୋର୍ଟଚାଲାଣ କରିଛି ।

## ଦୁଷ୍କର୍ମ ଅଭିଯୋଗରେ କ୍ୟାମେରାମ୍ୟାନ ଗିରଫ

ଭୁବନେଶ୍ୱର(ନିପ୍ର): ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ରାଜଧାନୀର ଏକ ପ୍ରତିଷ୍ଠିତ କ୍ଲବ୍‌ର ଫଟୋଗ୍ରାଫରଙ୍କୁ ଗିରଫ କରିଛି । ତାଙ୍କ ନାମ ଚିନ୍ମୟ ବୋଲି ଜଣାପଡ଼ିଛି । ଗିରଫ କରାଯିବା ପରେ ତାଙ୍କୁ କୋର୍ଟଚାଲାଣ ହୋଇଛି । ଶନିବାର ସକାଳେ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯାଇଥିଲା । ଏହାପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ସେ ବିପିଓ ସଂସ୍ଥାରେ ପାର୍ଟଟାଇମ୍ କାମ କରୁଥିଲେ । ଉକ୍ତ କ୍ଲବ୍‌ରେ କଂପାନୀ କର୍ମଚାରୀମାନେ ଛୁଟିଦିନ ପାର୍ଟିଠାରୁ ଆରମ୍ଭ କରି ଅନ୍ୟ ଜନ୍ମଦିନ ପାର୍ଟି ପାଳନ କରନ୍ତି । ଏଠାରେ ଦେଢ ବର୍ଷ ତଳେ ଛାତ୍ରୀଙ୍କ ଫଟୋ ଉଠାଇ କ୍ଲବ୍‌ର ଫଟୋଗ୍ରାଫର ଛାତ୍ରୀଙ୍କ ନିକଟତର ହୋଇଥିଲେ । ପରବର୍ତ୍ତୀ ସମୟରେ ଫଟୋଗ୍ରାଫର ଅବିବାହିତ ବୋଲି ପରିଚୟ ଦେଇ ପ୍ରେମ ନିବେଦନ କଲେ । ଦେଢ ମାସ ତଳେ କୋର୍ଟରେ ବିବାହ କରିଥିଲେ । ବିବାହ ସଂପର୍କରେ ଫଟୋଗ୍ରାଫର ଛାତ୍ରୀ ମା'ଙ୍କୁ ମଧ୍ୟ ଜଣାଇଥିଲେ । ଏହାସହ ଉଭୟ ସାଙ୍ଗ ହୋଇ ଝାରପଡାରେ ଏକ ଭଡା ନେଇ ଦୁଇମାସ ରହିଥିଲେ । ହେଲେ ପରବର୍ତ୍ତୀ ସମୟରେ ଛାତ୍ରୀ ଜଣଙ୍କ ଜାଣିବାକୁ ପାଇଲେ ଯେ ବିବାହ ଅବୈଧ । ବିବାହ କୌଣସି କାରଣରୁ ସନ୍ଦେହ ପ୍ରକାଶ କରି ଫଟୋଗ୍ରାଫରଙ୍କ ପାଖରୁ ଦୂରେଇ ଯିବାକୁ ଚେଷ୍ଟା କରିଥିଲେ । ଏଣୁ ଫଟୋଗ୍ରାଫରଙ୍କ ପାଖରୁ ଜାନୁଆରୀ ୩୧ ତାରିଖରେ ଚାଲିଯିବାକୁ କହିଥିଲେ । ହେଲେ ଫଟୋଗ୍ରାଫର ଛାତ୍ରୀଙ୍କୁ ଯିବାକୁ ନ ଦେଇ ତାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବନ୍ଧକ ରଖି ହାତ ଗୋଡ ବାନ୍ଧି ବାରମ୍ବାର ଦୁଷ୍କର୍ମ କରିଥିଲେ । ଛାତ୍ରୀଙ୍କ ଭାଇ ଆସି ତାଙ୍କୁ ଉକ୍ତ ଘରୁ ଉଦ୍ଧାର କରିଥିଲେ ।

## ମନୀଷାଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନକଲେ ରାଷ୍ଟ୍ରପତି

ଭୁବନେଶ୍ୱର(ନିପ୍ର): ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଦୀକ୍ଷାନ୍ତ ସମାରୋହରେ ମୁଖ୍ୟଅତିଥି ରୂପେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଲେ, ପ୍ରତ୍ୟେକ କ୍ଷେତ୍ରରେ ପୁଅଙ୍କ ଠାରୁ ଝିଅମାନେ ଆଗରେ ରହିଛନ୍ତି । ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ମଧ୍ୟ ତାହାହିଁ ପରିଲକ୍ଷିତ ହୋଇଛି । ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଫକୀର ମୋହନ ମେଡିକାଲ କଲେଜ ଏମବିବିଏସ ପ୍ରଥମ ବ୍ୟାଚ ଟପ୍ପର ଅର୍ଥାତ ୨୦୨୩ ପାସ ଆଉଟ ସୁଶ୍ରୀ ମନୀଷା ମହାନ୍ତିଙ୍କୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସ୍ୱର୍ଣ୍ଣ ପଦକ ଓ ପ୍ରଶସ୍ତିପତ୍ର ପ୍ରଦାନ କରିଛନ୍ତି । ମନୀଷା ଚୂଡ଼ାନ୍ତ ପରୀକ୍ଷାରେ ୭ଟି ବିଷୟରେ ଅନର୍ସ ଲାଭ କରିଛନ୍ତି । ତାଙ୍କର ପିତା ଅଦ୍ୱୈତ କୁମାର ମହାନ୍ତି ଓ ସାନଭାଇ ଶିବାଶିଷ ମହାନ୍ତି ମଧ୍ୟେ ଡାକ୍ତର । ମାତା ଶ୍ରୀମତୀ ସବିତା ପଟ୍ଟନାୟକ କିଛି କାଳ ପାଇଁ ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟର କେମିଷ୍ଟ୍ରି ଅଧ୍ୟାପିକା ଥିଲେ । ମନୀଷାଙ୍କ ଏହି କୃତିତ୍ୱ ପାଇଁ ତାଙ୍କର ବଡବାପା ବରିଷ୍ଠ ସାମ୍ବାଦିକ ରାଧାଶ୍ୟାମ ମହାନ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଆଖୁରିଆ ଗ୍ରାମରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

କାକଟପୁର(ନିପ୍ର): ଆଜିର ସମାଜରେ ଲୋକେ ଆସ୍ତେ ଆସ୍ତେ ଧର୍ମ ଓ ଠାକୁରଙ୍କ ନାଁ ପାଇଁ ସମୟ ଦେଉଛନ୍ତି । ତେବେ ଯାହା ହେଉନା କାହିଁକି କାକଟପୁର ବ୍ଲକ ଅନ୍ତର୍ଗତ ସୁହାଣପୁର ପଞ୍ଚାୟତ ଆଖୁରିଆ ଗ୍ରାମରେ ଅଷ୍ଟପ୍ରହରୀ ମହୋତ୍ସବ ଅବସରରେ ହରିନାମ ସଙ୍କୀର୍ତ୍ତନ ଓ ଭାଗବତ ପାଠରେ କମ୍ପିଲା ସାରା ପରିବେଶ । ଆଖୁରିଆ ଗ୍ରାମବାସୀଙ୍କ ଦ୍ୱାରା ଦୀର୍ଘ ୨୮ ବର୍ଷ ହେଲା ହରି ନାମ ସଂକୀର୍ତ୍ତନ ଆୟୋଜନ ହେଉଛି । ନାମ ସଂକୀର୍ତ୍ତନ ସହ ଭାଗବତ ପାଠ ଓ ଟୁଙ୍ଗି ପ୍ରଚାର ପ୍ରସାର ସହ ଓଡ଼ିଆ ଅସ୍ମିତା ଓ ଐତିହ୍ୟକୁ ଉଜ୍ଜୀବିତ କରି ରଖିବା ପାଇଁ ହରିନାମ ସଙ୍କୀର୍ତ୍ତନ ଅଷ୍ଟପ୍ରହରୀ ମହୋତ୍ସବ ଓ ଭାଗବତ ପାଠ ତଥା ହରିହାଟ ଆୟୋଜନ କରାଯାଉଛି ବୋଲି ଗ୍ରାମବାସୀ ମାନେ ମତପୋଷଣ କରିଛନ୍ତି । ଏହି ଉତ୍ସବରେ ଆଖପାଖ ଅଞ୍ଚଳର ୧୦ରୁ ଅଧିକ ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ରସାମୃତ ପାନ କରିଥିଲେ । ଉତ୍ସବରେ ବିଭିନ୍ନ ଋଷିଙ୍କ ନାମରେ ୬୪ଟି କୁଟୀର କରାଯାଇ ଏକାଧାରାରେ ୬୪ ଜଣ ମହନ୍ତ ଭାଗବତ ପାଠ କରିଥିଲେ । ଯାହା ହରିହାଟ ନାମରେ ଅଭିହିତ । ଭାଗବତ ପାଠ ସହ ନାମ ସଂକୀର୍ତ୍ତନ ଓ ଭାବ ବିହ୍ୱଳ ହୋଇ ନୃତ୍ୟ କରିଥିଲେ ଗ୍ରାମବାସୀ । ଏହି କାର୍ଯ୍ୟକ୍ରମରେ ନିକଟ ଅଞ୍ଚଳର ୨ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ମାନେ ଯୋଗଦେଇଥିଲେ । ଉତ୍ସବକୁ ଗ୍ରାମର ସମସ୍ତ କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ ।

## ପୂର୍ବତନ ବିଧାୟକ ଅସୁସ୍ଥ: ଏମକେସିଜିରେ ଚିକିତ୍ସା




ବ୍ରହ୍ମପୁର(ନିପ୍ର): ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ବିକ୍ରମ କୁମାର ପଣ୍ଡା ଅସୁସ୍ଥ ହୋଇପଡ଼ିଛନ୍ତି । ରବିବାର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ମେଡିସିନ ଏବଂ ସର୍ଜରୀ ବିଭାଗରେ ବର୍ହିଚିକିତ୍ସା କରାଯାଇଥିଲା । ଚିକିତ୍ସା ପରେ ପୁଣି ତାଙ୍କୁ କାରାଗାରକୁ ଫେରାଇ ଆଣାଯାଇଛି । ଏମକେସିଜି ମେଡିକାଲକୁ ନେବା ସମୟରେ ଗଣମାଧ୍ୟମ ସମ୍ମୁଖରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ନିଜ ପ୍ରତିକ୍ରିୟା ରଖି କହିଥିଲେ ଯେ, ସେ ସଂପୂର୍ଣ୍ଣ ଭାବରେ ନିର୍ଦ୍ଦୋଷ । ରାଜନୈତିକ ଉଦ୍ଦେଶ୍ୟ ନେଇ ତାଙ୍କୁ ଫସାଇ ଦିଆଯାଇଛି ବୋଲି ସେ ଅଭିଯୋଗ କରିଥିଲେ । ପ୍ରଭୁ ଜଗନ୍ନାଥ ଓ ନ୍ୟାୟିକ ବ୍ୟବସ୍ଥା ଉପରେ ତାଙ୍କର ଦୃଢ଼ ବିଶ୍ୱାସ ରହିଛି ଏବଂ ସେ ନିଶ୍ଚୟ ନ୍ୟାୟ ପାଇବେ ବୋଲି କହିଥିଲେ । ଉଲ୍ଲେଖ ଯୋଗ୍ୟ ଯେ, ପୀତବାସ ପଣ୍ଡା ହତ୍ୟା ଘଟଣାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଅଭିଯୁକ୍ତ । ଗତ ୨୨ ଅକ୍ଟୋବରରେ ଉକ୍ତ ହତ୍ୟା ମାମଲାରେ ବ୍ରହ୍ମପୁର ପୋଲିସ ତାଙ୍କୁ ଗିରଫ କରିଥିଲା । ହତ୍ୟା ମାମଲାରେ ଏହା ପ୍ରଥମଥର ପାଇଁ ସେ ସାର୍ବଜନୀନ ଭାବେ ମୁହଁ ଖୋଲିଛନ୍ତି । ସେପଟେ, ଅସୁସ୍ଥତା କାରଣରୁ ମେଡିକାଲକୁ ଆଣାଯାଇଥିବା ସମୟରେ ପୂର୍ବତନ ବିଧାୟକଙ୍କ ସହ ପରିବାର ବର୍ଗଙ୍କୁ ସାକ୍ଷାତ କରିବା ସୁଯୋଗ ଦିଆଯାଇ ନଥିବା ନେଇ ଅଭିଯୋଗ ହୋଇଛି ।

## ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିଅନର ସାଧାରଣ ପରିଷଦ ବୈଠକ

## ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ

ନିରାକାରପୁର(ନିପ୍ର): ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ୟୁନିଅନର ସାଧାରଣ ପରିଷଦ ବୈଠକ ମା ରାମଚଣ୍ଡୀଙ୍କ ପବିତ୍ର ପୀଠରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ତପନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ରାଜ୍ୟ ସମ୍ପାଦକ



ପ୍ରସନ୍ନ କୁମାର ପାଇକରାୟ ଯୋଗଦେଇ ଜିଲ୍ଲା ସଂଗଠନର କାର୍ଯ୍ୟ ପନ୍ଥା ସମ୍ପର୍କରେ ପରାମର୍ଶ ଦେଇଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର ସଂପାଦକୀୟ ବିବରଣୀ ପାଠ କରିଥିବାବେଳେ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସୁଶାନ୍ତ କୁମାର ବିଶ୍ୱାଳ, ଜିଲ୍ଲା ଉପସଭାପତି ଶୟଦ ଅନସର୍ ଅଲ୍ଲୀ ,ବେଗୁନିଆ ବ୍ଲକ ସମ୍ପାଦକ ଚନ୍ଦନ କୁମାର ସୁନ୍ଦରାୟ,ଜଟଣୀ ବ୍ଲକ ସମ୍ପାଦକ ଶ୍ରୀକାନ୍ତ ପ୍ରଧାନ,ଟାଙ୍ଗୀ ବ୍ଲକ ସମ୍ପାଦକ ଶୁଭ୍ରାଂଶୁ ଭୁଷଣ ଚମ୍ପତିରାୟ ନିଜ ନିଜ ବ୍ୟକ୍ତବ୍ୟରେ ସଂଗଠନକୁ ପୂର୍ବାପେକ୍ଷା କିଭଳି ଆହୁରି ମଜଭୁତ କରାଯାଇ ପାରିବ ସେ ସମ୍ପର୍କରେ ଉଦବୋଧନ ଦେଇଥିଲେ । ପ୍ରାରମ୍ଭରେ ଖୋର୍ଦ୍ଧା ବ୍ଲକ ସମ୍ପାଦକ ରାଜେଶ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଧାନ କରିଥିବାବେଳେ ପରିଶେଷରେ ବେଗୁନିଆ ବ୍ଲକ ସମ୍ପାଦକ ଶ୍ରୀ ସୁନ୍ଦରାୟ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଡେଲିଭରି ବୟଠୁ ଚୋରି, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ଜଣେ ଡେଲିଭରି ବୟଙ୍କ ଠାରୁ ପାର୍ସଲ ଚୋରି କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପାଲିସ ରବିବାର ଜଣେ ଚୋରକୁ ଗିରଫ କରିଛି । ଗିରଫ ଚୋରର ନାମ ସୌମ୍ୟ ରଞ୍ଜନ ପ୍ରଧାନ ଓ ତାଙ୍କ ଘର ଚିନ୍ତାମଣିଶ୍ୱର ପ୍ରଧାନସାହିରେ ବୋଲି ଜଣାପଡ଼ିଛି । ଏନେଇ ଡେରିଭରି ବୟ ଶିବ ପ୍ରଧାନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ, ଅଭିଯୋଗକାରୀ ଏକ ଘରୋଇ ଅନଲାଇନ୍ ପ୍ଲାଟଫର୍ମରେ ପାର୍ସଲ ଡେଲିଭରିବୟ ଭାବେ କାମ କରୁଥିବାବେଳେ ଅକ୍ଟୋବର ମାସରେ ସେ ବୁଦ୍ଧେଶ୍ୱରୀ ରେଲୱେ ଆପାର୍ଟମେଂଟରେ ପାର୍ସଲ ଡେଲିଭରି କରୁଥିବା ସମୟରେ ପାର୍ସଲ ବ୍ୟାଗରେ ଥିବା ସାମଗ୍ରୀକୁ ବାଇକ୍ ନିକଟରୁ ଜଣେ ଅଜ୍ଞାତ ଅପରାଧୀ ଚୋରି କରି ନେଇଥିଲା । ତଦନ୍ତ ସମୟରେ ନିକଟସ୍ଥ ସିସିଟିଭି କ୍ୟାମେରାର ଫୁଟେଜ୍ ସଂଗ୍ରହ କରି ଯାଂଚ କରାଯାଇଥିଲା ଏବଂ ୮ ତାରିଖ ଦିନ ମିଳିଥିବା ସୂଚନା ଉପରେ କାର୍ଯ୍ୟ କରି ଅଭିଯୁକ୍ତ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ସନ୍ତୋଷୀ ବିହାର ସ୍ଥିତ ସନ୍ତୋଷୀ ମା ମନ୍ଦିର ନିକଟରୁ ଗିରଫ କରାଯାଇଥିଲା ।

## ବ୍ଲକ ଅଧ୍ୟକ୍ଷାଙ୍କୁ ନିଲମ୍ବନ କଲା ବିଜେଡ଼ି



କୃଷ୍ଣପ୍ରସାଦ(ନିପ୍ର): ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ବିଧାୟିକା ଉପାସନା ମହାପାତ୍ର ନିଜର ରାଜନୈତିକ ଗୋଟି ଚାଳନା ଆରମ୍ଭ କରିଛନ୍ତି । ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରୁ ବହୁ ବିଜେଡ଼ି ସମର୍ଥିତ ସରପଞ୍ଚ, ସମିତିସଭ୍ୟଙ୍କୁ ବିଜେପିରେ ସାମିଲ କରିବାରେ ସିଦ୍ଧହସ୍ତ ହୋଇଛନ୍ତି । ଏହା ତାଙ୍କ ପାଇଁ ଏକ ଟ୍ରେଲର ବୋଲି ସେ ପ୍ରକାଶ କରିଛନ୍ତି । ବିଜେଡ଼ିରୁ ବହୁ ଦକ୍ଷ ସଂଗଠକମାନେ ବିଜେପିରେ ଯୋଗଦେବା ପରେ ଦଳରେ ଆନନ୍ଦ ଖେଳି ଯାଇଥିବାବେଳେ ବିଜେଡ଼ି ଛାନିଆ ହୋଇ ଅନାସ୍ଥା ପ୍ରସ୍ତାବ ଭୟରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇଙ୍କୁ ଦଳରୁ ବହିଷ୍କୃତ କରିଥିବା ଜଣାଯାଇଛି । ଆଗାମୀ ଦିନରେ ବିଜେଡ଼ି ନେତୃତ୍ୱାଧୀନ କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବା ନିଶ୍ଚିତ ହୋଇପଡ଼ିଥିବା ବେଳେ ଭୟଭୀତ ହୋଇ ବିଜେଡ଼ି ଦଳ ଅଧ୍ୟକ୍ଷାଙ୍କୁ ଦଳ ବିରୋଧି ଆଳ ଦେଖାଇ ଦଳରୁ ବହିଷ୍କୃତ କରିଥିବା ଜଣାଯାଇଛି । ଏହା ସମଗ୍ର କୃଷ୍ଣପ୍ରସାଦ ଏବଂ ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଏନେଇ ଅଧ୍ୟକ୍ଷାଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ବିଜେପିର ମିଶ୍ରଣ ପର୍ବରେ ବିଜେଡ଼ିର ଲୋକ ପ୍ରତିନିଧିମାନେ ଯୋଗଦାନ ଦ୍ୱାରା ବିଜେଡ଼ିର ଅଧ୍ୟକ୍ଷା ପଦବୀ ବିଜେପି ହାତକୁ ଚାଲିଯିବା ଏକ ପ୍ରକାର ନିଶ୍ଚିତ ହୋଇପଡ଼ିଛି ।

## ଓଡିଶା ଜାପାନ ସାଂସ୍କୃତିକ ମହୋତ୍ସବ ଶୁଭାରମ୍ଭ




ପୁରୀ(ନିପ୍ର): ପାରସ୍ପରିକ ସଦ୍‌ଭାବନା ଓ ଭାଇଚାରାକୁ ସମୃଦ୍ଧ କରେ ସଂସ୍କୃତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ । ଏ କ୍ଷେତ୍ରରେ ଭାଷା ଆଦୌ ପ୍ରତବନ୍ଧକ ହୁଏନାହିଁ । ଏହାକୁ ଆଜି ପ୍ରମାଣ କରିଛନ୍ତି ଓଡିଶା ଜାପାନ କଳାକାରମାନେ । ତାଳବଣିଆ ପଡିଆରେ ଆଜିଠାରୁ ଆରମ୍ଭ ହୋଇଛି ଦୁଇଦିନିଆ ଓଡିଶା ଜାପାନ ସାଂସ୍କୃତିକ ମହୋତ୍ସବ । ଏହି ଅବସରରେ ଏସପି ପ୍ରତୀକ ସିଂ ଉପସ୍ଥିତ ରହି କଳାକାର ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମହୋତ୍ସବକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ସମ୍ପର୍କ ବୃଦ୍ଧିରେ ଏହା ସହାୟକ ହେବ ବୋଲି କହିଥିଲେ । ଜାପାନ ଏକ ସାହସୀ ଓ କଠିନ ପରିଶ୍ରମ କରୁଥିବା ଜାତି । ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ବ୍ୟାପକ କ୍ଷତି ସହିଥିଲେ ମଧ୍ୟ ସେମାନେ ସଂଘର୍ଷରୁ ଆଜି ସଫଳତା ପାଇ ଏକ ବିକଶିତ ରାଷ୍ଟ୍ରର ସୁନାମ ଅର୍ଜନ କରିଛନ୍ତି । ଓଡ଼ିଶା ମଧ୍ୟ ଏକ ଉନ୍ନତ ସଂସ୍କୃତି ସମ୍ପନ୍ନ ରାଜ୍ୟ । ଏହା ସହ କଳାର ଆଦାନ ପ୍ରଦର୍ଶନ ଉଭୟ ଭାରତ ଓ ଜାପାନର ସମ୍ପର୍କକୁ ଆହୁରି ମଜବୁତ କରିବ । ଆୟୋଜକ ଶ୍ରୀମନ୍ତ ଦାସ ଓ ତାଙ୍କ ଭାଇ କୁନା ଦାସଙ୍କ ସହଯୋଗରେ ଜାପାନରୁ ଅନେକ ପର୍ଯ୍ୟଟକ ଓ କଳାକାର ଓଡିଶା ବିଶେଷ କରି ପୁରୀ ଆସୁଛନ୍ତି । ସେମାନେ ମଧ ରଥଯାତ୍ରା, ଦୀପାବଳି, ହୋଲି ଇତ୍ୟାଦି ଓଡ଼ିଆ ପର୍ବରେ ସାମିଲ ହୋଇ ଆମ ସଂସ୍କୃତିକୁ ଭଲ ପାଇବା ଦେଉଛନ୍ତି । ଏହି ସମ୍ପର୍କ ଆହୁରି ଋଦ୍ଧିମନ୍ତ ହେଉ ବୋଲି ସେ କହିଥିଲେ । ପରେ ଜାପାନ କଳାକାର ମାନେ ସେମାନଙ୍କ ପାରମ୍ପରିକ ଜାପାନୀ ନୃତ୍ୟ ସଂଗୀତ ପରିବେଷଣ କରିଥିଲେ । ବିଶେଷକରି ଜାପାନ କଳାକାର ବଲିଉଡ଼ ସଙ୍ଗୀତ ଓ ନୃତ୍ୟକୁ ନିଖୁଣ ଭାବେ ପରିବେଷଣ କରି ଦର୍ଶକଙ୍କ କରତାଳି ସାଇଁଟି ଥିଲେ । କାର୍ଯ୍ୟକ୍ରମ କୁ ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

## ଦେଶୀମଦ ସହ ପୋଚ ନଷ୍ଟ: ମଦ ମାଫିଆ ଫେରାର

ଆଠଗଡ଼(ନିପ୍ର): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖଣ୍ଡୁଆଳୀ ସଂରକ୍ଷିତ ଜଙ୍ଗଲରେ ଖୁଣ୍ଟୁଣୀ ପୋଲିସ ପକ୍ଷରୁ ସକାଳ ସମୟରେ ବିଶେଷ ସୂତ୍ରରୁ ସୂଚନା ପାଇ ଚଢ଼ାଉ କରାଯାଇଥିଲା । ଉକ୍ତ ଚଢ଼ାଉରେ ଦେଶୀମଦ ୩୦ରୁ ୪୦ ଲିଟର ଓ ଗୁଡ଼ପୋଚ ୪୦୦୦



ଲିଟର ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି । ଭାଟିଗୁଡ଼ିକ ଭଙ୍ଗା ଯାଇଥିବାବେଳେ ମଦ ମାଫିଆ ଫେରାର ହୋଇଯାଇଛି । ପରବର୍ତ୍ତୀ ସମୟରେ ସେମାନଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି । ମଦ ମାଫିଆ ଫେରାର ଘଟଣାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଶୁକଳ ଡିଷ୍ଟିବ୍ୟୁଟାରୀ ସମ୍ପ୍ରସାରଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ପିପିଲି(ନିପ୍ର): ପୁରୀ ଜିଲ୍ଲା ପିପିଲି ଜଳସେଚନ ଉପଖଣ୍ଡ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସାତଶଙ୍ଖ ପାର୍ଶ୍ୱ ଶୁକଳ ଡିଷ୍ଟିବ୍ୟୁଟାରୀ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି । ଏହି କାର୍ଯ୍ୟକୁ ଜଣେ ଠିକାଦାର ନେଇଥିବା ବେଳେ ପୁରୀ ଜିଲ୍ଲା ଜଳସେଚନ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ, ପିପିଲି ଉପଖଣ୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସାତଶଂଖ ସେକ୍ସନ ଅଫିସର ସହକାରୀ ଯନ୍ତ୍ରୀଙ୍କ ଅଣନଜର ମଧ୍ୟରେ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି । ଉକ୍ତ ସମ୍ପ୍ରସାରଣ କାର୍ଯ୍ୟ ଆରଡି ୧୦.୦୦ କିମିଠାରୁ ୧୫.୦୦ କିମି ପର୍ଯ୍ୟନ୍ତ ପ୍ରାୟ ୬ କୋଟି ୬୧ ଲକ୍ଷ ବ୍ୟୟ



ଅଟକଳ ହୋଇଥିବା ବିଭାଗର ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜାଣିବାକୁ ମିଳିଛି । ଏହି କାର୍ଯ୍ୟ କେନାଲ ଭିତରେ ମାଟି ପକା ଯାଇ ଲେଭୁଲ କରାଯିବା ପାଇଁ ନିୟମ ଥିବା ବେଳେ ଠିକାଦାର କେନାଲ ବନ୍ଧ ବୁଲଡୋଜର ମାଧ୍ୟମରେ କାଟି ଲେଭୁଲ କରିଛନ୍ତି, ଯାହା କେନାଲ ବନ୍ଧ ଦୁର୍ବଳ ଦେଖାଦେବ । ସେହିଭଳି କେନାଲ ଗର୍ଭ ଓ ପାର୍ଶ୍ୱରେ ମୋରମ ବାଲି ମିକ୍ସ କରାଯାଇ ପାଣି ପଡି ଭାଇବେଟର ରୋଲିଙ୍ଗ ହେବା ପାଇଁ ନିୟମ ରହିଛି । ଠିକାଦାର ଏଭଳି କୌଣସି କାର୍ଯ୍ୟ ନକରି ବିଭାଗୀୟ ଅଧିକାରୀଙ୍କ ଅଜାଣତରେ ମନମୁଖି କାର୍ଯ୍ୟ କରିବା ଯୋଗୁଁ ଅଂଚଳର ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଏମିତିକି ଉକ୍ତ କାର୍ଯ୍ୟ ସମୟରେ ନିଯୁକ୍ତି ଥିବା ଖଲାସୀ କର୍ମଚାରୀଙ୍କୁ ନାଲି ଆଖି ଦେଖାଇ କାର୍ଯ୍ୟ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି । ଖବରପାଇ ପୁରୀ ଜଳସେଚନ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ, ପିପିଲି ଉପଖଣ୍ଡ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ଏବଂ ସାତଶଙ୍ଖ ସେକ୍ସନ ସହକାରୀ ଯନ୍ତ୍ରୀ କାର୍ଯ୍ୟ ତନଖି କରିବା ପାଇଁ ଶୁକ୍ରବାର ସନ୍ଧ୍ୟାରେ ପହଂଚି ଠିକାଦାରଙ୍କ ମନମୁଖି କାର୍ଯ୍ୟ ଓ ନିମ୍ନମାନର କାର୍ଯ୍ୟ ଦେଖି ଅସନ୍ତୋଷ ପ୍ରକାଶ କରି ଫେରିଥିବା କୁହାଯାଉଛି । ତେଣୁ ଏଦିଗରେ ଓଡିଶା ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନଜର ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ

ବ୍ରହ୍ମପୁର(ନିପ୍ର): କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍‌ଗୁଡ଼ିକର ମିଳିତ ମଞ୍ଚ ଓ ବିଭିନ୍ନ ସ୍ୱାଧୀନ ଫେଡରେସନ୍ ଓ ଆସୋସିଏସନ୍ ବୃନ୍ଦ ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚା, କୃଷକ ଓ ଗ୍ରାମୀଣ ଶ୍ରମିକ ୟୁନିଅନ୍‌ଗୁଡ଼ିକର ସମର୍ଥନରେ ୧୨ ଫେବୃଆରୀ ୨୦୨୬ରେ ସାରା ଦେଶବ୍ୟାପୀ ଏକ ଅଲ୍ ଇଣ୍ଡିଆ ସାଧାରଣ ଧର୍ମଘଟ ପାଇଁ ଆହ୍ୱାନ ଦିଆଯାଇଛି । ଏହି ଧର୍ମଘଟ ମୋଦି ସରକାରଙ୍କ ଦ୍ୱାରା ଶ୍ରମଜୀବୀ ଲୋକଙ୍କ ଅଧିକାର ଓ ଜୀବିକା ଉପରେ କ୍ରମାଗତ ଆକ୍ରମଣର ଏକ ଶକ୍ତିଶାଳୀ ଓ ଏକଜୁଟ ପ୍ରତିକ୍ରିୟା । ସରକାର ଚାରୋଟି କଠୋର ଶ୍ରମ ସଂହିତା (ଲେବର କୋଡ୍) ଲାଗୁ କରିଛନ୍ତି, ଯାହା ଶ୍ରମିକଙ୍କ କଷ୍ଟଲବ୍ଧ ଅଧିକାରକୁ ଛଡେଇ ନେଇଛି । ସାମୂହିକ ବୁଝାମଣାକୁ ଦୁର୍ବଳ କରିଛି । ଚାକିରି ସୁରକ୍ଷା, ନ୍ୟୁନତମ ମଜୁରି ଓ ସାମାଜିକ ସୁରକ୍ଷାକୁ ଅସ୍ୱୀକାର କରିଛି । ଶ୍ରମିକଙ୍କ ବଦଳରେ କର୍ପୋରେଟ୍ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଛି । ଏହି ସଂହିତାଗୁଡ଼ିକ ଶ୍ରମିକ ଶ୍ରେଣୀ ପ୍ରତି ବିଶ୍ୱାସଘାତକତା ଏବଂ ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ସିଧାସଳଖ ଆକ୍ରମଣ । ସରକାର ଜନବିରୋଧୀ ନୀତିଗୁଡ଼ିକୁ ମଧ ପ୍ରୋତ୍ସାହିତ କରୁଛନ୍ତି, ଯେପରିକି: ଘୃଣ୍ୟ ଶ୍ରମକୋଡ଼ର ବାତିଲ୍, ଦେଶର ସମ୍ବିଧାନ ଓ ତା'ର ୪ଟି ମୁଖ୍ୟ ଚରିତ୍ରର ସୁରକ୍ଷା, କାମ କରିବା ଅଧିକାରକୁ ମୌଳିକ ଅଧାକାର କରିବା । ଏମ୍.ଏନ୍. ରେଗା ଆଇନର ପୁନଃପ୍ରବର୍ତ୍ତନ, ଚିଠା ବିଦ୍ୟୁତ୍ ବିଲ୍ ଓ ଚିଠା ସାସ୍ଥ୍ୟ ଏବଂ ଶିକ୍ଷା ବିଲ୍ ବାତିଲ୍, କୃଷିଜାତ ଦ୍ରବ୍ୟର ଲାଭଜନକ ମୂଲ୍ୟ, କୃଷି ଋଣଛାଡ଼, ଇନ୍‌ପୁଟ୍ ସବ୍‌ସିଡ଼ି, ଜଙ୍ଗଲ ଅଧିକାର ଆଇନ କଡ଼ାକଡ଼ି ଲାଗୁ, ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ନିୟନ୍ତ୍ରଣ ଓ ଜି.ଏସ୍.ଟି ଛାଡ, ସର୍ବନିମ୍ନ ମାସିକ ୨୬,୦୦୦।- ଟଙ୍କା ମଜୁରି, ପୁରୁଣା ପେନ୍‌ସନ୍ ସ୍କିମ୍ ପ୍ରଚଳନ ଓ ସର୍ବନିମ୍ନ ପେନ୍‌ସନ୍ ମାସିକ ୯,୦୦୦।- ଟଙ୍କା, ଏମ୍.ଏନ୍. ରେଗାରେ ବର୍ଷକୁ ୨୦୦ ଦିନ କାମର ଗ୍ୟାରେଣ୍ଟି ଓ ଦୈନିକ ୬୦୦ ଟଙ୍କା ମଜୁରି, ଶ୍ରମିକଙ୍କୁ ଶ୍ରମିକର ମାନ୍ୟତା, ବୀମା ଓ ଆର୍ଥିକ କ୍ଷେତ୍ରରେ ୧୦୦% ବିଦେଶୀ ପୁଞ୍ଜି ନିବେଶ ବନ୍ଦ, ଦରଖାସ୍ତ ଦେବାର ୪୫ ଦିନ ମଧ୍ୟରେ ୟୁନିୟନମାନଙ୍କ ରେଜେଷ୍ଟ୍ରିକରଣ, ଦୈନିକ କାର୍ଯ୍ୟ ସମୟ ସର୍ବାଧିକ ୮ ଘଣ୍ଟା ଓ ମହିଳା ଶ୍ରମିକଙ୍କୁ ରାତ୍ରିରେ କାର୍ଯ୍ୟ ନ କରାଇବା, ଅତି ବୃହତ୍ ପୁଞ୍ଜିପତିଙ୍କ ଉପରେ ୨% ଟିକସ ବସାଇବା, କର୍ପୋରେଟ୍ ଟିକସ ବୃଦ୍ଧି ଓ ସମ୍ପତ୍ତିକର ଏବଂ ଉତ୍ତରାଧିକାରୀ ଟିକସ ପୁନଃପ୍ରଚଳନ କରିବା, ଦାବିରେ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି । ଏହି ନୀତିଗୁଡ଼ିକ କୋଟି କୋଟି ଶ୍ରମିକ, କୃଷକ, ଯୁବକ, ମହିଳା ଓ ଅନୌପଚାରିକ କ୍ଷେତ୍ରର ଶ୍ରମିକଙ୍କର ସ୍ୱାଧୀନତା ଅର୍ଥନୀତି ଓ ଜୀବିକାକୁ ବିପଦରେ ପକାଇଛି । ଶ୍ରମିକ ଶ୍ରେଣୀ ଏହି ଆକ୍ରମଣକୁ ସଫଳ ହେବାକୁ ଦେବ ନାହିଁ । ଏହି ବାର୍ତ୍ତା ନେଇ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ବ୍ରହ୍ମପୁର ସହର ସମେତ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ କ୍ଷୁଦ୍ର ସଭା କରାଯାଉଛି । ଏହା ସହିତ ସମସ୍ତ ପ୍ରଗତିଶୀଳ ସଂଗଠନ, ଟ୍ରେଜ୍ ୟୁନିଅନ, କୃଷକ ସଂଗଠନ, ଛାତ୍ର ସଂଗଠନ, ମହିଳା ସଂଗଠନ, ବିରୋଧୀ ରାଜନୈତିକ ଦଳ ଓ ସଚେତନ ନାଗରିକମାନଙ୍କୁ ଧର୍ମଘଟକୁ ସମର୍ଥନ ଦେବାକୁ କେନ୍ଦ୍ରୀୟ ଟ୍ରେଜ୍ ୟୁନିଅନ୍ ମିଳିତ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି ।

## ଜମିବାଡି ବିବାଦ : ବାପାର ଛୁରା ମାଡ଼ରେ ପୁଅ ମୃତ

କାମାକ୍ଷାନଗର: କଙ୍କାଡହାଡ ଥାନା ଅଧୀନ କମ୍ପୁଲେଇ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଜମିବାଡି ବିବାଦକୁ ନେଇ ବାପାର ଛୁରା ମାଡ଼ରେ ପୁଅ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ କ୍ଷୀରୋଦ ସାହୁ । କମ୍ପୁଲେଇ ଗ୍ରାମରେ ବିଭୂତି ସାହୁ ଓ ତାଙ୍କ ପୁଅ କ୍ଷୀରୋଦଙ୍କ ମଧ୍ୟରେ ଜମିବାଡିକୁ ନେଇ ଗଣ୍ଡଗୋଳ ହୋଇଥିଲା । ଏ ନେଇ କ୍ଷୀରୋଦ କଙ୍କଡାହାଡ ଥାନାରେ ଏତଲା ଦେବାକୁ ଯାଇଥିଲେ । ଏତଲା ଦେଇ ଫେରିବା ବେଳେ ବାଟରେ ବିଭୂତି ପୁଅ କ୍ଷୀରୋଦକୁ ଛୁରୀରେ ଆକ୍ରମଣ କରିଥିଲା । ଗୁରୁତର ଅବସ୍ଥାରେ କ୍ଷୀରୋଦଙ୍କୁ ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର କ୍ଷୀରୋଦଙ୍କୁ ମୃତ୍ୟୁ ଘଟିଥିଲା । ହତ୍ୟାକାଣ୍ଡ ପରେ ବାପା ବିଭୂତି ସାହୁ ଫେରାର ହୋଇଯାଇଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି ।




# ସରକାରଙ୍କୁ ବଦନାମ କରିବାକୁ ନକଲି ଚାଷୀ ଚେଷ୍ଟା କରୁଛନ୍ତି: ସମବାୟ ମନ୍ତ୍ରୀ

ଭୁବନେଶ୍ୱର, ୮।୨: ରାଜ୍ୟରେ ଧାନ କିଣାକୁ ନେଇ ତେଜୁଛି ଅସନ୍ତୋଷ । ଅନେକ ମଣ୍ଡିରେ ଚାଷୀ ଧାନ ବିକ୍ରି କରିବାକୁ ହନ୍ତସନ୍ତ ହେଉଛନ୍ତି । ମିଲରଙ୍କ ମନମାନି ଯୋଗୁଁ ମଣ୍ଡିରେ ଅମଳ ଧାନ ବର୍ଷା କାକର ଖାଉଛି । କେଉଁଠି କଟନଛଟନି ବି ଚାଷୀଙ୍କ ଦୁଃଖକୁ ଦୁଇଗୁଣା କରୁଛି । ଏହାକୁ ନେଇ ବିରୋଧୀ ବିଜେଡି ଆନ୍ଦୋଳନକୁ ଓହ୍ଲାଇଥିବା ବେଳେ ତାଙ୍କୁ ଚେକ୍ ଦେଇଛନ୍ତି ଶାସକ ଦଳୀୟ । ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ରାଜ୍ୟରେ ଧାନ କିଣା ପ୍ରକ୍ରିୟା ସଠିକ୍ ଭାବେ ଚାଲିଛି । କେବଳ ବଡ଼ ଚାଷୀ ବିରୋଧ କରୁଛନ୍ତି । ଗତବର୍ଷ ସେମାନେ ୫୦୦ କ୍ୱିଣ୍ଟାଲ ଧାନ ବିକିଥିଲେ ଏଥର କ୍ୟାପ୍ସ ୧୫୦ କ୍ୱିଣ୍ଟାଲ ହୋଇଥିବାରୁ ସେମାନେ ଟିକେ ଅସୁବିଧା ଭୋଗୁଛନ୍ତି । ଆସନ୍ତାବର୍ଷ ସେଥିପ୍ରତି ଦୃଷ୍ଟି ଦିଆଯିବ । ମିଲରଙ୍କ ପାଖେ ଜାଗା ନଥିବାରୁ କିଛି ସ୍ଥାନରେ ଧାନ କିଣା ପ୍ରକ୍ରିୟା ଟିକେ ଧିରେ ହେଉଛି । ପରବର୍ତ୍ତୀ ସମୟରେ ସେ ଧାନକୁ ଉଠାଯାଉଛି । ଯେଉଁମାନଙ୍କର ଟୋକେନ୍ ଲାପ୍ସ ହେଉଛି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ୧୫ ଦିନ ଟୋକାନ ଅବଧି ବୃଦ୍ଧି କରାଯାଉଛି । ଚଳିତବର୍ଷ ଅଧିକ ଚାଷ ହୋଇଛି । ଅନାବାଦୀ ଗୋଚର ଭଳି ଅନେକ ସ୍ଥାନରେ ଚାଷ ହୋଇଛି । ସେମାନଙ୍କୁ ନୋଟିସ ହୋଇଛି, ଏଥିରୁ ନ ଚେତିଲେ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ । ସରକାରଙ୍କୁ ବଦନାମ କରିବାକୁ ଫେକ୍ ଚାଷୀ ଚେଷ୍ଟା କରୁଛନ୍ତି । ସେଥିରେ ସେମାନେ ସଫଳ ହେବେନି । ସମସ୍ତ ଚାଷୀଙ୍କ ଧାନ ଉଠିବ । ଅନ୍ୟପଟେ ଏ ପ୍ରସଙ୍ଗରେ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ସରକାର ଏକ ମିଛ ଚାଷୀଙ୍କ ତାଲିକା ଦିଅନ୍ତୁ । ପ୍ରକୃତ ଚାଷୀଙ୍କ ତାଲିକା ଦେବାକୁ ସରକାର କୁଣ୍ଠାବୋଧ କରୁଛନ୍ତି । ସରକାର ଧାନ କିଣାରେ ବିଫଳ । ଚାଷୀ ଆକ୍ରୋଶର ଶିକାର ହେଲେଣି ସରକାର । ବିଜେପିରେ କେହି ଚାଷୀ ନଥିବେ । ହେଲେ ଛୋଟ ହେଉ କି ବଡ଼ ହେଉ, ରାଜ୍ୟରେ ଚାଷୀ ଅଛନ୍ତି । ସେହିପରି କଂଗ୍ରେସ ବିଧାୟକ ନୀଳ ମାଧବ ହିକକା ମଧ୍ୟ କହିଛନ୍ତି ଯେ, ଚାଷୀଙ୍କୁ ନକଲି କହି ଅନ୍ନଦାତାଙ୍କୁ ଅପମାନ କରୁଛନ୍ତି ସରକାର । ଏହା ବଡ଼ ଅପରାଧ ଓ ନିନ୍ଦନୀୟ । ଅନ୍ନଦାତା ଦେଶ ଚଳାଉଛନ୍ତି । ତାଙ୍କୁ କେମିତି ନକଲି କହୁଛନ୍ତି ସରକାର ? ସରକାର କ'ଣ ଯାଞ୍ଚ କରିଛନ୍ତି । ୩୧୦୦ ଟଙ୍କାରେ ଧାନ କିଣିବାର ମିଛ କହିଲେ ମିଛୁଆ ସରକାର ।



## କୋଣାର୍କ ଇକୋ ରିଟ୍ରିଟ୍‌ରେ ପରିଚୟ-୨୦୨୬

# କଣ୍ଟେଣ୍ଟ କ୍ରିଏଟର, କଳାକାର ଓ ଫଟୋଗ୍ରାଫର ସମ୍ବର୍ଦ୍ଧିତ



କୋଣାର୍କ, ୮।୨(ନିପ୍ର): ପୁରୀ-କୋଣାର୍କ ବେଳାମାର୍ଗ ରାମଚଣ୍ଡୀ ମୁହାଣ ନିକଟରେ କୋଣାର୍କ ଇକୋ ରିଟ୍ରିଟ୍ ପରିଚୟ-୨୦୨୬ ଅନୁଷ୍ଠିତ । ଫୁଡିଜ୍ ଅଫ ଭୁବନେଶ୍ୱର, ଚଲୋ ଓଡ଼ିଶା ପକ୍ଷରୁ ପର୍ଯ୍ୟଟନ ବିଭାଗ ସହଯୋଗରେ ଏହି କାର୍ଯ୍ୟକ୍ରମରେ ଶତାଧିକ ଡିଜିଟାଲ କ୍ରିଏଟର୍, ଫଟୋଗ୍ରାଫର, ଫିଲ୍ମମେକର, କଳାକାର ଓ କଥା କାହାଣୀକାରମାନେ ଏକ ମଞ୍ଚରେ ଏକତ୍ରିତ ହୋଇ ମତ ବିନିମୟ କରିଥିଲେ । ଅତିଥି ଭାବେ ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ, ପର୍ଯ୍ୟଟନ ସହ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ ପ୍ରମୁଖ ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ ।

# ପରୀକ୍ଷା ଶୃଙ୍ଖଳିତ ପରିଚାଳନା ଲାଗି ନିର୍ଦ୍ଦେଶ

ଭୁବନେଶ୍ୱର,୮।୨: ରାଜ୍ୟରେ ଆଗାମୀ ଦିନରେ ହେବାକୁଥିବା ବାର୍ଷିକ ମାଟ୍ରିକ ଏବଂ ଯୁକ୍ତ ଦୁଇ ପରୀକ୍ଷାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ଅଣ୍ଟା ଭିଡ଼ିଛି ପ୍ରଶାସନ। ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷା ପରିଚାଳନାରେ କୌଣସି ପ୍ରକାର ତ୍ରୁଟି କିମ୍ବା ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ବୈଠକରେ ସ୍ପଷ୍ଟ ଚେତାବନୀ ଦିଆଯାଇଛି ।ଚଳିତ ମାସ ଫେବୃଆରୀ ୧୮ ତାରିଖରୁ ବାର୍ଷିକ ଉଚ୍ଚ ମାଧ୍ୟମିକ (ଯୁକ୍ତ ଦୁଇ) ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ୧୯ ତାରିଖରୁ ମାଟ୍ରିକ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଅନୁଷ୍ଠିତ ହେବ।


**AFFIDAVIT**

By Virtue of an affidavit sworn before the court of the Executive Magistrate, Talcher, I, Arnav Sahani, doing work as Lingraj area, GM Office (MCL) employee At/Po-Dera, PS-Colliery, Dist.-Angul, Odisha-759103, has changed my name from Bam Bahadur to Arnav Sahani from today onwards , Henceforth I shall be known as Arnav Sahani for all purposes.
Sd/-ARNAV SAHANI


# ୧୩୪ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

କୁଚିଣ୍ଡା, ୮/୨(ନିପ୍ର): ଲୋକଙ୍କ ଦାବି ଅନୁଯାୟୀ ବିଭିନ୍ନ ସମସ୍ୟା ସମାଧାନ ପାଇଁ ମୋହନ ସରକାର କାମ କରୁଛି। ଗ୍ରାମାଞ୍ଚଳର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ସଂକଳ୍ପବଦ୍ଧ। ଲୋକଙ୍କ ସମସ୍ୟା ସମାଧାନ ହେଲେ ଗାଁର ଉନ୍ନତି ହେବ ବୋଲି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର ମନ୍ତ୍ରୀମୁଣ୍ଡାଠାରେ ବ୍ଲକସ୍ତରୀୟ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। କୁଚିଣ୍ଡା ବ୍ଲକ ଅନ୍ତର୍ଗତ ତେଲିତିଲେଇମାଲ ପଞ୍ଚାୟତର ମନ୍ତ୍ରୀମୁଣ୍ଡା ମିନି ଷ୍ଟାଡିୟମରେ ଆୟୋଜିତ ବ୍ଲକସ୍ତରୀୟ ସମାରୋହରେ ମନ୍ତ୍ରୀ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ (ବିକଶିତ ଗାଁ ବିକଶିତ ଓଡ଼ିଶା),ବିଧାୟକ ପାଣ୍ଠି ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ସମୂଦାୟ ୭ କୋଟି ୧୮ ଲକ୍ଷ ବ୍ୟୟ ଅଟକଳରେ ହେବାକୁ ଥିବା ୧୩୪ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କୁଚିଣ୍ଡା ଗୋଷ୍ଠି ଉନ୍ନୟନ ଅଧିକାରୀ ଜୟନ୍ତ ସାହୁଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର, କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ, ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଏମପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ତେଲିତିଲେଇମାଲ ସରପଞ୍ଚ ପ୍ରମୋଦ କିଷାନ, ସମିତିସଭ୍ୟା ସ୍ୱର୍ଣ୍ଣଲତା ଅଡା,ଭାଜପା ମଣ୍ଡଳ ସଭାପତି ଚୂଡ଼ାମଣି ମାକର ଓ ରାଜକୁମାର ରକ୍ସା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ନାଏକ ୫୧ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରୋତ୍ସାହନ ରାଶି,୫୦ ଜଣଙ୍କୁ ନିର୍ମାଣ ଶ୍ରମିକ କାର୍ଡ, ୭୭ଜଣ ହିତାଧିକାରୀଙ୍କୁ ଭତ୍ତା ଓ ୨ ଜଣଙ୍କୁ ରାସନ କାର୍ଡ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ଧନୁର୍ଜୟ ନାଏକ, ରାଜେନ୍ଦ୍ର କିଷାନ,ପିଙ୍କି ନାଏକ, ଥନେଶ୍ୱର ନାଏକ,ସମିତିସଭ୍ୟ ସମୀର କଉଡ଼ି, ସନ୍ତୋଷ ନାଏକଙ୍କ ସମେତ ୧୭ ଗୋଟି ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଯୋଗଦେଇଥିଲେ। ବ୍ଲକ ସେକ୍ସନ ଅଫିସର ତରୁଣ ପ୍ରସାଦ ବିଶ୍ୱାଳ ସଭା ପରିଚାଳନା କରିଥିବା ବେଳେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଜଗମୋହନ କିଶାନ ଧନ୍ୟବାଦ ଅର୍ପଣ କରିଥିଲେ।



# ରାଜସୁନାଖଳା ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୬ ଉଦ୍ଘାଟିତ

ରଣପୁର, ୮/୨(ନିପ୍ର): ନୟାଗଡ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳା ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ୨୨ତମ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଅଛି। ଫ୍ରେଣ୍ଡସ ସ୍ପୋର୍ଟସ କ୍ଲବର ସଭାପତି ପୂର୍ଣ୍ଣ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗଦେଇ ଉଦ୍ଘାଟନ କରିଥିଲେ। ୨୨ତମ ରାଜ୍ୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟର ଉଦଘାଟିତ ଦିବସରେ ଯଦୁମଣି କ୍ଲବ ନୟାଗଡ ଓ ଖୁଣ୍ଟକଟା ପରିଷଦ ଆଠଗଡ ମଧ୍ୟରେ ସଂଘର୍ଷପୂର୍ଣ୍ଣ, ଚିତାକର୍ଷକ ଖେଳ ହୋଇଥିଲା । ଖେଳର ପ୍ରଥମାର୍ଦ୍ଧରେ କୌଣସି ଦଳ କେହି କାହାରିକୁ ଗୋଲ ସ୍କୋର କରିପାରି ନଥିବା ବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ଏକ ଗୋଲ ସ୍କୋର କରି ଆଠଗଡ ଫୁଟୁବଲ ଦଳ ୧-୦ ଗୋଲରେ ଅଗ୍ରଣୀ ହୋଇ ଯଦୁମଣି ଫୁଟବଲ ଦଳକୁ ପରାସ୍ତକରି ବିଜୟୀ ହୋଇଥିଲା ।




## ଏସିଆନ ସୁଟିଂ ଚାମ୍ପିଅନସିପ୍

# ଚମକିଲେ କେନ୍ଦୁଝର ଝିଅ



କେନ୍ଦୁଝର, ୮/୨ : ସାହରପଡା ବ୍ଲକ ଉଦୟପୁର ଗ୍ରାମର କନ୍ୟା "ମାନ୍ୟତା ସିଂହ" ନୂଆଦିଲ୍ଲୀ ଠାରେ ଆୟୋଜିତ ଏସିଆନ୍ ସୁଟିଂ ଚାମ୍ପିୟନସିପ-୨୦୨୬ରେ ଚମକିଛନ୍ତି । ସେ ୧୦ ମିଟର ଏୟାର ରାଇଫଲ ମହିଳା ଜୁନିଅର ଇଭେଣ୍ଟରେ ପ୍ରଥମ ପଦାର୍ପଣରେ ସମୁଦାୟ ୨୪୯. ୭ ପଏଣ୍ଟ ହାସଲ କରି ଦେଶ ପାଇଁ ରୌପ୍ୟ ପଦକ ଅର୍ଜନ କରିଛନ୍ତି । କେନ୍ଦୁଝର ଜିଲା ଉଦୟପୁର ଗ୍ରାମର ସର୍ବଦମନ ସିଂହ ଓ ସ୍ମିତା ଦାସଙ୍କ ଝିଅ ହେଉଛନ୍ତି ମାନ୍ୟତା । ଏହି ଐତିହାସିକ ସଫଳତା କେବଳ ତାଙ୍କ ପରିବାର ପାଇଁ ନୁହେଁ ବରଂ ଗ୍ରାମ ଉଦୟପୁର ଓ ସମଗ୍ର ଓଡ଼ିଶା ତଥା ଦେଶ ପାଇଁ ଗର୍ବ ବଢ଼ାଇଛନ୍ତି ମାନ୍ୟତା । ସେ କଳିଙ୍ଗ ଷ୍ଟାଡିୟମ ଆଦିତ୍ୟ ବିର୍ଲା ଗଗନ ନାରଙ୍ଗ ସୁଟିଂ ଏକାଡେମୀରେ ନିଜର ଅଭ୍ୟାସ ଜାରି ରଖିଛନ୍ତି । ତାଙ୍କର ଏହି ସଫଳତା ପାଇଁ କେନ୍ଦୁଝର ଜିଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, କେନ୍ଦୁଝର ଜିଲା ବିଜେପିର ପୂର୍ବତନ ସଭାପତି ଅଂଶୁମାନ ସବୁଜ ମହାନ୍ତ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

## ପଦ୍ମଚରଣ ସାମନ୍ତସିଂହାର ଫୁଟବଲ ଉଦ୍‌ଯାପିତ

# ମିଶନ ଟାଇଗର ଦଳ ଚାମ୍ପିଅନ୍

ନିମାପଡ଼ା, ୮।୨(ନିପ୍ର): ନିମାପଡ଼ା ବାରବାଟି ପଡ଼ିଆରେ ଚାଲୁଥିବା ଏକାଦଶତମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ମିଶନ ଟାଇଗର ଫୁଟବଲ କ୍ଲବ୍ (ବାଲେଶ୍ୱର) ଘାଟିକିଆସ୍ଥିତ ବଜରଙ୍ଗ ଫୁଟବଲ କ୍ଲବ୍‌କୁ ୪-୨ ଗୋଲରେ ପରାସ୍ତ କରି ଚଳିତ ବର୍ଷ ଚାମ୍ପିଅନ୍ ହୋଇ ପୁରସ୍କୃତ ହୋଇଥିଲା । ବାଲେଶ୍ୱର ଦଳର ୧ ନମ୍ବର ଖେଳାଳୀ ମନୋଜ ମାଝୀ ୨ଟି ସୁକୁଲ ମୁର୍ମୁ ୨ଟି ଗୋଲ ଦେଇ ଦଳକୁ ବିଜୟୀ କରାଇ ଥିଲେ । ବଜରଙ୍ଗୀ ଦଳର ଚେତନ ନାୟକ, ସ୍ୱରବୁ ମଣ୍ଡଳ ପ୍ରତ୍ୟେକେ ଗୋଟିଏ ଲେଖାଏଁ ଗୋଲ ଦେଇ ପୁରସ୍କୃତ ହୋଇଥିଲେ । ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବାଲେଶ୍ୱର ଦଳର ୧୦ ନମ୍ବର ଖେଳାଳୀ ମନୋଜ ମାଝିଙ୍କୁ ପୁରସ୍କୃତ କରାଯାଇଥିଲା । ବିଜେପି ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଫୁଟବଲ ଟିମ୍ ପ୍ରଶିକ୍ଷକ ତଥା ବୈଷୟିକ ନିର୍ଦ୍ଦେଶକ ଅକ୍ଷୟ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିମାପଡ଼ା ଖେଳ ପଡ଼ିଆରୁ ଅନେକ ଖେଳାଳୀ ରାଜ୍ୟ ସ୍ତରରୁ ଯିବା ସହିତ କ୍ରୀଡ଼ା କୋଟାରେ ସରକାରୀ ଚାକିରୀ କରି ଅବସର ନେଇଥିବା ଘୋଷଣା କରିଥିଲେ ।

## ପ୍ରଥମ ଭିଜନ କୁଚିଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରାଉରକେଲାକୁ ହରାଇ ବ୍ରଜରାଜନଗର ଚାମ୍ପିଅନ

କୁଚିଣ୍ଡା,୮/୨(ନିପ୍ର): ସମ୍ବଲପୁର କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମଠାରେ ଚାଲିଥବା ପ୍ରଥମ ଭିଜନ କୁଚିଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅନ୍ତିମ ଦିବସରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଆମ୍ବିସନ କ୍ଲବ ବ୍ରଜରାଜନଗର ଏବଂ ୟୁଥ କ୍ରିକେଟ ଆସୋସିଏସନ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଫାଇନାଲ ମ୍ୟାଚରେ ବ୍ରଜରାଜନଗର ଦଳ ଟସ୍ ଜିତି ପ୍ରଥମେ ଫିଲଡିଂ କରିବା ନିଷ୍ପତ୍ତି ନେଇଥିଲେ। ରାଉରକେଲା ଦଳ ନିର୍ଦ୍ଧାରିତ ୨୫ ଓଭରରେ ୬ ଓ୍ୱିକେଟ ହରାଇ ୧୮୧ ରନ କରିଥିଲେ। ରାଉରକେଲା ଦଳର ସୁମିତ ଶର୍ମା ୪୮ ବଲରେ ୮୫ ରନ, ଆଦିତ୍ୟ ସାଗର ୪୬ ବଲରେ ୪୫ ରନ କରିଥିଲେ। ୧୮୨ ରନର ବିଜୟ ଲକ୍ଷ୍ୟକୁ ବ୍ରଜରାଜନଗର ଦଳ ୨୩.୪ ଓଭରରେ ୬ ଓ୍ୱିକେଟ ବିନିମୟରେ ହାସଲ କରି ନେଇଥିଲେ। ବ୍ରଜରାଜନଗର ଦଳର ଲକି ସିଂ ୫୬ ବଲରେ ୯୦ ରନ କରିଥିଲେ। ଫାଇନାଲ ମ୍ୟାଚରେ ଲକି ସିଂ ମ୍ୟାନ ଅଫ ଦି ମ୍ୟାଚ ଏବଂ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଥିଲେ। ଏହି ଫାଇନାଲ ମ୍ୟାଚକୁ ଓସିଏ ସ୍ୱୀକୃତି ପ୍ରାପ୍ତ ଅମ୍ପାୟର ଏମଡି ଇଶାକ ଏବଂ ସଞ୍ଜୟ ନାୟକ ପରିଚାଳନା କରିଥିଲେ। ଏହି ଫାଇନାଲ ମ୍ୟାଚକୁ କୁଚିଣ୍ଡା ସାମ୍ବାଦିକ ସଂଘ ସଭାପତି ଦିନେଶ ନନ୍ଦ, ବରିଷ୍ଠ ସାମ୍ବାଦିକ ସମ୍ବାଦ ପ୍ରତିନିଧି ଗଗନ ଶର୍ମା, ଓଟିଭି ପ୍ରତିନିଧି ଦେବେନ୍ଦ୍ର ବେହେରା, କନକ ନିଉଜ ପ୍ରତିନିଧି ତପନ ଦାଶ, ଅର୍ଗସ ପ୍ରତିନିଧି ସୌମ୍ୟ ରଞ୍ଜନ ଧଳ, ସମ୍ବାଦ ଗ୍ରାମୀଣ ପ୍ରତିନିଧି ବିଜୁ ସାହୁ, କୁଚିଣ୍ଡା ଟିଭି ପ୍ରତିନିଧି ରିଙ୍କୁ କୁସୁମ, ଆମର କୁଚିଣ୍ଡା ପ୍ରତିନିଧି ଚତୁର୍ଭୁଜ ଯଯପୁରିଆ, ଅମୂଲ୍ୟ ରାୟ ପ୍ରମୁଖ ଉପସ୍ଥିତ ରହି ଫାଇନାଲ ମ୍ୟାଚ ଶୁଭାରମ୍ଭ କରିଥିଲେ । ଫାଇନାଲ ମ୍ୟାଚ ଉଦ୍‌ଯାପନୀ ସମାରୋହରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ତାଙ୍କ ସହିତ ବିସିସିଆଇ ଲେବେଲ ୨ ପେନାଲ କୋଚ ସଞ୍ଜୀବ ପ୍ରସାଦ, ଟେନିସ କ୍ରିକେଟ ଆସୋସିଏସନ ଅଫ ଇଣ୍ଡିଆ ସାଧାରଣ ସମ୍ପାଦକ ସୈବାଲ ମିତ୍ର, ପୂର୍ବତନ କ୍ରିକେଟ ଖେଳାଳି ଖିତିଶ ଭୋଇ, ସୈଲେନ୍ଦ୍ର ନାଏକ, ପୁଲକେଶ ଦଶଭାୟା ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।





Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ